ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

◆VOLUME- 41 ◆ISSUE-147 ◆BHUBANESWAR ◆WEDNESDAY ◆22 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୪୭ ◆ଭୁବନେଶ୍ୱର ◆ବୁଧବାର ◆୨୨ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ପ୍ରିୟଙ୍କାଙ୍କ ଗ୍ରୀନ୍ ସିଗ୍ନାଲ୍‌କୁ ଅପେକ୍ଷା

▶ପୃଷ୍ଠା ୧୪ ଦେଖନ୍ତୁ...


DSPL-404

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର



# ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଆଉ ଏକ ବଳିଷ୍ଠ ପଦକ୍ଷେପ

## "ଷ୍ଟେଟ୍ ସପୋର୍ଟ ଟୁ ମହାତ୍ମା ଗାନ୍ଧୀ ନରେଗା" ଆଉ ୫ଟି ଜିଲ୍ଲାର ୧୦ଟି ବ୍ଲକ୍‌କୁ ସମ୍ପ୍ରସାରିତ

### ସାମିଲ ହୋଇଥିବା ଜିଲ୍ଲା ଓ ବ୍ଲକ୍:

| ଜିଲ୍ଲା | ବ୍ଲକ୍ |
|---|---|
| ଗଜପତି | ମୋହନା, ନୂଆଗଡ |
| କନ୍ଧମାଳ | ଫିରିଙ୍ଗିଆ, ବାଲିଗୁଡା |
| କୋରାପୁଟ | ବୋରିଗୁମ୍ମା, ଦଶମନ୍ତପୁର |
| ନବରଙ୍ଗପୁର | ଝରିଗାଁ, ପାପଡାହାଣ୍ଡି |
| ରାୟଗଡ | କାଶୀପୁର, କଲ୍ୟାଣସିଂହପୁର |

## ୭ଲକ୍ଷ ୩୩ ହଜାର ୩୮ ପରିବାର ଓ ୩ ଲକ୍ଷ ୮୩ ହଜାର ୮୬୬ ଶ୍ରମିକ ହେବେ ଉପକୃତ

**ମନରେଗା ଯୋଜନା ମାଧ୍ୟମରେ :**

- ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପ୍ରଦାନ
- ୩୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି
- ପ୍ରଥମ ୧୦୦ ଦିନ ପର୍ଯ୍ୟନ୍ତ, ଦୈନିକ ୧୧୫ ଟଙ୍କାର ଅତିରିକ୍ତ ମଜୁରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ
- ଦୈନିକ ୩୫୨ ଟଙ୍କା ହାରରେ ୨୦୦ ଦିନର ଅତିରିକ୍ତ ଶ୍ରମ ଦିବସ ଯୋଗାଣ

OIPR-19001/13/0073/2324

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

# ଉଦ୍ୟାନ କୃଷି ହେବ ଭୂତାଣୁବିହୀନ

**ଭୁବନେଶ୍ୱର, ୨୧।୧୧ (ସମିସ):** ପାରମ୍ପରିକ ଧାନ ଚାଷ ବଦଳରେ ପନିପରିବା ଓ ଫସଲ ଚାଷ ପ୍ରତି କୃଷକମାନଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଉଦ୍ୟମ କରୁଛନ୍ତି। ପରିବା ଓ ଫସଲର ବର୍ଦ୍ଧିତ ଚାହିଦା ଏବଂ ସରକାରଙ୍କ ପ୍ରୋତ୍ସାହନ ଦୃଷ୍ଟିରୁ ଚାଷୀମାନେ ବିବିଧ ଫସଲ ପ୍ରତି ଆଗଭର ମଧ ହେଉଛନ୍ତି। ଉଦ୍ୟାନ କୃଷି କ୍ଷେତ୍ର ସମୃଦ୍ଧି ଆଡ଼କୁ ଗତି କରୁଛି। କିନ୍ତୁ ଏଥିରେ ବଡ଼ ବାଧକ ସାଜିଛି ଫସଲରେ ଲାଗୁଥିବା ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ଭୂତାଣୁ। ଫସଲକୁ କ୍ଷତି କରୁଥିବା ଏପରି ଭୂତାଣୁଜନିତ ସମସ୍ୟା ଦୂର ହେବାକୁ ଯାଉଛି। ଭୂତାଣୁର ପ୍ରତିକାର ଲକ୍ଷ୍ୟରେ କୃଷି ବିଭାଗ ଭୁବନେଶ୍ୱରରେ ଏକ ଭାଇରସ୍ ଇଣ୍ଡେକ୍ସିଂ ଲାବରୋଟାରୀ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ସେଣ୍ଟ୍ରାଲ ହର୍ଟିକଲଚରାଲ୍ ଏକ୍ସପେରିମେଣ୍ଟ ଷ୍ଟେସନ୍ (ସିଏଚ୍ଇଏସ୍) ସହାୟତାରେ ଏହି ପରୀକ୍ଷାଗାର ପ୍ରତିଷ୍ଠା କରାଯିବ। ଲ୍ୟାବ୍ ପ୍ରତିଷ୍ଠା ଲାଗି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ଅଧୀନରେ ପାଣ୍ଠି ଯୋଗାଇ ଦିଆଯାଇଛି।

ଯୋଜନାନୁସାରେ, ଏହି ପରୀକ୍ଷାଗାରରେ ଉଦ୍ୟାନ କୃଷିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ଭୂତାଣୁ ଏବଂ ତତ୍‌ଜନିତ ରୋଗକୁ ନେଇ ପରୀକ୍ଷାନିରୀକ୍ଷା ହେବ। ଏହି ଲ୍ୟାବ୍ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ହେଉଛି, ଭୂତାଣୁବିହୀନ ଉଦ୍ୟାନ କୃଷିକୁ

## ପ୍ରତିଷ୍ଠା ହେବ ଭାଇରସ୍ ଇଣ୍ଡେକ୍ସିଂ ଲ୍ୟାବ୍

ସୁନିଶ୍ଚିତ କରିବା। ମୁଖ୍ୟତଃ ତିନିଟି ଦିଗ ଉପରେ ଏହା କାର୍ଯ୍ୟ କରିବ। ପ୍ରଥମେ ସର୍ଭେ କରି ବିଭିନ୍ନ ଅଞ୍ଚଳରେ ଉଦ୍ୟାନ କୃଷିରେ ଦେଖାଦେଉଥିବା ରୋଗ ଓ ଭୂତାଣୁ ଚିହ୍ନଟ କରିବା, ଦ୍ୱିତୀୟରେ ନମୁନାକୁ ପରୀକ୍ଷା କରି ତାହାର ବର୍ଗୀକରଣ କରିବା ଏବଂ ଶେଷରେ ଗବେଷଣାଲବ୍ଧ ସୂଚନାର ଡକ୍ୟୁମେଣ୍ଟେସନ୍ (ବିବରଣୀ ଲିପିବଦ୍ଧ) କରିବା।

ପନିପରିବା ଓ ଫଳ ଚାଷରେ ଦେଖାଦେଉଥିବା ରୋଗ ଭୂତାଣୁକୁ ନେଇ ଗବେଷଣାର ଅଭାବ ରହିଛି। ତେଣୁ ଅନେକ ସମୟରେ ରୋଗ ପୋକ ଜନିତ କ୍ଷତିରୁ ବର୍ତ୍ତିବା ଚାଷୀଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଭାଇରସ୍ ଇଣ୍ଡେକ୍ସିଂ ଲ୍ୟାବ୍‌ର ପରିକଳ୍ପନା କରାଯାଇଥିଲା। ବିଚାରବିମର୍ଶ ପରେ ଏହାର ପ୍ରତିଷ୍ଠା ଓ ପରିଚାଳନା ଦାୟିତ୍ୱ ସିଏଚ୍ଇଏସ୍ ଉପରେ ନ୍ୟସ୍ତ କରାଯାଇଛି।

ଏଥିରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ବର୍ତ୍ତମାନ ଲ୍ୟାବ୍ ପ୍ରସ୍ତୁତ ହୋଇସାରିଛି। ବିଭିନ୍ନ ଜିଲ୍ଲାରେ ସର୍ଭେ କରି ଉଦ୍ୟାନ କୃଷି ସମ୍ପର୍କିତ ନମୁନା ଓ ରିପୋର୍ଟ ସଂଗ୍ରହ କରାଯାଉଛି। ଏହାକୁ ଆଣି ଭାଇରସ୍ ଇଣ୍ଡେକ୍ସିଂ ଲ୍ୟାବ୍‌ରେ ବୈଜ୍ଞାନିକମାନେ ବିଶ୍ଳେଷଣ ଏବଂ ଆନୁସଙ୍ଗିକ ଗବେଷଣା କରି ରିପୋର୍ଟ ପ୍ରସ୍ତୁତ କରିବେ। ଅନେକ ସମୟରେ ବାହାରୁ ଆମଦାନୀ ହେଉଥିବା ବିହନ ଅବା ମଞ୍ଜିରେ କେଉଁ ପ୍ରକାର ଭୂତାଣୁ ରହିଛି, ତାହା ମଧ ଏହି ଲ୍ୟାବ୍‌ରେ ପରୀକ୍ଷା ହୋଇପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଭୂତାଣୁର ପ୍ରତିକାର ବ୍ୟବସ୍ଥା କରାଯିବ। ଏ ସମ୍ପର୍କରେ ଚାଷୀ, କୃଷି ସଂଗଠନ, ଟିସ୍ୟୁ କଲଚର୍ କାର୍ଯ୍ୟରେ ନିୟୋଜିତ ସଂସ୍ଥା ଏବଂ ଅନ୍ୟ ହିତାଧିକାରୀଙ୍କୁ ପ୍ରଶିକ୍ଷଣ ଦେବା ଲାଗି ପଦକ୍ଷେପ ନିଆଯିବ। ଏଥିସହ ଗବେଷଣାରୁ ହସ୍ତଗତ ସୂଚନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ। ଗବେଷଣାରୁ ହସ୍ତଗତ ଗୁରୁତ୍ୱପୂର୍ଣ୍ଣ ସୂଚନା ସମ୍ପର୍କିତ ରିପୋର୍ଟ ଅନ୍ୟମାନଙ୍କ ପାଇଁ ମଧ ଉପାଦେୟ ହୋଇପାରିବ ବୋଲି ସେ କହିଛନ୍ତି।

କୃଷିରେ ରୂପାନ୍ତରଣ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇଛନ୍ତି। ଫଳସ୍ୱରୂପ ଅନେକ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ସମେତ ସାଧାରଣ ଚାଷୀ ଉଦ୍ୟାନ କୃଷି ପ୍ରତି ଆକୃଷ୍ଟ ହେଉଛନ୍ତି। ଅନେକ ସମୟରେ ପରିବା ଓ ଫଳ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଏଥିରେ କ୍ରମାଗତ ଭାବେ ଆତ୍ମନିର୍ଭରଶୀଳ ଆଡ଼କୁ ଅଗ୍ରସର ହେଉଛି। ଏପରିସ୍ଥଳେ ପରିବା ଓ ଫଳକୁ ଭୂତାଣୁମୁକ୍ତ କରିବା ଲାଗି ପ୍ରତିଷ୍ଠା ହେବାକୁ ଯାଉଥିବା ଭାଇରସ୍ ଇଣ୍ଡେକ୍ସିଂ ଲ୍ୟାବ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।

■ ଅଶାନ୍ତ ନାରାୟଣପୁର

# ପୁଣି ଜଣେ ଯୁବକଙ୍କୁ ବୀଭତ୍ସ ହତ୍ୟା

**ବ୍ରହ୍ମପୁର,୨୧।୧୧(ସମିସ):** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗାଁ ଅଶାନ୍ତ ହୋଇପଡ଼ିଛି। ଗାଁ ଦାଣ୍ଡରେ ଦୁନିଆ ସାହୁଙ୍କୁ ହତ୍ୟା ଘଟଣାକୁ ମାସଟିଏ ବିତି ନଥିବା ବେଳେ ଆଜି ପୁଣି ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ମୃତକ ହେଲେ, ଶଙ୍କର ବିଷୋୟୀ(୩୫)। ଗତ ରାତିରେ ଶଙ୍କର ଘରେ ଏକୁଟିଆ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏକ କାଠଫାଳିଆ ଓ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଛି। ଆଜି ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସାଇଣ୍ଟିଫିକ୍ ଟିମ୍ ସହ ସଦର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ପାଖରୁ ପୁଲିସ୍ ରକ୍ତଭିଜା ଏକ କାଠଫାଳିଆ ଉଦ୍ଧାର କରିଛି। ଶଙ୍କରଙ୍କ ବଡ଼ଭାଇ ସତ୍ୟବାନ ବିଷୋୟୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାରୁ ଶଙ୍କରଙ୍କୁ ହତ୍ୟା କରାଯାଇଥିବା ପୁଲିସ ଅନୁମାନ କରୁଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି, ସେ ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି ବୋଲି ଥାନା ଅଧିକାରୀ ଅନୀତା ସାହୁ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ମଧ ପହଞ୍ଚି ତଦନ୍ତ କରିଥିଲେ।

**ଶୋଇଥିବା ବେଳେ କାଠଫାଳିଆ ପିଟିପିଟି ମାରିଦେଲା**

ପ୍ରକାଶ ଥାଉ କି, ଅକ୍ଟୋବର ୨୭ତାରିଖ ସନ୍ଧ୍ୟାରେ ଗାଁ ଦାଣ୍ଡରେ ଦୁର୍ଦ୍ଦାନ୍ତ ଅପରାଧୀ ଦୁନିଆ ସାହୁଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଦୁନିଆ, ତାଙ୍କ ମାଆ କୁନି ସାହୁ ଓ ସାନଭାଇ ଆଲୋକ ସାହୁ ଘରେ ଥିବା ବେଳେ ପଡ଼ୋଶୀ ଦୁର୍ଯ୍ୟୋଧନ ସ୍ୱାଇଁ ଓ ଅନ୍ୟ ସହଯୋଗୀମାନେ ଘରେ ପଶି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଦୁନିଆଙ୍କ ମୃତ୍ୟୁ ଘଟିଥିଲା। ଏହି ହତ୍ୟାକାଣ୍ଡକୁ ମାସେ ନପୂରୁଣୁ ନାରାୟଣପୁରରେ ଗତରାତିରେ ଘଟିଥିବା ଏହି ହତ୍ୟା ଘଟଣା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

■ ବିଜେପିର ବ୍ଲକ୍ ଘେରାଉ ପାଇଁ ବୁହା ହେଉଥିଲେ

# ଟ୍ରାକ୍ଟର୍ ଓଲଟି ୨ ମୃତ; ୨୦ରୁ ଊର୍ଦ୍ଧ୍ୱ ଆହତ

**ପାତ୍ରପୁର, ୨୧।୧୧ (ସମିସ):** ବ୍ଲକ୍ ଘେରାଉ ପାଇଁ ନିରୀହ ଆଦିବାସୀଙ୍କୁ ଟ୍ରାକ୍ଟର୍‌ରେ ବୁହା ହେଉଥିଲା। ଦୁର୍ଭାଗ୍ୟକୁ ଟ୍ରାକ୍ଟର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ମଞ୍ଜୁସା ଥାନା ଅଧୀନ ତାଳଗୁରାଣ୍ଡି ଗ୍ରାମରେ ମଙ୍ଗଳବାର ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, କୁସମଲା ଗ୍ରାମର ଜଗନ୍ନାଥ ଭୂୟାଁ ଓ ଗୁଡ଼ିପଦର ଗ୍ରାମର ଈଶ୍ୱର ଶବର। ମଞ୍ଜୁସା ଥାନା ପୁଲିସ ଆହତମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଇବା ସହ ଶବଦ୍ୱୟକୁ ବ୍ୟବଚ୍ଛେଦ ଲାଗି ପଠାଇ ଦେଇଛି। ଆହତମାନେ ହେଲେ, ମମତା କାର୍ଯୀ, ସନ୍ତୋଷ ଶବର, ସୁନାରୀ ଶବର, ଗୁରୁନାଥ ଶବର, ରାଜୁ ଶବର, ଶ୍ରୀପତି ଶବର, ଗଣେଶ ଶବର, ପ୍ରସାଦ ଭୂୟାଁ, ଜଗା ଶବର, ମଙ୍ଗଳା ଶବର, ଶୁକ୍ରୁ ଶବର, ଲକ୍ଷ୍ମୀ କାର୍ଯୀ ପ୍ରମୁଖ। ଏମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ପଲାସା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ସୂଚନାନୁଯାୟୀ, ବିଜେପି ପକ୍ଷରୁ ଆଜି ଟିକିଟି ବ୍ଲକ୍ ଘେରାଉ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ୨୫ରୁ ଊର୍ଦ୍ଧ୍ୱ ଗରିବ, ନିରୀହ ଆଦିବାସୀମାନଙ୍କୁ ଏକ ଟ୍ରାକ୍ଟର୍‌ରେ ଲଦି ଟିକିଟି ଅଭିମୁଖେ ନିଆଯାଉଥିଲା। ଟ୍ରାକ୍ଟର୍‌ଟି ଆନ୍ଧ୍ରପ୍ରଦେଶ ମଞ୍ଜୁସା ଥାନା ଅଧୀନ ତାଳଗୁରାଣ୍ଡି ଗ୍ରାମ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇବାରୁ ଟ୍ରାକ୍ଟର୍‌ର ଡାଲାଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

● ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

# ମିଳିମିଶି ମାରିଦେଲେ ପୁଅ-ବୋହୂ!

**ନୀଳଗିରି, ୨୧।୧୧(ସମିସ):** ବୃଦ୍ଧ ବାପାକୁ ପିଟିପିଟି ମାରିଦେଲେ ପୁଅ-ବୋହୂ। ମଙ୍ଗଳବାର ନୀଳଗିରି ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ମୃତକ ହେଲେ, ଔପଦା ବ୍ଲକ୍ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଓତାସାହି ଗ୍ରାମର ରାମଚନ୍ଦ୍ର ପଣ୍ଡା। ରାମଚନ୍ଦ୍ରଙ୍କ ଝିଅ ସୁକାନ୍ତୀ ଦାସ ଏ ସଂପର୍କରେ ଅଭିଯୋଗ କରିବାରୁ ଦାହସଂସ୍କାର ପାଇଁ ନିଆଯାଉଥିବା ଶବକୁ ଜବତ କରି ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ଅଧାବାଟରୁ ଶବ ଜବତ କଲା ପୁଲିସ**

ଏହି ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କର ଦେହାନ୍ତ ହୋଇଥିଲା। ଆଜି ତାଙ୍କର ମରଶରୀରକୁ ସ୍ୱର୍ଗଦ୍ୱାର ଅନ୍ତିମ ସଂସ୍କାର ପାଇଁ ନେବାପାଇଁ ସଜବାଜ ହେଉଥିଲା ବେଳେ ଉକ୍ତ ଗ୍ରାମରେ ବିବାହ କରିଥିବା ଝିଅ ସୁକାନ୍ତୀ ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ସଙ୍ଗେସଙ୍ଗେ ଈଶ୍ୱରପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ଭାଇ ଓ ଭାଉଜ ମିଳିତ ଭାବେ ମାନସିକ ବିକାରଗ୍ରସ୍ତ ବାପାଙ୍କୁ ପିଟିପିଟି ମାରି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ପୁଲିସର ଏକ ଟିମ୍ ଗାଁରେ ପହଞ୍ଚି ଅଧାରାସ୍ତାରୁ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାସହ ତାଙ୍କ ପୁଅଙ୍କୁ ଏ ସମ୍ପର୍କରେ ପଚରାଉଚରା କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ପଦାକୁ ଆସିବ। ପରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ବୌଦ୍ଧରେ ମାଓବାଦୀ-ପୁଲିସ ଗୁଳି ବିନିମୟ

**ବୌଦ୍ଧ, ୨୧।୧୧ (ସମିସ):** ମଙ୍ଗଳବାର ବୌଦ୍ଧ ଜିଲ୍ଲାର ରାବଣେଶ୍ୱର ଜଙ୍ଗଲରେ ମାଓବାଦୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଛି। ପ୍ରାୟ ୪୫ ମିନିଟ୍ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଖସି ପଳାଇଥିବା ସୂଚନା ମିଳିଛି। ଏଥିରେ ଉଭୟ ପକ୍ଷରୁ କେହି ମୃତାହତ ହୋଇନଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି।

**ବିପୁଳ ମାଓ ସାମଗ୍ରୀ ଜବତ**

ଗତ ୧୬ ତାରିଖରେ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିବା ପରେ ପୁଲିସ୍ କମ୍ବିଂ ଅପରେସନ୍ ଆରମ୍ଭ କରିଥିଲା। ମନମୁଣ୍ଡା ଥାନା ଅନ୍ତର୍ଗତ ଶଗଡ଼ା ଫାଣ୍ଡି ରାବଣେଶ୍ୱର ଜଙ୍ଗଲରେ ୩୫ରୁ ୪୦ଜଣ ପୁରୁଷ ଓ ମହିଳା ସଶସ୍ତ୍ର ମାଓବାଦୀ ଥିବା ଜଣାପଡ଼ିଥିଲା। ୧୯ ତାରିଖ ସକାଳେ ଜିଲ୍ଲା ପୁଲିସର ଏସ୍ଓଜି ଏବଂ ଡିଭିଏଫ୍ ଯବାନ କମ୍ବିଂ ଅପେରସନ୍ ଜାରୀ ରଖିଥିବା ବେଳେ ମାଓବାଦୀମାନେ ପୁଲିସ ଉପରକୁ ଗୁଳି କରିଥିଲେ। ପ୍ରାୟ ୪୫ ମିନିଟ୍ ଧରି ଉଭୟ ପକ୍ଷରୁ ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ସ୍ଥାନ ପରିତ୍ୟାଗ କରି ସେଠାରୁ ପଳାଇଥିବା ଜଣାପଡ଼ିଛି। ପୁଲିସ ସେଠାରୁ ବିଭିନ୍ନ ମାଓ ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ତିନିଟି ଇଲେକଟ୍ରିକ ଡେଟୋନେଟର୍, ଦୁଇଟି ଖାଲିଥିବା ଏସ.ବି.ଜି.ଏଲ., ବ୍ୟାଟେରୀ, ଇଲେକଟ୍ରିକ ତାର, ଛୁରୀ, ଟାଙ୍ଗିଆ, ଖାଦ୍ୟ ସାମଗ୍ରୀ, ପୋଷାକ ଏବଂ ମହିଳାମାନଙ୍କ



ଅନ୍ତବସ୍ତ୍ର, କଣ୍ଡୋମ, ଗର୍ଭ ନିରୋଧକ ବଟିକା, ଆଲୁମିନିୟମ ରୋଷେଇ ଉପକରଣ, ଦଉଡ଼ି, କ୍ୟାମ୍ପିଂରେ ବ୍ୟବହୃତ ପ୍ଲାଷ୍ଟିକ ସିଟ୍ ଇତ୍ୟାଦି ଜବତ ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ ପକ୍ଷରୁ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏବେ ସୁଦ୍ଧା କମ୍ବିଂ ଅପରେସନ୍ ଜାରୀ ଥିବା ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

# ଅର୍ଚ୍ଚନା ନାଗ ଜାମିନ ମାମଲା; ହାଇକୋର୍ଟରେ ରାୟ ସଂରକ୍ଷିତ

**କଟକ,୨୧।୧୧(ସମିସ):** ବହୁଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ଜାମିନ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ତାଙ୍କର ଗିରଫଦାରୀ ବେଆଇନ ଦର୍ଶାଇ କେତେକ ନୂତନ ତଥ୍ୟ ଓ ଦସ୍ତାବିଜ୍‌କୁ ଆବେଦନକାରୀଙ୍କ ପକ୍ଷରୁ ଅଦାଲତରେ ଦାଖଲ କରାଯାଇଥିଲା। ଏହି ମାମଲାରେ ପ୍ରତିପକ୍ଷ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିବା ବେଳେ ଅଦାଲତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଅର୍ଚ୍ଚନାଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅର୍ଚ୍ଚନାଙ୍କୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନା ମାମଲାରେ ଜାମିନ ମିଳି ସାରିଥିଲେ ମଧ ଇଡି ମାମଲା ବିଚାରାଧୀନ ଥିବାରୁ ସେ ଜେଲ୍‌ରୁ ମୁକୁଳି ପାରିନାହାନ୍ତି। ପ୍ରକାଶ ଯେ ବ୍ଲାକ୍‌ମେଲ୍ ଘଟଣାରେ ଅର୍ଚ୍ଚନାଙ୍କ ଗିରଫଦାରୀ ପରେ କଳା ଟଙ୍କା କାରବାର ନେଇ ଇଡି ମାମଲା ରୁଜୁ କରି ତଦନ୍ତ କରିଥିଲା। ଅର୍ଚ୍ଚନା ନାଗ, ଜଗବନ୍ଧୁ ଚାନ୍ଦ ଓ ଖଗେଶ୍ୱର ପାତ୍ରଙ୍କ ସହ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବିରୋଧରେ ସ୍ୱତନ୍ତ୍ର ଅଦାଲତରେ ଇଡି ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ନିକଟରେ ଇଡି ମାମଲାରେ ଜଗବନ୍ଧୁଙ୍କ ଜାମିନ ମଞ୍ଜୁର କରିଥିଲେ ହାଇକୋର୍ଟ। ଅର୍ଚ୍ଚନାଙ୍କ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ୍ ଓ ଇଡି ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## କୁମୁଳାସିଂରେ ମହାବଳ ଆତଙ୍କ

# ଗୁହାଳରୁ ଘୋଷାଡ଼ି ନେଇ ଖାଇଲା ଗାଈ

**ରାୟଗଡ଼/ପାରଳାଖେମୁଣ୍ଡି,୨୧।୧୧(ସମିସ):** ପାଖାପାଖି ମାସେ ପରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଦେବଗିରି ବନାଞ୍ଚଳର କୁମୁଳାସିଂ ପଞ୍ଚାୟତରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ସୋମବାର ରାତିରେ ବାଘଟି ଅଁଳାବର ଗ୍ରାମର ବାସନ ଶବରଙ୍କ



ଏକ ଗାଈକୁ ଗୁହାଳରୁ ଘୋଷାଡ଼ି ନେଇ ମାରି ଖାଇଥିବା ଜଣାପଡ଼ିଛି। ଗୁହାଳଠାରୁ ପ୍ରାୟ ୨ଶହ ମିଟର ଦୂରରେ ଗାଈର ଅଧାଖିଆ ଶବ ଓ ବାଘ ପାଦଚିହ୍ନ ମିଳିବା ପରେ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଖବର ପାଇ ମଙ୍ଗଳବାର ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପାଦଚିହ୍ନରୁ ଏହା ଏକ ମହାବଳ ବାଘ ବୋଲି ବନବିଭାଗ ଅନୁମାନ କରୁଛି। ବାଘଟିର ଗତିବିଧି ଜାଣିବା ପାଇଁ ବିଭାଗ ପକ୍ଷରୁ ୫ଟି ଟିମ୍ ଗଠନ କରାଯିବା ସହ ଗାଈର ମୃତଦେହ ଆଖପାଖରେ ପାଞ୍ଚୋଟି ଟ୍ରାପ କ୍ୟାମେରା ଲଗାଯାଇଛି। ଏହି ଘଟଣା ସଂପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ବାଘକୁ ଧରିବା ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ଆସି ନାହିଁ ବୋଲି ଏସିଏଫ୍ ଅଶୋକ କୁମାର ବେହେରା କହିଛନ୍ତି। ଅପରପକ୍ଷେ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଛି। ସତର୍କତାର ସହ ଚଳପ୍ରଚଳ କରିବାକୁ ପରାମର୍ଶ ଦିଆଯାଇଛି। ଗୃହପାଳିତ ପଶୁମାନଙ୍କୁ ମଧ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ଘଟଣାସ୍ଥଳରେ ଦେବଗିରି ବନାଞ୍ଚଳ ଅଧିକାରୀ ଏନଡି. ଶର୍ମା, ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଆଚାର୍ଯ୍ୟ, ବନପାଳ ଗଣେଶ ପ୍ରଧାନ, କେ. କାମେଶ୍ୱରଙ୍କ ସମେତ ବନରକ୍ଷୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗାଁ ମୁଣ୍ଡରେ ଲୋକଙ୍କ ସାମୂହିକ ଭାବେ ରହିଥିବା ଗୁହାଳରେ ଥିବା ପ୍ରାୟ ୮ଟି ଗାଈଗୋରୁ ରହୁଥିଲେ। ଆଜି ବାସନ ଶବର ଗୁହାଳକୁ ଆସିଥିବା ବେଳେ ତାଙ୍କ ଗାଈ ନଥିବା ଦେଖିବାକୁ ପାଇଥିଲେ। ଏଣେତେଣେ ଖୋଜିବା ପରେ ୨୦୦ ମିଟର ଦୂରରେ ଗାଈର ଅଧାଖିଆ ଶବ ଓ କିଛି ବାଘ ପାଦଚିହ୍ନ ଦେଖିବାକୁ ପାଇଥିଲେ।

**ଗାଈର ଅଧାଖିଆ ମୃତଦେହ ଠାବ**

ସୂଚନା ଥାଉକି, ମାସେ ତଳେ ରାୟଗଡ଼ ବ୍ଲକ୍ ଅଧୀନ ମହେନ୍ଦ୍ରଗିରି ବନାଞ୍ଚଳ ଗଣ୍ଡାହାତୀ ପଞ୍ଚାୟତର ସନ୍ତୋଷପୁର ଗ୍ରାମରେ ବାଘ ଆତଙ୍କ ଦେଖା ଦେଇଥିଲା। ପୁଣି ଏକ ମାସ ପରେ ବାଘ ଆତଙ୍କ ଦେଖାଦେଇଛି। କିଛି ଦିନ ହେବ ଆନ୍ଧ୍ର-ଓଡ଼ିଶା ସୀମାରେ ବାଘ ଆତଙ୍କ ସୃଷ୍ଟି କରିଥିବା ବେଳେ ବନବିଭାଗର ନିଦ ହଜାଇ ଦେଇଛି।

■ ଜୁଆଙ୍ଗ ଆଦିବାସୀଙ୍କ ମୃତ୍ୟୁ ମାମଲା

# ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**କଟକ,୨୧।୧୧(ସମିସ):** କେନ୍ଦୁଝରର ବଂଶପାଳ ବ୍ଲକ ଜନ୍ତାରି ଗାଁରେ ଗତ ପାଞ୍ଚ ମାସ ଭିତରେ ୯ ଜଣ ଜୁଆଙ୍ଗ ଆଦିବାସୀଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ଶ୍ରୀ ଅଖଣ୍ଡଙ୍କ ଆବେଦନର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ ୮ ସପ୍ତାହ ମଧ୍ୟରେ ଏହି ଘଟଣାର ତଦନ୍ତ କରିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବେଦନକାରୀଙ୍କୁ ବିଭାଗୀୟ ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ମଧ କମିଶନ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଉକ୍ତ ଗ୍ରାମଠାରୁ ୧୫କି.ମି ଦୂରରେ ଗୋନାସିକା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ୪୦କି.ମି ଦୂରରେ ବଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ଲୋକେ ଏତେ ଦୂର ଆସିପାରୁନାହାନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ଅକାଳରେ ପ୍ରାଣ ହରାଉଛନ୍ତି। ସ୍ୱାସ୍ଥ୍ୟ କର୍ମୀମାନେ ଏହି ଅଞ୍ଚଳକୁ ଯାଉ ନ ଥିବା ଆବେଦନକାରୀ ଅଭିଯୋଗ କରିଥିଲେ।

# ହତ୍ୟାକାରୀକୁ ଆଜୀବନ ଜେଲ୍

**ଭଦ୍ରକ, ୨୧।୧୧(ସମିସ):** ଭଦ୍ରକ ଅତିରିକ୍ତ ଜିଲ୍ଲାଜଜ୍ ଆଶିଷ କୁମାର ତ୍ରିପାଠୀ ଏକ ହତ୍ୟା ମାମଲାର ବିଚାର କରି ଭଦ୍ରକ ଜିଲ୍ଲା ଧାମନଗର ଥାନ ଅଧୀନ ମିର୍ଜାପୁର ଗ୍ରାମର ଅରୁଣ ମହାରଣା ଓରଫ୍ ବାଘୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୫୦୦୦ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଆଦେଶ ରହିଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ମେ' ୨୬ ତାରିଖରେ ମିର୍ଜାପୁର ଗ୍ରାମର ଅର୍ଜୁନ ପରିଡ଼ାଙ୍କ ପୁଅ ଅଜୟ ବାଇକ୍‌ରେ ଧାମନଗର ଯାଉଥିବା ବେଳେ ତାଳପଦା କୁମାରପଡ଼ା ଗେଟ୍ ନିକଟରେ ଅରୁଣର ଅଟୋ ସହ ଧକ୍କା ହୋଇଥିଲା। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଅରୁଣ ଏକ ଭୁଜାଲିରେ ତାଙ୍କୁ ହାଣି ହତ୍ୟା କରିଥିଲା। ଖବର ପାଇ ବାପା ଅର୍ଜୁନ ଘଟଣାସ୍ଥଳରୁ ଅଜୟଙ୍କୁ ଉଦ୍ଧାର କରି ପ୍ରଥମେ ଧାମନଗର ମେଡିକାଲ ଏବଂ ପରେ ଭଦ୍ରକ ଓ କଟକକୁ ସ୍ଥାନାନ୍ତର କରିଥିଲେ। ତେବେ କଟକରେ ପହଞ୍ଚିବାର ୨ ଘଣ୍ଟା ପରେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଯାଇଥିଲା।। ଏ ସଂପର୍କରେ ଅର୍ଜୁନ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅରୁଣକୁ ଗିରଫ କରି ଜେଲ୍ ପଠାଇଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ସୂର୍ଯ୍ୟକାନ୍ତ କୁଅଁର ଓ ଅରୁଣ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଗୋଟିଏ ଟ୍ରାକ୍‌ରେ ୩ ଟ୍ରେନ୍

## ଦୁର୍ଘଟଣା ଭ୍ରମ, ଭୟ କରିବାର କିଛି ନାହିଁ: ଷ୍ଟେସନ୍ ମାଷ୍ଟର

**ରାଉରକେଲା, ୨୧।୧୧(ସମିସ):** ବାସନ୍ତୀ କଲୋନୀ ରେଳ ଫାଟକଠାରେ ଗୋଟିଏ ଟ୍ରାକ୍‌ରେ ୩ଟି ଯାତ୍ରୀବାହୀ ଟ୍ରେନ୍ ଅଟକିଯିବାରୁ ଲୋକଙ୍କ ମଧ୍ୟରେ



ସମ୍ଭାବ୍ୟ ଦୁର୍ଘଟଣାର ଭ୍ରମ ସୃଷ୍ଟି ହୋଇଥିଲା। ବାସନ୍ତୀ ଫ୍ଲାଏ-ଓଭର୍ ଦେଇ ଯାଉଥିବା ଲୋକେ ରେଳ ଦୁର୍ଘଟଣା ଆଶଙ୍କା କରିବା ସହ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଫଳରେ ବ୍ରିଜ୍ ଉପରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଥିଲା। ୩ଟି ଟ୍ରେନ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର କିଛି ସମୟ ପରେ ଘଟଣାର ସତ୍ୟତା ଜଣାପଡ଼ିଥିଲା। ଏହା କୌଣସି ତ୍ରୁଟି ଯୋଗୁଁ ଦୁର୍ଘଟଣା ନୁହେଁ, ବରଂ ଟ୍ରେନ୍ ରହଣି ପାଇଁ ବର୍ତ୍ତମାନ ପ୍ରଚଳିତ ନୂତନ ଅଟୋମେଟିକ୍ ସିଷ୍ଟମ୍ ଯୋଗୁଁ ଟ୍ରେନ୍‌ଗୁଡ଼ିକ ଏଭଳି ଟ୍ରାକ ଉପରେ ରହିବ ବୋଲି ଜଣାପଡ଼ିଥିଲା। ଏଥିରେ ଭୟଭୀତ ହେବାର କିଛି ନାହିଁ ବୋଲି ଷ୍ଟେସନ୍ ମାଷ୍ଟର ସ୍ପଷ୍ଟ କରିଥିଲେ। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ସାଢ଼େ ୧୨ଟା ମଧ୍ୟରେ ଉକ୍ତ ଫାଟକ ନିକଟରେ ଝାରସୁଗୁଡ଼ା-ହଟିଆ ମେମୁ ଟ୍ରେନ୍, ଝାରସୁଗୁଡ଼ା-ରାଉରକେଲା ମେମୁ ଟ୍ରେନ୍ ଓ ବନ୍ଦେ ଭାରତ ଏକ୍ସପ୍ରେସ ପଛକୁ ପଛ କିଛି ମିଟର ଦୂରରେ ଅଟକି ରହିଥିଲା।

## ମାଲ୍‌ଖାନାରେ ନଷ୍ଟ ହେଉଛି

# ନିଲାମ ହେବ ଜବତ ବାଘଛାଲ, ହାତୀ ଦାନ୍ତ

**ଭୁବନେଶ୍ୱର, ୨୧।୧୧(ସମିସ):** ବନ ବିଭାଗ ଓ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ନିୟମିତ ଅନ୍ତରାଳରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବାଘ ଓ ହରିଣ ଛାଲ, ବଜ୍ରକାପ୍ତା କାତି ଆଦି ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ଜବତ କରିବା ସହ ଶିକାରୀ ଓ ମାଫିଆଙ୍କୁ ଗିରଫ କରୁଛନ୍ତି। ତେବେ ଜବତ ହେଉଥିବା ବନ୍ୟଜନ୍ତୁଙ୍କ ଏହି ମୂଲ୍ୟବାନ୍ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମାଲ୍‌ଖାନାରେ ପଡ଼ିପଡ଼ି ଖତ ଖାଉଥିବାରୁ ସେଗୁଡ଼ିକୁ ନିଲାମ କରିବାକୁ ଏସ୍‌ଟିଏଫ୍ ଯୋଜନା କରିଛି। ଏଥିପାଇଁ ଏସ୍‌ଟିଏଫ୍ କୋର୍ଟରୁ ଅନୁମତି ମାଗିବ ବୋଲି ଜଣାଯାଇଛି। ନିଲାମ ବାବଦ ଅର୍ଥ ସରକାରଙ୍କ ରାଜକୋଷକୁ ଯିବ। ଏହି ପ୍ରକ୍ରିୟା ବାବଦରେ ଏସ୍‌ଟିଏଫ୍ ଅଧିକାରୀମାନେ ଆଇନ ବିଶେଷଜ୍ଞ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ତେବେ କୋର୍ଟଙ୍କ ନିଷ୍ପତ୍ତି ଶେଷ ନିଷ୍ପତ୍ତି ହେବ ଓ ତଦନୁସାରେ କାର୍ଯ୍ୟ କରାଯିବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**■ ନିଲାମ ପାଇଁ କୋର୍ଟକୁ ଅନୁମତି ମଗାଯିବ**
**■ ୧୫ ବର୍ଷ ତଳେ ନିଲାମ ହୋଇଥିଲା**

ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଏସ୍‌ଟିଏଫ୍ ୧୫ରୁ ଅଧିକ ହାତୀଦାନ୍ତ ଏବଂ ୨୫ରୁ ଅଧିକ ବାଘଛାଲ ଜବତ କରିଛି। ଏହାବ୍ୟତୀତ ବଜ୍ରକାପ୍ତା କାତି ଏବଂ ଅନ୍ୟାନ୍ୟ ଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ମଧ ଜବତ ହୋଇ ମାଲଖାନାରେ ପଡ଼ି ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ତେଣୁ ଏଗୁଡ଼ିକୁ ନିଲାମ କରିବା ପାଇଁ ଯୋଜନା କରାଯାଇଛି।

ସୂଚନାଯୋଗ୍ୟ, ହାତୀ ଶିକାରୀଙ୍କୁ ସାବାଡ଼୍ କରିବା ପାଇଁ ରାଜ୍ୟରେ ମିଳିତ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ହେବା ପରଠାରୁ ବର୍ଷେ ହେଲା ଏସ୍‌ଟିଏଫ୍ ଆଉ ହାତୀଦାନ୍ତ ଜବତ କରୁନାହିଁ କି ହାତୀ ଶିକାରୀଙ୍କୁ ଧରିବା ଦିଗରେ କାମ କରୁନି। ଏହି ସ୍ୱତନ୍ତ୍ର ଟିମ୍ ଗଠନ ହେବା ପୂର୍ବରୁ ଏସ୍‌ଟିଏଫ୍ ୧୫ରୁ ଅଧିକ ହାତୀଦାନ୍ତ ଜବତ କରିଥିଲା। ଏବେ ଏସ୍‌ଟିଏଫ୍ ବାଘଛାଲ, ହରିଣ ଛାଲ, ବଜ୍ରକାପ୍ତା କାତି, ନଖ ଆଦି ଜବତ କରୁଛି। ଏହି ମୂଲ୍ୟବାନ ବନ୍ୟଜନ୍ତୁ ଅଂଶବିଶେଷଗୁଡ଼ିକ ମାଲ୍‌ଖାନାରେ ରହିବା ଦ୍ୱାରା ମୂଷା ଏବଂ ଅନ୍ୟାନ୍ୟ କୀଟ ଲାଗି ତାହା ନଷ୍ଟ ହେବାକୁ ବସିଲାଣି। ତେଣୁ ଏହାକୁ ନିଲାମ କରାଯିବା ନିହାତି ଆବଶ୍ୟକ ବୋଲି ବନ ବିଭାଗ ଏବଂ ଏସ୍‌ଟିଏଫ୍ ଚିନ୍ତା କରୁଛନ୍ତି। ଏସ୍‌ଟିଏଫ ଏହାକୁ ନିଲାମ କରିବା ପାଇଁ କୋର୍ଟକୁ ଅନୁମତି ମାଗିବ। ପୂର୍ବରୁ ଥରେ ଏହି ସବୁ ମୂଲ୍ୟବାନ ବନ୍ୟଜନ୍ତୁ ଅଂଶବିଶେଷକୁ କୋର୍ଟକୁ ଅନୁମତି ଆଣି ନିଲାମ କରାଯାଇଥିଲା। କିନ୍ତୁ ଗତ ୧୫ବର୍ଷ ହେବ ଆଉ ନିଲାମ କରାଯାଇନି।



କୁସ୍ତିରେ ଅଜିତଙ୍କୁ କାଂସ୍ୟ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-147 ♦BHUBANESWAR ♦WEDNESDAY ♦22 NOVEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୪୭ ♦ଭୁବନେଶ୍ୱର ♦ବୁଧବାର ♦୨୨ ନଭେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


# ଓଡ଼ିଶା ଷ୍ଟାର୍ଟଅପ୍‌କୁ 'ନବୀନ' ବଳ

## ପୁଞ୍ଜିନିବେଶ ପ୍ରତି ଖ୍ୟାତନାମା କମ୍ପାନୀଙ୍କ ଆଗ୍ରହ

■ **ଭୁବନେଶ୍ୱର, ୨୧।୧୧ (ସମିସ):** 'ଷ୍ଟାର୍ଟଅପ୍'କୁ ପ୍ରୋତ୍ସାହନ ଦେବା ସହ ଏହାର ବିକାଶ ପାଇଁ ଏକ ଉତ୍କୃଷ୍ଟ ପରିବେଶ ସୃଷ୍ଟି କରିବାରେ ନିର୍ଣ୍ଣାୟକ ହୋଇଛି ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ନୀତି। ପୁଞ୍ଜିନିବେଶକୁ ଗୁରୁତ୍ୱ ଦେଇ ଷ୍ଟାର୍ଟଅପ୍‌ଗୁଡ଼ିକୁ ବିଶ୍ୱ ବଜାରରେ ପ୍ରତିଷ୍ଠିତ କରାଇବା ପାଇଁ ଏହି ନୀତି 'ନବୀନ' ବଳ ପାଲଟିଛି।

ଓଡ଼ିଶାର ଷ୍ଟାର୍ଟଅପ୍‌ଗୁଡ଼ିକ ମଙ୍ଗଳବାର ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫଣ୍ଡଷ୍ଟାକ୍ ୩.୦ରେ ଦେଶବିଦେଶର ଖ୍ୟାତନାମା ନିବେଶକଙ୍କ ଆଗରେ ନିଜ ଅଭିନବ ଚିନ୍ତାଧାରା ଓ ବ୍ୟବସାୟ କାର୍ଯ୍ୟଖସଡ଼ା ଉପସ୍ଥାପନ କରିଛନ୍ତି। ଏଥିରେ ଯୋଗଦେଇଥିବା ବହୁ ପ୍ରତିଷ୍ଠିତ କମ୍ପାନୀ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିବା ସହ ରାଜିନାମା ସ୍ୱାକ୍ଷର ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ନିର୍ବାହୀ ଅଧ୍ୟକ୍ଷ ଡ ଓମ୍‌କାର ରାୟ କହିଛନ୍ତି ଯେ ଷ୍ଟାର୍ଟଅପ୍‌ଗୁଡ଼ିକ ବଜାର ପ୍ରବେଶ ପାଇଁ ଦକ୍ଷତା ହାସଲ କରିବା ପରେ




ଭିତ୍ତିଭୂମି ପାଇଁ ସ୍ୱାକ୍ଷର ହେଲା ବୁଝାମଣାପତ୍ର

୨୦ଟି ଷ୍ଟାର୍ଟଅପ୍ ସହ ବୁଧବାର ନିବେଶକଙ୍କ ସିଧାସଳଖ ଆଲୋଚନା

ପାଣ୍ଠି ଯୋଗାଡ଼ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହି କ୍ରମରେ ଆମର ଷ୍ଟାର୍ଟଅପ୍ ଗୁଡ଼ିକୁ ପାଣ୍ଠି ଯୋଗାଣ ଲକ୍ଷ୍ୟ ନେଇ ଫଣ୍ଡଷ୍ଟାକ୍ ୩.୦ ଆୟୋଜନ କରାଯାଇଛି। ପ୍ରମୁଖ ପୁଞ୍ଜିନିବେଶକ ଏବଂ ଷ୍ଟାର୍ଟଅପ୍‌କୁ ଗୋଟିଏ ଛାତ ତଳେ ଏକତ୍ର କରି ପରସ୍ପର ମଧ୍ୟରେ ଆଲୋଚନା ଜରିଆରେ ପାଣ୍ଠି ଯୋଗାଡ଼ କରାଯାଉଛି। ଏହାର ଉଦ୍ଦେଶ୍ୟ କେବଳ ପାଣ୍ଠି ଯୋଗାଡ଼ ନୁହେଁ ବରଂ ବ୍ୟାପକ କର୍ମନିଯୁକ୍ତି ଜରିଆରେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ।

ରାଜଧାନୀର 'ଓ-ହବ୍' ପରିସରରେ ଆୟୋଜିତ ଫଣ୍ଡଷ୍ଟାକ୍ ୩.୦ରେ ୟୁନିକର୍ଣ୍ଣ ଇଣ୍ଡିଆ ଭେଞ୍ଚର୍ସ, ମୁମ୍ବାଇ ଏଞ୍ଜେଲ୍ସ, ଓରିଓଏସ୍ ଭେଞ୍ଚର୍ସ, ଇଭିକ୍ୟାପ୍ ଭେଞ୍ଚର୍ସ, ଷ୍ଟାର୍ଟଅପ୍ ଏକ୍ସିଡ୍, ଇନ୍‌ଫ୍ଲେକ୍ସନ୍ ପଏଣ୍ଟ ଭେଞ୍ଚର୍ସ, ଇଣ୍ଡିଆ ଏଞ୍ଜେଲ ନେଟୱାର୍କଙ୍କ ଭଳି ଖ୍ୟାତନାମା କମ୍ପାନୀର ବରିଷ୍ଠ କର୍ମକର୍ତ୍ତାଙ୍କ ସମ୍ମୁଖରେ ୫୦ରୁ ଅଧିକ ଷ୍ଟାର୍ଟଅପ୍ ନିଜ କାର୍ଯ୍ୟ, ଅଭିନବ ଚିନ୍ତାଧାରା ଏବଂ ଭବିଷ୍ୟତ କାରବାର ସମ୍ପର୍କରେ ବିସ୍ତୃତ ସୂଚନା ଉପସ୍ଥାପନ କରିଛନ୍ତି। ଡିପ୍‌ଟେକ୍, ହେଲଥ୍‌ଟେକ୍, ଏଡୁଟେକ୍, ଇ-କମର୍ସ, ଖାଦ୍ୟ ଆଦି ବିଭିନ୍ନ କ୍ଷେତ୍ର ସହ ଜଡିତ ଷ୍ଟାର୍ଟଅପ୍ ପୁଞ୍ଜିନିବେଶ ଲାଗି ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଟି ଷ୍ଟାର୍ଟଅପ୍ ଆସନ୍ତା କାଲି ସମ୍ପୃକ୍ତ ନିବେଶକଙ୍କ ସହ ସିଧାସଳଖ ଆଲୋଚନା କରିବେ।

ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ ଓଡ଼ିଶାର ଷ୍ଟାର୍ଟଅପ୍ କ୍ଷେତ୍ର ଦିନକୁ ଦିନ ସମୃଦ୍ଧ ହେବାରେ ଲାଗିଛି। ଏହା କିପରି ସମୃଦ୍ଧି ହାସଲ କରିବ ସେ ନେଇ ବିଭାଗ ଉଦ୍ୟମ କରୁଛି। ଆମର ▶ପୃଷ୍ଠା-୯

'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା'ର ଶୁଭାରମ୍ଭ

# ଚଳିତବର୍ଷ ଖର୍ଚ୍ଚହେବ ୪୪୮ କୋଟି

■ **ଭୁବନେଶ୍ୱର, ୨୧।୧୧ (ସମିସ):** ରାଜ୍ୟରେ ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କର ଆର୍ଥିକ ବିକାଶ ପାଇଁ ଆରମ୍ଭ ହୋଇଛି 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା'। ଏହି ଯୋଜନାରେ ୧୬ଟି କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି ଏବଂ ଏହାଦ୍ୱାରା ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ ଓ ମତ୍ସ୍ୟଚାଷ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଉପକୃତ ହେବେ। '୫-ଟି' ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ଚଳିତ ବର୍ଷ ଏହି ଯୋଜନାରେ ୪୪୮ କୋଟି ଟଙ୍କା ବ୍ୟୟ ହେବ। ଏହାଦ୍ୱାରା ୧୧୦୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୫୦ହଜାର ମାଛ ଚାଷୀ ଓ ଲକ୍ଷାଧିକ ମତ୍ସ୍ୟଜୀବୀ ଲାଭାନ୍ୱିତ ହେବେ। ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି(ମଙ୍ଗଳବାର) ବିଧିବଦ୍ଧ ଭାବରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୨୦ ବର୍ଷ ଭିତରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଚାରି ଗୁଣ ବୃଦ୍ଧି ପାଇଛି। ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ୪୫୦୦ କୋଟି ଟଙ୍କାରେ ପହଞ୍ଚିଛି। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶା ମତ୍ସ୍ୟନୀତି-୨୦୧୫ ଏବଂ ଓଡ଼ିଶା ଜଳଭଣ୍ଡାର ମତ୍ସ୍ୟନୀତି-୨୦୧୨ ଆଣିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଓଡ଼ିଶା ଆଜି ମାଛ ଯାଁଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି। ମତ୍ସ୍ୟଜୀବୀ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ 'ମୋ ସରକାର' କାମ କରୁଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ରୋଜଗାର ଓ ପୁଷ୍ଟିକୁ ଅଧିକ ଗୁରୁତ୍ୱ ଦେଇ ଅନେକ ପଦକ୍ଷେପ ନିଆଯାଇଥିବା କହିଛନ୍ତି।



'୫-ଟି' ଉପକ୍ରମରେ କାର୍ଯ୍ୟକାରୀ ହେବ ଯୋଜନା

ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି ୧୬ଟି କାର୍ଯ୍ୟକ୍ରମ

ଉପକୃତ ହେବେ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ ଓ ଏସ୍‌ଏଚ୍‌ଜି

ମତ୍ସ୍ୟଜୀବୀମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ରେ ମତ୍ସ୍ୟଜୀବୀମାନଙ୍କ ପାଇଁ ୧୬ଟି କାର୍ଯ୍ୟକ୍ରମ ରହିଛି ଏବଂ ଏବର୍ଷ ଏଥିପାଇଁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆମ ରାଜ୍ୟରେ ପ୍ରଚୁର ଜଳସମ୍ପଦ ରହିଛି। ଅର୍ଥନୀତିର ବିକାଶ ପାଇଁ ଜଳସମ୍ପଦର ପୂର୍ଣ୍ଣ ବିନିଯୋଗ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ▶ପୃଷ୍ଠା-୯

▶▶ ଆରମ୍ଭ ହେଲା ବିଧାନସଭାର ଶୀତ ଅଧିବେଶନ

# ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି, ଗୃହ ମୁଲତବୀ



■ **ଭୁବନେଶ୍ୱର, ୨୧।୧୧ (ସମିସ):** ମଙ୍ଗଳବାର ବିଧିବଦ୍ଧ ଭାବେ ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅର୍ଥାତ୍ ଶୀତ ଅଧିବେଶନ ଆରମ୍ଭ ହୋଇଛି। ଅଧିବେଶନ ପ୍ରଥମ ଦିନରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବକୁ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ସମର୍ଥନ ଜଣାଇବା ସହ ଦିବଂଗତଙ୍କ ସ୍ମୃତିଚାରଣ କରିଥିଲେ। ଦିବଙ୍ଗତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଦିବଙ୍ଗତଙ୍କ ସମ୍ମାନାର୍ଥେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହର କାର୍ଯ୍ୟକୁ ଆସନ୍ତାକାଲି ୧୦ଟା ୩୦ ମିନିଟ ଯାଏଁ ମୁଲତବୀ ଘୋଷଣା କରିଛନ୍ତି। ଅପରପକ୍ଷେ ଆସନ୍ତାକାଲି ଗୃହରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓଡ଼ିଶା ଭୂ-ସଂସ୍କାର(ଦ୍ୱିତୀୟ ସଂଶୋଧନ) ବିଧେୟକ, ୨୦୨୩ ଆଗତ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ମହେଶ୍ୱର ମହାନ୍ତି, ପୂର୍ବତନ ଉପ ▶ପୃଷ୍ଠା-୯

## ସାଲୁଗା ପ୍ରଧାନ ଉପବାଚସ୍ପତି



■ **ଭୁବନେଶ୍ୱର, ୨୧।୧୧ (ସମିସ):** ଜି.ଉଦୟଗିରିର ବିଧାୟକ ସାଲୁଗା ପ୍ରଧାନ ବିଧାନସଭାର ଉପବାଚସ୍ପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଏନେଇ ମୋସନ୍ ଆଣିବା ପରେ ଉଭୟ ସରକାରୀ ଏବଂ ବିରୋଧୀ ଦଳର ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ପରେ ଶ୍ରୀ ପ୍ରଧାନ ସର୍ବସମ୍ମତିକ୍ରମେ ଉପବାଚସ୍ପତି ନିର୍ବାଚିତ ହୋଇଥିବା ସଂପର୍କରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହରେ ଘୋଷଣା କରିଥିଲେ। ▶ପୃଷ୍ଠା-୯

▶▶ ଭିସୁଟ୍‌ର ୧୫ତମ ସମାବର୍ତ୍ତନ ଉତ୍ସବ

# ମହିଳାମାନେ ନେତୃତ୍ୱ ନିଅନ୍ତୁ: ରାଷ୍ଟ୍ରପତି

■ **ସମ୍ବଲପୁର, ୨୧।୧୧(ସମିସ):** ଦେଶର ଅନ୍ୟ ବିଶ୍ୱବିଦ୍ୟାଳୟ ଭଳି ଭିସୁଟ୍‌ରେ ମଧ୍ୟ ପଦକ ନେବାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ପୂର୍ବାପେକ୍ଷା ଏବେ ମହିଳାମାନେ ଅଧିକରୁ ଅଧିକ ସଶକ୍ତ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବାର ଏବେ ସମୟ ଆସିଛି। ସମ୍ବଲପୁରସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଏହା କହିଛନ୍ତି।

୩୭ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ

ମା' ସମଲେଇଙ୍କୁ ଦର୍ଶନ କରି ସୁଖ ସମୃଦ୍ଧି କାମନା କଲେ




ରାଜ୍ୟପାଳ ତଥା କୁଳାଧିପତି ରଘୁବାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ ଯୁବପିଢ଼ିଙ୍କ ଅବଦାନ ଉପରେ ଦେଶର ବିକାଶ ନିର୍ଭର କରେ। ଆଗାମୀ ଦିନରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ରାସ୍ତା, କୋଠା, ବନ୍ଧ ଓ କାରଖାନା ନିର୍ମାଣରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବେ। ଇଞ୍ଜିନିୟର୍ ଭାବେ ସେମାନେ ପ୍ରଗତିର ସ୍ଥାପକ ହେବେ। ଉଦ୍ଭାବକ ଭାବେ ସେମାନେ କଳ୍ପନା ଏବଂ ବାସ୍ତବତା ମଧ୍ୟରେ ସେତୁ ▶ପୃଷ୍ଠା-୯

# ଦୁଇଦିନିଆ ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୧।୧୧ (ସମିସ):** ବୁଧବାରଠାରୁ ଦୁଇ ଦିନିଆ ମୁମ୍ବାଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଗସ୍ତ କାଳରେ ସେ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ଡଃ ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ସ୍ଥାପିତ 'ଏସିଆନ୍ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ' ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ବୁଧବାର ଦିନ ୧୧ ଟା ୧୫ରେ ନବୀନ ନିବାସ ଛାଡ଼ି ୧୧.୩୦ରେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଛତ୍ରପତି ଶିବାଜୀ ମହାରାଜ ବିମାନବନ୍ଦରରେ ଅପରାହ୍ଣ ୧ ଟା ୧୫ରେ ପହଞ୍ଚିବେ। ସନ୍ଧ୍ୟା ୭ ଟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପରଦିନ ଅପରାହ୍ଣ ୪ ଟା ୪୫ରେ ମୁମ୍ବାଇ ଛାଡ଼ି ସନ୍ଧ୍ୟା ୬ଟା ୩୦ରେ ଭୁବନେଶ୍ୱରରେ ପହଞ୍ଚିବେ।



ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

# 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କୁ ଶୁଭେଚ୍ଛାର ସୁଅ

## ରାଜ୍ୟର ବିକାଶରେ ସାମିଲ ହେବାକୁ ପ୍ରତିଶ୍ରୁତି



■ **ଭୁବନେଶ୍ୱର, ୨୧।୧୧ (ସମିସ):** ପ୍ରତିଦିନ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ। ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସଙ୍ଗଠନ ଶ୍ରୀ ପାଣ୍ଡିଆନଙ୍କ 'ଟିମ୍ ଓଡ଼ିଶା'ରେ ଉତ୍ସର୍ଗୀକୃତ ଭାବେ ସାମିଲ ହେବାକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଦେଉଛନ୍ତି ପ୍ରତିଶ୍ରୁତି। ଏହି କ୍ରମରେ ମଙ୍ଗଳବାର ନବୀନ ନିବାସରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ, ବିଜୁ ପଟ୍ଟନାୟକ ଫାର୍ମାସୀ ଷ୍ଟୁଡେଣ୍ଟ ଆସୋସିଏସନ୍ ସମେତ ବିଭିନ୍ନ ଅନୁଷ୍ଠାନ ଶ୍ରୀ ପାଣ୍ଡିଆନଙ୍କୁ ସାକ୍ଷାତ କରି ନବୀନ ଓଡ଼ିଶା ଗଠନରେ ବ୍ରତୀ ▶ପୃଷ୍ଠା-୯




# ବିଭିନ୍ନ ୱାର୍ଡରେ ନୂଆ କାର୍ଯ୍ୟର ଶୁଭାରମ୍ଭ କଲେ ଶ୍ରମମନ୍ତ୍ରୀ

**ରାଉରକେଲା, ୨୧।୧୧(ସମିସ):** ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପ୍ରାୟ ୩ କୋଟି ୭୫ ଲକ୍ଷ ଟଙ୍କାର ନୂତନ କାର୍ଯ୍ୟକୁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଛନ୍ତି। ୱାର୍ଡ ନମ୍ବର ୪, ୫, ୬, ୧୧, ୧୨, ୧୩, ୧୪ ଓ ୧୫ ତଥା ଛେଣ୍ଡ କଲୋନୀ, ପାନପୋଷ ବସ୍ତି, ପ୍ରଧାନପଲ୍ଲୀ, ଜଗନ୍ନାଥ କଲୋନୀ, ଖରିଆ ବାହାଲ, ଏଫସିଆଇ ବସ୍ତି, ଜେଲରୋଡ, ବାପୁଜୀନଗର, ଶାନ୍ତିନଗର ଛୋଟ ମସଜିଦ ବସ୍ତି, ବ୍ୟାସ ନଗରରେ ନୂତନ ଡ୍ରେନ ନିର୍ମାଣ, ରାସ୍ତା, କ୍ଲବ, ମହିଳା ସମିତି ଏବଂ ଛେଣ୍ଡ ପୁଲିସ ଥାନାରେ ଆଦର୍ଶ ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ମୋଟ ୩ କୋଟି ୭୫ ଲକ୍ଷ ଟଙ୍କାର କାର୍ଯ୍ୟ ଶୁଭାରମ୍ଭ ହୋଇଛି। ବରିଷ୍ଠ ନାଗରିକ ସହାୟତା କେନ୍ଦ୍ର ଗୃହ ନିର୍ମାଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମଞ୍ଚାସୀନ ଥିଲେ। ଥାନା ଇନ୍ସପେକ୍ଟର ସୂରଜ କୁମାର ଝଙ୍କାର, ଆରଏମସିର ସ୍ୱାଧୀନ ପଣ୍ଡା, କରଣ ସିଂ ସାମନ୍ତ, ସୁଶାନ୍ତ ବେସନ ଉପସ୍ଥିତ ଥିଲେ। ଉପସ୍ଥିତ ବହୁ ବରିଷ୍ଠ ନାଗରିକଙ୍କୁ ଶ୍ରମମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ସହରର ପରିବେଶକୁ ସରସ ସୁନ୍ଦର ରଖିବା ପାଇଁ ସମସ୍ତେ ମିଳିମିଶି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ବରିଷ୍ଠ ନାଗରିକ ସହାୟତା କେନ୍ଦ୍ର ସଭାପତି ମହେନ୍ଦ୍ର ମହାନ୍ତି ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ୪୦ ଲକ୍ଷ ଟଙ୍କା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରମମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବାରୁ ତାଙ୍କୁ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ଜିଲ୍ଲା ମୁଖପାତ୍ର ତଥା ବରିଷ୍ଠ ନାଗରିକ କେନ୍ଦ୍ର ସଭ୍ୟ ଜୟନ୍ତ କୁମାର ମିଶ୍ର, ଡା. ଗୋକୁଳାନନ୍ଦ ସାହୁ, ଡ. ମହେଶ ପ୍ରସାଦ ବେହେରା, ଗିରିଜା ଗୋସ୍ୱାମୀ, ଶଶୀ ପଟନାୟକ, ହୃଷୀକେଶ ନାୟକ, ସଚିଦା ନନ୍ଦ ଭଦ୍ର, ଶ୍ରୀକାନ୍ତ ଦାସ, ବିଜେଡି ନଗର ସଭାପତି ଗଗନ ପଣ୍ଡା,






ରଶ୍ମିବଳା ମିଶ୍ର, ଜ୍ୟୋସ୍ନା ନାୟକ, ଯୁବ ସଭାପତି ସୁଶାନ୍ତ ରାଉତ, ଅଞ୍ଜଳି ମିଶ୍ର, ସାବିତ୍ରୀ ବେହେରା, ସଙ୍ଗୀତା ମିଶ୍ର, କାବୁଲି ପଡିହାରୀ, ଅକ୍ଷୟ ଜେନା, ସଞ୍ଜୁ ସାମଲ, ଜର୍ଜ ଆନନ୍ଦ, ପୀତବାସ କାଣ୍ଡି, ସନ୍ତୋଷ ସାହୁ, ଚନ୍ଦ୍ରଶେଖର ବର୍ମା, ବିଜୟ ସିଂହ, ହରିହର ରାଣା, ଆଦିତ୍ୟ ଧଳ, ସିତୁ ସାମଲ, ମନ୍ମଥ ସାହୁ, ସୁନୀଲ ଚୌରଶିୟା, ଜଗନ୍ନାଥ ଦାସଭୟା, ଜଗନ୍ନାଥ ପାତ୍ର, ବଦ୍ରିନାରାୟଣ ପାଢ଼ୀ, ହୃଷୀକେଶ ବଳିଆରସିଂହ, ପ୍ରମୋଦ କୁମାର ଭଞ୍ଜ, ଅନିତା କିଶାନ, ସୀମା କିଶାନ, ଗୀତା କଚ୍ଛପ, ସୀମା ପାଲ, ବିକି ସାମଲ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ଜିଲ୍ଲା ଡ୍ରାଇଭର ସଂଘର ବନ୍ଧୁ ମିଳନ

**ଲହୁଣୀପଡ଼ା, ୨୧।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଡ୍ରାଇଭର ସଂଘ ପକ୍ଷରୁ ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ କେନ୍ଦୁଡିହ ଫୁଟବଲ ପଡ଼ିଆରେ ଏକ ବନ୍ଧୁ ମିଳନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କମିଟିର ୫ କର୍ମକର୍ତ୍ତା ସମେତ ୩୦ ଜିଲ୍ଲା କମିଟି ଓ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ୧୭ ବ୍ଲକ, ମ୍ୟୁନିସିପାଲିଟି, ସଦର କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ସମସ୍ତ ଡ୍ରାଇଭର ସଂଘ ପକ୍ଷରୁ ବଡ଼ପୁରୁଣାପାଣି ଖେଳପଡ଼ିଆରୁ ଏକ ଶୋଭାଯାତ୍ରା ବାହାରି ୭ କିମି ଦୂର କେନ୍ଦୁଡିହ ଫୁଟବଲ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ରାଜ୍ୟ କମିଟିର ୫ କର୍ମକର୍ତ୍ତାଙ୍କୁ ବାଜା ବଜାଇ ଆଦିବାସୀ ନୃତ୍ୟ ତାଳେ ତାଳେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ସଭାରେ ରାଜ୍ୟ କମିଟି ସଭାପତି ପ୍ରଶାନ୍ତ ମଏଣ୍ଡାଉଲଇ (ଅଜ୍ଜୁ), ସମ୍ପାଦକ ଚୈତନ୍ୟ ପ୍ରଧାନ, ସହସମ୍ପାଦକ ଘନଶ୍ୟାମ ବେହେରା, ମନୋରଞ୍ଜନ ଦେବତା ଓ କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ



ବେହେରା ଯୋଗଦେଇ ଡ୍ରାଇଭରମାନଙ୍କୁ ସଚେତନତା କରିବା ସହ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ଟାଳଟୁଳ ନୀତି ଅବଲମ୍ବନ କଲେ ପୁନର୍ବାର ଲଢ଼େଇ ଜୋରଦାର କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଜିଲ୍ଲା କମିଟି ଉପ ସଭାପତି ଭୀଷ୍ମ ରଞ୍ଜନ ମାହାନ୍ତ, ସମ୍ପାଦକ ହରିଓମ ଭାଇ, ସହସମ୍ପାଦକ ସଞ୍ଜୀବ ବିଶି, ରଣଜିତ ଭାଇ ତଥା ଅନ୍ୟ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନ ତଥା ଲହୁଣୀପଡ଼ା ବ୍ଲକ କମିଟି ସଭାପତି ପ୍ରତାପ ମାହାନ୍ତ, ସମ୍ପାଦକ ଗୁରୁଚରଣ ମୁଣ୍ଡାରି, ଉପଦେଷ୍ଟା ସୁରେଶ ଓରାମ ଓ ଅନ୍ୟ କର୍ମକର୍ତ୍ତାଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଛି। କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କ ସମାଗମ ହୋଇଥିଲା।

# ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

**ରାଉରକେଲା, ୨୧।୧୧(ସମିସ):** ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ହେଉ କି ସ୍ୱାସ୍ଥ୍ୟ, କୃଷି କିମ୍ବା ବ୍ୟବସାୟ, ସମସ୍ତ କ୍ଷେତ୍ରରେ ସମବାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ତେଣୁ ସମବାୟର ଉତରୋତ୍ତର ଉନ୍ନତି କାମନା କରି ସମବାୟକୁ ଆଗକୁ ନେବା ଓ ଏହାକୁ ଲୋକାଭିମୁଖୀ କରିବା ଦିଗରେ ଜନସାଧାରଣ, କୃଷକ ପରିବାର ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସୋମବାର ହାତୀବାରି ଲ୍ୟାମ୍ପସ ଅଧୀନ ସୋରଡ଼ା ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ନୂଆଗାଁ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଉକ୍ତ ବୈଠକରେ ସୋରଡ଼ା ସରପଞ୍ଚ ଅନୁଗ୍ରହ ଯୋଜ ମୁଖ୍ୟଅତିଥି, ହାତୀବାରି ଲ୍ୟାମ୍ପସ ସଭାପତି ସ୍ୱାଧୀନ ଖାଖା, ପାନପୋଷ



ଉପସହକାରୀ ନିବନ୍ଧକ ରିଚାର୍ଡ ପିଟର ବେକ ଓ ସହକାରୀ କୃଷି ଅଧିକାରୀ ଲିସା ଲିସମଇ ହାଁସଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁରୁଣାପାଣି ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅବିନାଶ ମହାପାତ୍ର ଯୋଗଦେଇ ସମବାୟ ବ୍ୟାଙ୍କ କିପରି ଭାବରେ ଚାଷୀଙ୍କୁ ଉପଯୁକ୍ତ ଋଣ ଯୋଗାଇ ଆସୁଛି, ବିଶେଷକରି ଚାଷ ସମୟରେ ଚାଷୀ ସମବାୟ ଦ୍ୱାରା କିପରି ଉପକୃତ ହୋଇପାରୁଛନ୍ତି ସେ ନେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଉପସହକାରୀ ନିବନ୍ଧକ ପିଟର ବେକ ମଧ୍ୟ ସମବାୟର କାର୍ଯ୍ୟଶୈଳୀ ଓ ସେବା ସାହାଯ୍ୟ ମନୋବୃତ୍ତି ଉପରେ ବିବରଣୀ ପ୍ରଦାନ କରିଥିଲେ। ବୈଠକ ପ୍ରାରମ୍ଭରେ ହାତୀବାରି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପ୍ରିୟଙ୍କା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ କାତେପୁର କାଜଲ ଏସଏସଜି, ହାତୀବାରି ବିଜୟଲକ୍ଷ୍ମୀ ଏସଏସଜି ଓ କୋକେରମା ଅଞ୍ଚଳର ଶିବାଜୀ ଗ୍ରୁପକୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ସୋରଡ଼ା ଝରିଆଟୋଲି ମିଳିତ ଦେୟ ଗୋଷ୍ଠୀଙ୍କୁ ମଧ୍ୟ ଭଲ କାର୍ଯ୍ୟ ପାଇଁ ହାତୀବାରି ସମବାୟ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଅଞ୍ଚଳର ମିନା ଗୋଷ୍ଠୀ, ଅନିକା ଗୋଷ୍ଠୀ, ଇଣ୍ଡା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସେହିଭଳି ରାଣୀ ଓ ଦିବ୍ୟା ମିଳିତ ଦେୟ ଗୋଷ୍ଠୀଙ୍କୁ ମଧ୍ୟ ଋଣ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ସମବାୟ ସଂସ୍ଥାକୁ ଆହୁରି ଲୋକାଭିମୁଖୀ କରିବା ଦିଗରେ ହାତୀବାରି ଓ ନୂଆଗାଁ ଲ୍ୟାମ୍ପସ ବ୍ୟତୀତ ଆହୁରି ଅନେକ ଲ୍ୟାମ୍ପସ ଖୋଲାଯିବାକୁ ଉଦ୍ୟମ ଜାରି ରହିଥିବା ମୁଖ୍ୟ ପରିଚାଳନା ଅଧିକାରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପସର ନିର୍ଦ୍ଦେଶକ ହିମାଂଶୁ ତ୍ରିପାଠୀ, ବିଜୟ ଦାଶ, ଗଣପତି ଦାଶ, ମୋହନ ସିଂ ସମେତ ୧୫ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ କମଳ ପ୍ରସାଦ ଏକ୍କା ଧନ୍ୟବାଦ ଦେଇଥିଲେ।

# କାର୍ମିକ ବିଭାଗ କର୍ମଚାରୀଙ୍କୁ 'ସେଲ ସାବାସ' ପୁରସ୍କାର



**ରାଉରକେଲା, ୨୧।୧୧(ସମିସ):** ଆର୍‌ଏସ୍‌ପି କାର୍ମିକ ବିଭାଗ ଅଧିକାରୀଙ୍କ ସମେତ ୭ କର୍ମଚାରୀଙ୍କୁ ସେମାନଙ୍କ ଉଦ୍ୟୋଗୀ ପ୍ରୟାସ ପାଇଁ କାର୍ମିକ ଓ ପ୍ରଶାସନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସେଲ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ବୀରେନ୍ଦ୍ର କୁଲୁଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପର୍ସନାଲ ଓଡି ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ସିମ୍ପି ପଟେଲ ପ୍ରଶଂସାପତ୍ର ସହ ଉପହାର ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ମିକ ବିଭାଗ ଜୁନିଅର ଅଫିସର୍ ସଞ୍ଜିତ କୁମାର ଆଚାର୍ଯ୍ୟ, ପର୍ସନାଲ-ଓଡି ବିଭାଗ ଡାଟା ପ୍ରୋସେସିଂ ଅପରେଟର ସନ୍ଦୀପ କୁମାର ପଶାୟତ, ପର୍ସନାଲ-ଓଡି ବିଭାଗ କାର୍ଯ୍ୟନିର୍ବାହୀ ସହାୟକ ଟ୍ରେନି ଲାଜରୁସ ଡିଗି, ପର୍ସନାଲ-ଜିଏ ବିଭାଗ ବରିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ଅଭିଜିତ ଦାସ, ପର୍ସନାଲ-ଓଡି ବିଭାଗ କାର୍ଯ୍ୟନିର୍ବାହୀ ସହାୟକ ଜ୍ୟୋତିର୍ମୟ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ସହାୟକ ପ୍ରଭାତୀ ଆର ଲାକ୍ରା ପ୍ରଶଂସା ପ୍ରମାଣପତ୍ର ଲାଭ କରିଥିବା ଜଣାପଡ଼ିଛି।

ଏହି ଅବସରରେ ମିଶ୍ର ପ୍ରତ୍ୟେକଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ୍ୟ ପ୍ରତିଷ୍ଠାନର ଉନ୍ନତି ପାଇଁ ଯଥାସମ୍ଭବ ଉଦ୍ୟମ ଜାରି ରଖିବାକୁ ଅନୁରୋଧ କରିଥିଲେ। କୁଲୁ ପ୍ରତ୍ୟେକ ପୁରସ୍କାର ବିଜେତାଙ୍କ ଉଦ୍ୟୋଗୀ ପ୍ରୟାସ ଦ୍ୱାରା ଲବ୍ଧ ସକାରାତ୍ମକ ଫଳାଫଳକୁ ପ୍ରଶଂସା କରିଥିଲେ। କାର୍ମିକ ଓଡି ବିଭାଗର ଜିଏମ ଏସ ବଡ଼ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବାସନ୍ତୀ ପାଠାଗାରରେ ସ୍ୱାସ୍ଥ୍ୟ କର୍ମଶାଳା

**ରାଉରକେଲା, ୨୧।୧୧(ସମିସ):** ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାର ଆନୁକୂଲ୍ୟରେ ପାଠାଗାର ପରିସରରେ ସାମାଜିକ ପ୍ରତିବଦ୍ଧତା ନେଇ ଏକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ଭୁବନେଶ୍ୱର ସମ୍ ହସପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶକ୍ତିସ୍ୱରୂପ ଯୋଗଦେଇ ଗୋଡ଼, ଆଣ୍ଠୁ, କାନ୍ଧ, ପାଦଗଣ୍ଠି ଯନ୍ତ୍ରଣା ଓ ଏହାର ନିରାକରଣ ଦିଗରେ ଆଲୋଚନା



କରିବା ସହ ଉପସ୍ଥିତ ଲୋକଙ୍କ ସହିତ ଭାବବିନିମୟ କରିଥିଲେ। ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ପାଠାଗାର ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଅଜୟ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଦୁର୍ଯ୍ୟୋଧନ ସାହୁ, ଅର୍ଚ୍ଚନା ସାହୁ, ସରୋଜ ପାତ୍ର, ଶରତ ରାଉତ, ମାନସ ଧଳ, କୁଳମଣି ଦାସ, ଗୀତାଞ୍ଜଳି ମହାରଣା, କୌଶଲ୍ୟା ମହାରଣା, ରଶ୍ମିରେଖା ପଣ୍ଡା, ନିରୂପମା ଚାନ୍ଦ, ବିଦ୍ୟୁତପ୍ରଭା ସାବତ, ପିକେ ସାବତ, ନାରାୟଣ ଖଣ୍ଡେଲୱାଲ, ହିମାଂଶୁ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ସୁବାସ ମହାପାତ୍ର, ସଂଗ୍ରାମପ୍ରିୟ ତନ୍ତୀ, ନାରାୟଣ ନାୟକ, ଗଗନାନନ୍ଦ ପ୍ରଧାନ, ପ୍ରମୋଦ କୁମାର ମଲ୍ଲିକ, ଏସ ଅରୁଣ ପାତ୍ର, ପି ପ୍ରଣତି ପାତ୍ର, ବିନ୍ଧୁ, ଓକିଲ ପାତ୍ର, ସୁବାସିନୀ ପ୍ରଧାନ, ସବିତା ସାହୁ, ଜ୍ୟୋତି ମହାପାତ୍ର, ବିଭୁଦତ୍ତ ବେହେରା, ଅନୀଲ ପଣ୍ଡା, ପ୍ରକାଶ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ, ବସନ୍ତ ମହାରଣା, ଡା. ଜି ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାଠ ଓ ରାଧା ପାଦ ଦର୍ଶନ




**ରାଉରକେଲା, ୨୧।୧୧(ସମିସ):** ସେକ୍ଟର-୧୫ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଆରମ୍ଭରୁ ଭାଗବତ ପାଠ ଏବଂ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ କରାଯାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଥିଲା। ପଣ୍ଡିତ ଗୁରୁଚରଣ ନନ୍ଦ ଓ ବିଶ୍ୱନାଥ ଦାଶ ପ୍ରତ୍ୟହ ଭାଗବତ ପାଠ କରି ଏହାର ମହାନୀୟତା ଉପରେ ଉପସ୍ଥିତ ଶ୍ରୋତା ଓ ଶ୍ରଦ୍ଧାଳୁଙ୍କୁ ବୁଝାଇଛନ୍ତି। ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଶ୍ରୋତା ଉପସ୍ଥିତ ରହି ଭାଗବତର ମହତ୍ତ୍ୱ ସମ୍ପର୍କରେ ଅବଗତ ହୋଇଛନ୍ତି। ମଙ୍ଗଳବାର ପବିତ୍ର ଅଁଳା ନବମୀରେ ରାଧା ପାଦଦର୍ଶନ କରିବା ପାଇଁ ଶତାଧିକ ଭକ୍ତ ମନ୍ଦିରରେ ପହଞ୍ଚି ନିଜ ମନସ୍କାମନା ପୂରଣ ପାଇଁ ଗୁହାରି କରିଥିଲେ। ଏହି ସମୟରେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଆଖପାଖ ଅଞ୍ଚଳବାସୀଙ୍କୁ ଆଧ୍ୟାତ୍ମିକ ପରିବେଶର ବାର୍ତ୍ତା ପ୍ରେରଣ କରିଥିଲା।

କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ହରିହର ରାଉତରାୟ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ପ୍ରସନ୍ନ କୁମାର ତ୍ରିପାଠୀ, ବରିଷ୍ଠ ସଦସ୍ୟ ପୁରୁଷୋତମ ବେହେରା, ବିଷ୍ଣୁଚରଣ ବିଶ୍ୱାଳ, ହେମନ୍ତ କୁମାର ବିଶ୍ୱାଳ, ଅନନ୍ତ କୁମାର ସାମଲ, ସତ୍ୟବାନ ପ୍ରଧାନ, ଶ୍ରୀହରି ବେହେରା, ଲକ୍ଷ୍ମଣ ପ୍ରଧାନ, କପିଳେଶ୍ୱର ମିଶ୍ର, ସମୀର ରଞ୍ଜନ ଦାଶ, ଧବଳେଶ୍ୱର ବିଶ୍ୱାଳ, ନାରାୟଣ ଚନ୍ଦ୍ର ମହନ୍ତ, ନାରାୟଣ ଚରଣ ସାମଲ, ଶୁକଦେବ ସାହୁ, କବିରାଜ ନାୟକ, ପ୍ରଦୀପ ପଟ୍ଟନାୟକ, ଧବଳେଶ୍ୱର ବିଶ୍ୱାଳ, ପ୍ରତାପ ମେକାପ, ସନ୍ତୋଷ କୁମାର ଗୌଡ଼, ନିତ୍ୟାନନ୍ଦ ଜେନା, ଉପସଭାପତି ଜୟନ୍ତି ଦାସ, ରେଖା କୋଠାରୀ, ସରସ୍ୱତୀ ବେହେରା, ବିଷ୍ଣୁପ୍ରିୟା ନାୟକ, ନୀଳିମା ବେହେରା, ଦୀପା ଶର୍ମା, ସଙ୍ଗୀତା ମିଶା, ସସ୍ମିତା ଜେନା ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରୁଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

**Ph.D. Degree**



Ranjita Rout completed her Ph.D. in Electronics and Communication Engineering from GIET University, Gunupur, Rayagada with thesis entitled "Development of Techniques for Melanoma Analysis from Biomedical Images". She was continuing her Ph.D. under the supervision of Dr. Priyadarsan Parida, Associate Professor, Department of Electronics and Communication Engineering, GIET University, Gunupur. She is the elder daughter of Smt. Sukanti Rout and Mr. Laxmidhar Rout. For this achievement, she sincerely acknowledges her immense gratitude to her husband Mr. Sitansu Sekhar Das, daughter Samikshya Das and all family members. Apart from this, she acknowledges her uncle Mr. Dayanidhi Behera and aunty Smt. Suprava Behera for their constant support, motivation and encouragement.

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ନାରାୟଣ ପାତ୍ର
ଆବିର୍ଭାବ: ୨୩.୦୨.୧୯୫୧
ତିରୋଧାନ: ୧୨.୧୧.୨୦୨୩
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ସନ୍ତାନ ଓ ସମସ୍ତ ପରିବାରବର୍ଗ
କପାଳେଶ୍ୱର, କେନ୍ଦ୍ରାପଡା

## ତିନି ଦିବସୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ

# ୪୪ ଷ୍ଟଲରେ ପ୍ରଦର୍ଶିତ ହେଲା ବିଭିନ୍ନ କୃଷି ଯନ୍ତ୍ରପାତି

**ରାଉରକେଲା, ୨୧।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ପାନପୋଷ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ସ୍ଥାନୀୟ ବେଦବ୍ୟାସ ମେଳା ପଡିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାର ଉଦଘାଟନ କରିବା ସହ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଉଦବୋଧନ ଦେଇ ପ୍ରଧାନ କହିଲେ, ଏହି ପ୍ରଦର୍ଶନୀ ଯୋଗୁଁ ଆମ କୃଷକ ଭାଇ ଓ ଭଉଣୀମାନେ ଆଧୁନିକ ଯନ୍ତ୍ରପାତି ବିଷୟରେ ଜାଣିପାରିବେ। ଆଧୁନିକ ଯନ୍ତ୍ରପାତି କୌଶଳ ବ୍ୟବହାର କରି ସଫଳ ଚାଷୀ ହୋଇପାରିବେ ଏବଂ ଅଧିକ ରୋଜଗାରକ୍ଷମ ହୋଇପାରିବେ। ସୁନ୍ଦରଗଡ଼ ଜିଲ୍ଲା ମିଲେଟ ଚାଷରେ ଅନ୍ୟ ଜିଲ୍ଲାଠାରୁ ଅଗ୍ରଣୀ। ଆଗାମୀ ଦିନରେ ମିଲେଟ ଚାଷ ଏବଂ ମିଲେଟ




ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟରେ ଏହା ସମଗ୍ର ଦେଶରେ ଅଗ୍ରଣୀ ଜିଲ୍ଲା ହେଉ ବୋଲି ସେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଚାଷୀ ଭାଇ ଓ ଭଉଣୀମାନଙ୍କୁ ନିଜ ଚାଷକୁ ଉନ୍ନତମାନର କରିବା ସହ ଖର୍ଚ୍ଚ କମ୍ କରିବା ପାଇଁ ଅଧିକ ଯନ୍ତ୍ରପାତି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏଥି ପାଇଁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଯୋଗାଇ ଦିଆଯାଉଥିବା ରିଆତି ବିଷୟରେ ସେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଭୁବନ କୁଜୁର ଓ ସଞ୍ଜୁକ୍ତା ବିନ୍ଦୁ ଲାକ୍ରା, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜ୍ୟୋତି କେରକେଟା ଓ ଉପାଧ୍ୟକ୍ଷା ସୁନିତା ଅହିର, ସୁନ୍ଦରଗଡ଼ ଜିଲ୍ଲା କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଜୟନ୍ତ ପତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, ରାଜଗାଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଜଗନ୍ନାଥ ଦାସ, ସୁନ୍ଦରଗଡ଼ କୃଷି ଜିଲ୍ଲା ଅଧିକାରୀ ଜଗଦୀଶ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ପାନପୋଷ କୃଷି ଜିଲ୍ଲା ଅଧିକାରୀ ରିଲିଜିୟସ ବେକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ମୋଟ ୪୪ ଷ୍ଟଲ ଲାଗିଛି। ଏଥିରେ ଭିନ୍ନ ଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଛି। ପ୍ରତିଦିନ କୃଷକଙ୍କ ପାଇଁ ସେମିନାର ମଧ୍ୟ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଏହା ନଭେମ୍ବର ୨୩ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି।

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-147 ♦BHUBANESWAR ♦WEDNESDAY ♦22 NOVEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୪୭ ♦ଭୁବନେଶ୍ୱର ♦ବୁଧବାର ♦୨୨ ନଭେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


## ମେଘୁଆ ପାଗ, ଝିପିଝିପି ବର୍ଷା

**ଭୁବନେଶ୍ୱର, ୨୧।୧୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହିତ ଝିପିଝିପି ବର୍ଷା ହୋଇଛି। ଆସନ୍ତାକାଲି ମଧ୍ୟ ଏହିପରି ସ୍ଥିତି ଲାଗି ରହିବ ଓ ବୁଧବାରଠାରୁ ଏହି ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି ଆଦି ଜିଲ୍ଲାର କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି। ସେହିପରି ଶନିବାର ମଧ୍ୟ କିଛି ସ୍ଥାନରେ ବର୍ଷା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ପୁରୀ ଜିଲ୍ଲାର ଗୋପ୍ ଅଞ୍ଚଳରେ ୧୨ ମିମି ବର୍ଷା ହୋଇଥିବା ବେଳେ କୃଷ୍ଣପ୍ରସାଦରେ ୧୧, କାକଟପୁରରେ ୧୧ ଓ ଅସ୍ତରଙ୍ଗରେ ୧୦ ମିମି ବର୍ଷା ରେକର୍ଡ ହୋଇଛି।

# 'ଜୁନୋଟିକ୍' ରୋଗ ଉପରେ ବିଜୟ ଅଭିଯାନ

- ରାଜ୍ୟର ୭ ମେଡିକାଲ କଲେଜରେ ହେବ ଗବେଷଣା
- ଘାତକ ଭୂତାଣୁ ସମ୍ପର୍କରେ ଆଗୁଆ ମିଳିବ ବିସ୍ତୃତ ତଥ୍ୟ
- ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ଏନ୍‌ସିଡିସିର ପ୍ରଶଂସା

**ଭୁବନେଶ୍ୱର, ୨୧।୧୧(ସମିସ):** ରୂପ ପରିବର୍ତ୍ତନ କରି ଭୂତାଣୁ ବିଭିନ୍ନ ସମୟରେ ଘାତକ ରୂପ ନେଉଛି। ଏବେ ବି କୋଭିଡ଼ର ଭୟାବହତା ସମ୍ପୂର୍ଣ୍ଣ ଯାଇନାହିଁ। ତେଣୁ କୋଭିଡ୍ ମହାମାରୀ ସମୟରେ ଅତ୍ୟନ୍ତ ଉପାଦେୟ ହୋଇଥିବା ଜିନୋମ୍ ସିକ୍ୱେନ୍ସିଂକୁ ଆହୁରି ବ୍ୟାପକ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୭ଟି ମେଡ଼ିକାଲ କଲେଜରେ ସେଣ୍ଟିନେଲ ସେଣ୍ଟରରେ ଜିନୋମ ସିକ୍ୱେନ୍ସିଂ ପାଇଁ ପରୀକ୍ଷାଗାର ସ୍ଥାପନ କରାଯାଇ ଜୁନେଟିକ୍ ରୋଗ ଉପରେ ଗବେଷଣା କରାଯିବାକୁ ବ୍ୟବସ୍ଥା କରାଯାଇଛି। ୱାନ୍ ହେଲଥ୍ ଆକ୍ସନ୍ ପ୍ଲାନ୍ ଅଧିନରେ ଭାରତ ସରକାରଙ୍କ ସହିତ ମିଳିତ ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ଦିଗରେ କାର୍ଯ୍ୟ କରିବ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ରଣନୀତିକୁ କେନ୍ଦ୍ର ସରକାରଙ୍କ ନ୍ୟାସନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍ (ଏନ୍‌ସିଡିସି) ପ୍ରଶଂସା କରିବା ସହିତ ଜୁନୋଟିକ୍ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ପ୍ରଶଂସନୀୟ ବୋଲି କହିଛି।

ସେଣ୍ଟିନେଲ ସେଣ୍ଟରରେ ଲ୍ୟାବ୍ ପ୍ରତିଷ୍ଠା କରାଯିବା ଦ୍ୱାରା ନୂଆ ଭୂତାଣୁ ସମ୍ପର୍କରେ ଗବେଷଣା ହୋଇପାରିବ। ଉଭୟ ମଣିଷ ଏବଂ ପଶୁଙ୍କ ଠାରୁ ଭୟଙ୍କର ଭୂତାଣୁ ସୃଷ୍ଟି ହେଉଛି। ଜିନୋମ ସିକ୍ୱେନ୍ସିଂ ଏବଂ ଅନ୍ୟ ପଦ୍ଧତିରେ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ଘାତକ ରୋଗ ସମ୍ପର୍କରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ତାହା କେଉଁ ପ୍ରକାର ଭୂତାଣୁ, ତାହାର ସଂକ୍ରାମକ ହାର କେତେ, ଏହା କେତେ ଘାତକ ହେବ ଏବଂ ଏହି ଭୂତାଣୁକୁ ନିଷ୍କ୍ରିୟ କରିବା ଲାଗି କେଉଁ ପ୍ରକାର ଆଣ୍ଟିବଡିର ଆବଶ୍ୟକ ତାହା ସ୍ପଷ୍ଟ ହୋଇପାରିବ। ବିଶେଷକରି ଜୁନୋଟିକ୍ ସମ୍ପର୍କିତ ଭୂତାଣୁ ସମ୍ପର୍କରେ ଆମକୁ ବିସ୍ତୃତ ତଥ୍ୟ ମିଳିପାରିବ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରଫେସର ନିରଞ୍ଜନ ମିଶ୍ର କହିଛନ୍ତି ଯେ ବିଭାଗ ପକ୍ଷରୁ ବାରିପଦା, କୋରାପୁଟ ଓ ବଲାଙ୍ଗିର ମେଡିକାଲ କଲେଜରେ ସେଣ୍ଟିନେଲ ସାଇଟ୍ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ରାଜ୍ୟର ପ୍ରଦର୍ଶନ ଓ ଦକ୍ଷତାକୁ ଦୃଷ୍ଟିରେ ରଖି ଆଉ ଚାରିଟି ମେଡିକାଲ କଲେଜରେ ସେଣ୍ଟିନୋଲ ସାଇଟ୍ ଖୋଲିବା ପାଇଁ କେନ୍ଦ୍ର ସରକାର ଆମକୁ ପ୍ରସ୍ତାବ ଦେଇଛନ୍ତି। କୋଭିଡ୍ ମହାମାରୀ ଆମ ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ଥିଲା। ଏଥିରୁ ଶିକ୍ଷା ଗ୍ରହଣ କରି ଜୁନେଟିକ୍ ରୋଗ ପରୀକ୍ଷାନିରୀକ୍ଷା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। କୋଭିଡ୍ ମହାମାରୀର ପ୍ରକୋପ ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ। ଆଗକୁ ନୂଆ ରୂପରେ ଏହା ଆସିବା ଆଶଙ୍କା ରହିଛି। ତେଣୁ କେବଳ ପୂର୍ବ ପ୍ରସ୍ତୁତି ଦ୍ୱାରା ହିଁ ଆମେ ଏହାର ମୁକାବିଲା କରିପାରିବା ବୋଲି ଶ୍ରୀ ମିଶ୍ର କହିଛନ୍ତି।

■ ବିଜେଡି ବିଧାୟକ ଦଳ ବୈଠକ

# ଗଠନମୂଳକ ଆଲୋଚନାକୁ ସ୍ୱାଗତ କରିବ ଦଳ



- ଗୃହରେ ବିଧାୟକମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ
- ସବୁ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଦେବାକୁ ବିଜେଡି ପ୍ରସ୍ତୁତ

**ଭୁବନେଶ୍ୱର,୨୧।୧୧(ସମିସ):** ମଙ୍ଗଳବାର ଆରମ୍ଭ ହୋଇଛି ବିଧାନସଭାର ଶୀତ ଅଧିବେଶନ। ଏହାର ଅବ୍ୟବହିତ ପୂର୍ବରୁ ବିଜେଡି ବିଧାୟକ ଦଳ ବୈଠକରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକଙ୍କୁ ଦେଇଛନ୍ତି ଗୁରୁମନ୍ତ୍ର। ବିଧାନସଭାରେ ସମସ୍ତ ଗଠନମୂଳକ ଆଲୋଚନାକୁ ବିଜେଡି ସ୍ୱାଗତ କରିବ ଏବଂ ସବୁ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଅଧିବେଶନ ସମୟରେ ବିଧାୟକମାନଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ସକାଳେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସାମଗ୍ରିକ ବିକାଶ ସହ ରୂପାନ୍ତରଣ ପର୍ବ ଜାରି ରହିଛି। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ଗ୍ରାମାଞ୍ଚଳରେ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ସହ ଭିତ୍ତିଭୂମି ଉନ୍ନୟନ ପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରାଯାଉଛି। ପୁନଶ୍ଚ ରାଜ୍ୟରେ ଗ୍ରାମାଞ୍ଚଳରେ ପରିବହନ ବ୍ୟବସ୍ଥାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବା ସକାଶେ 'ଲକ୍ଷ୍ମୀ' ଯୋଜନାର ଶୁଭାରମ୍ଭ କରାଯାଇଛି। ସେହିପରି ଏକାଧିକ ଜନମଙ୍ଗଳକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଉପରୋକ୍ତ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଦିଗରେ ଦଳୀୟ ବିଧାୟକଙ୍କ ସହଯୋଗ ପ୍ରଶଂସନୀୟ। ତେବେ ଉପରୋକ୍ତ ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ଯେପରି ଶତ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ ସେ ନେଇ ସମସ୍ତେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହ ବିରୋଧୀଙ୍କ ଅଭିଯୋଗର ଉପଯୁକ୍ତ ଜବାବ ଦେବାକ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଦଳର ପ୍ରାୟ ସମସ୍ତ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ।

**ପୁଣି ଓଡ଼ିଶାକୁ ଜାତୀୟ ସ୍ୱୀକୃତି**

# ପରିମଳ କ୍ଷେତ୍ରରେ ମିଳିଲା ୨ ଜାତୀୟ ପୁରସ୍କାର



**ଭୁବନେଶ୍ୱର,୨୧।୧୧(ସମିସ):** ପରିମଳ କ୍ଷେତ୍ରରେ ରାଜ୍ୟରେ ଆସିଛି ବ୍ୟାପକ ପରିବର୍ତ୍ତନ। ସହରାଞ୍ଚଳବାସୀଙ୍କୁ ଉତ୍ତମ ସେବା ସହିତ ଗୋଷ୍ଠୀ ସହଯୋଗରେ ସହରାଞ୍ଚଳ ସେବାକୁ ଗୁରୁତ୍ୱ ଦିଆଯାଉଛି। ଯାହାକୁ ଜାତୀୟସ୍ତରରେ ପ୍ରଶଂସିତ ହେବା ସହ ଓଡ଼ିଶାକୁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସମ୍ମାନଜନକ ବାର୍ଷିକ ଭାରତ ପରିମଳ ମେଣ୍ଟ (ଆଇଏସ୍‌ସି)-ଫିକି ପରିମଳ ପୁରସ୍କାର ସମାରୋହରେ ଓଡ଼ିଶାକୁ ଦୁଇଟି ବର୍ଗରେ ପୁରସ୍କୃତ କରାଯାଇଛି। ସଫେଇ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ କଲ୍ୟାଣ ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ 'ଗରିମା' କାର୍ଯ୍ୟକ୍ରମ ଦ୍ୱାରା 'ସ୍ୱଚ୍ଛତାରେ ଶ୍ରେଷ୍ଠ ଦକ୍ଷତା ପଦକ୍ଷେପ' ବର୍ଗରେ ଏବଂ ଭୁବନେଶ୍ୱରର ବାସୁଆଘାଇ ସ୍ଥିତ ଫିକାଲ୍ ସ୍ଲଜ୍ ସେପ୍ଟେଜ୍ ପ୍ଲାଣ୍ଟର ପରିଚାଳନା କରୁଥିବା କିନ୍ନର ଏସ୍‌ଏସ୍‌ଏଚ୍‌ଜି 'ସ୍ୱୀକୃତି' ଏସ୍‌ଏଚଜିର ଅଧ୍ୟକ୍ଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପରିମଳ ବିଭାଗରେ ମହିଳା ପରିବର୍ତ୍ତନକାରୀ ବର୍ଗରେ ମେଘନାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ 'ଗରିମା' ଯୋଜନା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ପୁରସ୍କାର ଗ୍ରହଣ କରିଛନ୍ତି।

ଗାରିମା ଯୋଜନାରେ ପରିମଳ ପ୍ରକ୍ରିୟାକୁ ମଣିଷ ବଦଳରେ ମେସିନ ଦ୍ୱାରା କରିବା, ସୁରକ୍ଷାତ୍ମକ ଉପକରଣର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ ପରିମଳ କର୍ମଚାରୀମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଉଛି। ଏଥିରେ ଓଡ଼ିଶା ସରକାର ଅନେକ ସମୟରେ ସଫେଇ କର୍ମୀଙ୍କୁ ଉନ୍ନତମାନର ଯନ୍ତ୍ରପାତି କ୍ରୟ କରିବା ପାଇଁ ଋଣ ମଧ୍ୟ ପ୍ରଦାନ କରୁଛନ୍ତି। ପରିମଳ କର୍ମଚାରୀମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା ପାଇଁ ୨୦୨୦ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ଗରିମା' ଯୋଜନା କରାଯାଇଛି। ଏଥିରେ ପରିମଳ କର୍ମଚାରୀଙ୍କୁ ଏକ ସମ୍ମାନଜନକ ଏବଂ ନିରାପଦ କାର୍ଯ୍ୟ ପରିବେଶ ଯୋଗାଇଦେବା ଲାଗି ସହରରେ ୨୫ଟି ଗାରିମା ଗୃହ ସ୍ଥାପନ କରାଯାଇଛି। ଯେଉଁଥିରେ ସେମାନଙ୍କ ପାଇଁ ଗାଧୁଆଘର, ଶୌଚାଳୟ, ପାନୀୟ ଜଳ, ଲକର ଏବଂ ବିଶ୍ରାମ ସ୍ଥଳ ଆଦି ରହିଛି। ଯାହାଦ୍ୱାରା ସଫେଇ କର୍ମୀମାନେ ସୁରକ୍ଷିତ ଭାବେ ଏହି କାର୍ଯ୍ୟ କରି ପାରୁଛନ୍ତି।

ସେହିପରି ରାଜ୍ୟ ସରକାର ପରିମଳ କ୍ଷେତ୍ରରେ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ଯୋଡ଼ିବା ସହିତ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ ଭାବେ ଦାୟିତ୍ୱ ଦେଉଥିବା ବେଳେ କିନ୍ନରମାନଙ୍କୁ ମଳ ପରିଚାଳନା କେନ୍ଦ୍ରର ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ନରମାନେ ଏହି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଏ କ୍ଷେତ୍ରରେ ବଡ଼ ସଫଳତା ପାଇଛନ୍ତି।

## ଲୋକକଥା



ଜଣେ ତ ଜିତିବି ଆରେକ ହାରିବ
ଖେଳର ନିୟମ ଏହି,
ତୁଚ୍ଛାଟାରେ ଚାଲେ କାଦୁଅ ଫୋପଡ଼ା
ରାଜନୀତି କରେ ବାଇ।
ଖେଳାଳି ମାରନ୍ତି ହାଇ,
ବୋକା ପ୍ରଶଂସକ ଜୀବନ ହାରନ୍ତି
ବିଷ ଖାଇ, ରସି ଦେଇ !!


DADLS-54



# ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୨ ନଭେମ୍ବର, ୨୦୨୩

ସମୟ: ସକାଳ ୮ ଘଟିକା : ୟୁନିଟ-୧, ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସମୟ: ସକାଳ ୮.୩୦ ମିନିଟ : କଳିଙ୍ଗ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା
ସନ୍ଧ୍ୟା ୬ ଘଟିକା - ଜୟଦେବ ଭବନ, ଭୁବନେଶ୍ୱର

ସଭାପତି:
ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ

ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ଜଗନ୍ନାଥ ସାରକା
ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ଆଇନ

ସମ୍ମାନନୀୟ ଅତିଥି:
ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ

ଆଦର୍ଶ ଆଦିବାସୀ ନୃତ୍ୟ କଳା ପରିଷଦ, ସୋରିଷପଦର, ବୈପାରୀଗୁଡ଼ା, କୋରାପୁଟର କଳାକାରମାନଙ୍କ ଦ୍ୱାରା ଜନଜାତି ନୃତ୍ୟ ଓ ସଂଗୀତ ପରିବେଷଣ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସଂପର୍କ ବିଭାଗ

OIPR-15001/13/0200/2324


## ଭିଜିଲାନ୍ସ ଜାଲରେ ପୁଲିସ ଏସ୍‌ଆଇ

**ବୌଦ୍ଧ, ୨୧।୧୧ (ସମିସ):** ଗାଡ଼ି ରିଲିଜ୍ ପାଇଁ ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଉଁଶୁଣି ଥାନା ସବ୍-ଇନ୍ସପେକ୍ଟର୍ ବିକ୍ରମ କିଶୋର ଦେହୁରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ପୁରୁଣାକଟକସ୍ଥିତ ତାଙ୍କ ବାସଭବନରେ ମଧ୍ୟ ଚଢ଼ଉ କରିଛି। ବୁଧବାର ତାଙ୍କୁ ଫୁଲବାଣୀ ଭିଜିଲାନ୍ସ କୋର୍ଟଚାଲାଣ କରାଯିବ ବୋଲି ବୌଦ୍ଧ ଭିଜିଲାନ୍ସ ଡିଏସ୍‌ପି ସୁରେଶ କୁମାର କହଁର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ,



୧୫ ହଜାର ଲାଞ୍ଚ ନେଉଥିଲେ

ବାଉଁଶୁଣି ଥାନାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର ବିକ୍ରମ କିଶୋର ଦେହୁରୀ ବୌଦ୍ଧ ଥାନା ଅନ୍ତର୍ଗତ ବବଡ଼ା ଗ୍ରାମର କରୁଣାକର ନାଏକଙ୍କଠାରୁ ତାଙ୍କର ଜବତ ବାଇକ ରିଲିଜ୍ କରିବାକୁ ମୋଟା ଅଙ୍କର ଟଙ୍କା ଦାବି କରିଥିଲେ। ପୂର୍ବରୁ ୨୦ହଜାର ଟଙ୍କା ଦେଇଥିବା ବେଳେ ସବ୍-ଇନ୍ସପେକ୍ଟର୍ ଶ୍ରୀ ଦେହୁରୀ ତାଙ୍କୁ ଆହୁରି ୧୫ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଗାଡ଼ି ରିଲିଜ୍ କରିବେ ନାହିଁ ବୋଲି ସଫାସଫା କହିଥିଲେ। ଏନେଇ କରୁଣାକର ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା।


DSPL-405

# ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

***

## ଭୋଟରଙ୍କ ବିଶେଷ ଅବଗତି ନିମନ୍ତେ ସୂଚନା

ଲୋକ ପ୍ରତିନିଧିତ୍ୱ ଅଧିନିୟମ ୧୯୫୦ ଅନୁଯାୟୀ –

- କୌଣସି ବ୍ୟକ୍ତି ଏକରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ପଞ୍ଜିକୃତ ହୋଇପାରିବେ ନାହିଁ ।
- କୌଣସି ବ୍ୟକ୍ତି ନିର୍ବାଚନମଣ୍ଡଳୀରେ ଏକାଧିକ ଥର ପଞ୍ଜିକୃତ ହେବେ ନାହିଁ ।

ତେଣୁ ସମସ୍ତ ନାଗରିକଙ୍କୁ ଅନୁରୋଧ ଏକାଧିକ ସ୍ଥାନରେ ପଞ୍ଜିକରଣ ନ କରି କେବଳ ଗୋଟିଏ ସ୍ଥାନରେ ଭୋଟର ପଞ୍ଜିକରଣ କରନ୍ତୁ ।

ଏଥି ନିମନ୍ତେ ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ-୮ ମାଧ୍ୟମରେ ଆବେଦନ କରନ୍ତୁ ।

ଅନ୍‌ଲାଇନ୍ ରେ ଭୋଟର ହେଲ୍ପଲାଇନ ଆପ୍ (VHA) / voters.eci.gov.in ରେ ଏହି ସୁବିଧା ଉପଲବ୍ଧ ।

ନଚେତ୍

ବିଶେଷ ଅଭିଯାନ ଦିନର ଶେଷ ଦିନ, ନଭେମ୍ବର ୨୫ ତାରିଖ ନିକଟତମ ବୁଥ୍ ପରିଦର୍ଶନ କରି ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଅନଲାଇନ — Google Play | App Store — Scan & Download ଭୋଟ୍‌ର ହେଲ୍ପଲାଇନ ଆପ୍ — or — voters.eci.gov.in

ଅଫଲାଇନ — ବିଶେଷ ଅଭିଯାନ ଦିବସ 2023 ନଭେମ୍ବର ଶନିବାର 25

OIPR-12113/13/0010/2324

Follow us on : CEO Odisha | Ceoodisha | odishaceo | Chief Electoral Officer Odisha | 1950

# ଖୁଣ୍ଟିଝରିଆ ଗ୍ରାମବାସୀଙ୍କ ସମସ୍ୟା ବୁଝିଲେ ପୂର୍ବତନ ବିଧାୟକ

**ହେମଗିରି, ୨୧।୧୧(ସମିସ):** ପୂର୍ବତନ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମଙ୍ଗଳବାର ହେମଗିରି ବ୍ଲକ ସାନଘୁମୁଡ଼ା ପଞ୍ଚାୟତ ଖୁଣ୍ଟିଝରିଆ ଗ୍ରାମ ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଗ୍ରାମର ପ୍ରାୟ ସମସ୍ତ ଘର କାନ୍ଥ ଫାଟିଯାଇଛି। ନଳକୂପ ଧସି ପଡ଼ିଛି। ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି ବ୍ଲାଷ୍ଟିଂ ଯୋଗୁଁ ଏପରି ହୋଇଥିବା ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନଟିପିସି ଡୁଲିଙ୍ଗା କୋଇଲା ଖଣି ଖନନ ଦାୟିତ୍ୱରେ ଥିବା ସୈନିକ ମାଇନିଂ ଦୀର୍ଘଦିନ ଧରି ଗାଁ ନିକଟରେ ଶକ୍ତିଶାଳୀ ବ୍ଲାଷ୍ଟିଂ କରୁଥିବାରୁ ଘର ଓ ନଳକୂପଗୁଡ଼ିକର ଏପରି ଅବସ୍ଥା ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନିକ ଅଧିକାରୀ, ଜିଲ୍ଲାପାଳ ତଥା ଜିଲ୍ଲାପରିଷଦ ଅଧ୍ୟକ୍ଷା, ଖଣି ପ୍ରବନ୍ଧକଙ୍କ ସମେତ ବିଭିନ୍ନ ଫୋରମରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଜଣାଇଥିଲେ। ସେହିପରି କୋଇଲା ଖଣି ଓ ବି ଡମ୍ପ ପାଇଁ ମଧ୍ୟ ଖେତରେ ପାଣି ସମସ୍ୟା ସାଙ୍ଗକୁ ମାଟି ଧସି ଜୀବନ ଯିବାର ଭୟ ରହିଥିବା କହିଥିଲେ। ପୂର୍ବତନ ବିଧାୟକ ସିଂ ତୁରନ୍ତ ଖଣି ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ଏହାର ଖୁବଶୀଘ୍ର ପ୍ରତିକାର, କ୍ଷତିପୂରଣ ପ୍ରଦାନ ସହ ବିସ୍ଥାପନ ଓ ପୁନଃ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଚେତ୍ ଖଣି ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ।



## ବିପିୟୁଟିର ପ୍ରତିଷ୍ଠା ଦିବସ ପାଳିତ

# ଦେଶର ପ୍ରଗତିରେ ଟେକ୍ନୋକ୍ରାଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ






**ରାଉରକେଲା, ୨୧।୧୧(ସମିସ)**

ଦେଶର ପ୍ରଗତି ଓ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଟେକ୍ନୋକ୍ରାଟଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ୨୨ତମ ପ୍ରତିଷ୍ଠା ଦିବସକୁ ଉଦଘାଟନ କରିବା ଅବସରରେ ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି। ବିପିୟୁଟିର ନେତାଜୀ ସୁଭାଷ ଅଡିଟୋରିୟମ୍‌ରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମଙ୍ଗଳବାର ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଚାନ୍ଦ କହିଲେ, ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଭାରତ ଏବେ ତୃତୀୟ ସ୍ଥାନରେ ରହିଛି। ଆଗାମୀ ଦିନରେ ଯୁବ ବୈଷୟିକ ମାନବସମ୍ବଳ କ୍ଷେତ୍ରରେ ବିଶ୍ୱରେ ଭାରତ ପ୍ରଥମ ସ୍ଥାନ ଅଧିକାର କରିବ। ନିଜ ମଧ୍ୟରେ ଦୃଢ଼ ଆତ୍ମବିଶ୍ୱାସ, ନିଷ୍ଠା, ସମୟାନୁବର୍ତ୍ତିତା ପ୍ରତି ଧ୍ୟାନ ଦେବାକୁ ଉପସ୍ଥିତ ବୈଷୟିକ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ। ବିଶ୍ୱ ଅର୍ଥନୀତି ଆମ ଆଗରେ ଆହ୍ୱାନ ହୋଇଥିବା ବେଳେ ବୈଷୟିକ ଛାତ୍ରଛାତ୍ରୀମାନେ ଭବିଷ୍ୟତ ଆହ୍ୱାନକୁ ମୁକାବିଲା କରିବାର ସୁଯୋଗ ଆସିଛି। ଏହାସହ ଦେଶର ପ୍ରଗତି ଓ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଆମ ଦେଶର ଯୁବ ଟେକ୍ନୋକ୍ରାଟମାନେ ସାରା ବିଶ୍ୱକୁ ଦିଗ୍‌ଦର୍ଶନ ଦେବେ ବୋଲି ସେ ଆଶା ପ୍ରକଟ କରିଥିଲେ। ଏଥିପାଇଁ ସେମାନେ ନିଜ ଜ୍ଞାନର ବିନିଯୋଗ କରି ଅଭିନବ ବୈଷୟିକ କୌଶଳ ଉଦ୍ଭାବନ କରିବାକୁ ଡ. ଚାନ୍ଦ ପରାମର୍ଶ ଦେଇଥିଲେ।

ଉତ୍ସବରେ ଟିସିଏସର ଚିଫ୍ ଆର୍କିଟେକ୍ଟ ତଥା ବିଜିନେସ୍ ପାର୍ଟନର ସ୍ୱରୂପ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆଗାମୀ ଯୁଗ ଡିଜିଟାଲର ଯୁଗ ହେବାକୁ ଯାଉଛି। ଆମ ଜୀବନଶୈଳୀ, ବ୍ୟକ୍ତିଗତ ତଥ୍ୟ, ଇଣ୍ଟରନେଟ୍ ପ୍ରଭୃତିକୁ ଡିଜିଟାଲ ପ୍ରଣାଳୀ ହିଁ ନିୟନ୍ତ୍ରଣ କରିବ। ଏଣୁ ଯୁବ ବୈଷୟିକ ଛାତ୍ରଛାତ୍ରୀମାନେ ଡିଜିଟାଲ ବ୍ୟବସ୍ଥାର ଗୋଲାମ ନ ହୋଇ ଏହାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆହ୍ୱାନ କରିଥିଲେ।

ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ତାଙ୍କ ଅଭିଭାଷଣ ରଖିଥିଲେ। ପ୍ରାରମ୍ଭରେ ବିପିୟୁଟି ରେଜିଷ୍ଟ୍ରାର ନିଶି ପୁନମ୍ ମିଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରିସର୍ଚ୍ଚ ସ୍କଲାରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସିୟୁପିଜିଏସର ଡାଇରେକ୍ଟର ଇନ୍‌ଚାର୍ଜ ପ୍ରଫେସର ଶିବ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିପିୟୁଟି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା।

# ଟନେଲରେ ଫସିଥିବା ଶ୍ରମିକଙ୍କ ଉଦ୍ଧାର ପାଇଁ ପ୍ରାର୍ଥନା




**ରାଉରକେଲା, ୨୧।୧୧(ସମିସ):** ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ସ୍ମାର୍ଟ ଲେଡିଜ କ୍ଲବ୍ ପକ୍ଷରୁ ଉତ୍ତରକାଶୀରେ ଦୀର୍ଘ ୧୦ ଦିନ ହେଲା ଟନେଲରେ ଫସିଥିବା ୪୧ ଶ୍ରମିକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା କରାଯାଇଛି। କ୍ଲବ ସଦସ୍ୟମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ମୁରୁଜ ଉପରେ ୪୧ ଶ୍ରମିକଙ୍କ ପାଇଁ ୪୨ଟି ଦୀପ ପ୍ରଜ୍ୱଳନ କରିଥିଲେ। ସାଧାରଣରେ କେହି ବିପଦରେ ପଡ଼ିଥିଲେ ପରିବାର ପକ୍ଷରୁ ତାଙ୍କ ଉଦ୍ଧାର ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥାଏ। ଏହି କ୍ରମରେ ସ୍ମାର୍ଟ ଲେଡିଜ କ୍ଲବ ଆବାହକ ଲୀନା ନାୟକଙ୍କ ନେତୃତ୍ୱରେ କ୍ଲବ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ସମବେତ ହୋଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହାପ୍ରଭୁଙ୍କୁ ସ୍ମରଣ କରି ତାଙ୍କ ସଫଳ ଉଦ୍ଧାର ନିମନ୍ତେ ହୁଳହୁଳି ସହ ପ୍ରାର୍ଥନା କାରିଥିଲେ। କାର୍ଯ୍ୟକ୍ରମରେ ଯୁବ ସ୍ୱେଚ୍ଛାସେବୀ ମୁକ୍ତିକାନ୍ତ ବିଶ୍ୱାଳ ଓ ଯୁବ ଜାଗୃତି ମଞ୍ଚର ଅଧ୍ୟକ୍ଷ ଗୋପାଳ ଜେନା ସାମିଲ ହୋଇଥିଲେ। ସେମାନେ ସ୍ମାର୍ଟ ଲେଡିଜ କ୍ଲବ ସଦସ୍ୟଙ୍କ ଏଭଳି ପ୍ରୟାସ ପାଇଁ ସାଧୁବାଦ ଦେବା ସହ ତାଙ୍କ ସହ ମିଶି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ। ଉଦ୍ଧାର କାର୍ଯ୍ୟରେ ସମସ୍ତ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରାଯାଇ ସୁଡ଼ଙ୍ଗ ଉପରୁ ଡ୍ରିଲ କରି ଉଦ୍ଧାର ଜାରି ରହିଥିବା ବେଳେ ସେଥିରେ ରାଉରକେଲା ଇସ୍ପାତ କାରଖାନାର ପାଇପ୍ ବ୍ୟବହୃତ ହେଉଛି। ଏହି ପାଇପ୍ ଭାରତୀୟ ବାୟୁସେନାର ଏୟାରକ୍ରାଫ୍ଟ ଯୋଗେ ରାଉରକେଲାରୁ ଉତ୍ତରକାଶୀ ପ୍ରେରଣ କରାଯାଇଛି। ତେଣୁ ବିଜ୍ଞାନ ଓ ଭଗବାନ ଉଭୟଙ୍କ ମାଧ୍ୟମରେ ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର ନିମନ୍ତେ ସମସ୍ତେ ବ୍ୟାକୁଳତାର ସହ ଅପେକ୍ଷା କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରତିଭା ପ୍ରିୟଦର୍ଶିନୀ, ହେମଲତା ପ୍ରସାଦ, ଗାୟତ୍ରୀ ମାହାନ୍ତି, ସଙ୍ଗୀତା, ଅମୀୟଲତା, ପ୍ରଭାତୀ, ପ୍ରୀତି, ପୁଷ୍ପାଞ୍ଜଳି, ସଞ୍ଜୁକ୍ତା ପରିଡ଼ା, ସଞ୍ଜୁକ୍ତା ଶତପଥୀ, ରଞ୍ଜିତା ପାତ୍ର, ମମତା ଜେନା, ସ୍ୱର୍ଣ୍ଣଲତା ଦାସ, ଋତୁରେଖା, ମମତା ଗୌଡ଼, ରଶ୍ମିତା, ସଞ୍ଜୁକ୍ତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଭବନ ଆଗରେ ଗଣଧାରଣା ସଫଳ ପାଇଁ ସିଟୁର ବୈଠକ



**ରାଉରକେଲା, ୨୧।୧୧(ସମିସ):** କେନ୍ଦ୍ର ନରେନ୍ଦ୍ର ମୋଦି ସରକାରଙ୍କ ଜନବିରୋଧୀ, ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ୨୧ ଦଫା ଦାବି ନେଇ ସିଟୁ ସମେତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ବିଭିନ୍ନ କର୍ମଚାରୀ ଫେଡେରେସନ୍, ଅଖିଳ ଭାରତ କିଷାନ ସଭା ଓ ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ନଭେମ୍ବର ୨୬, ୨୭ ଓ ୨୮ ତାରିଖ ତିନି ଦିନ ଧରି ୭୨ ଘଣ୍ଟିଆ ଅହୋରାତ୍ର ମହା ଗଣଧାରଣା ଭୁବନେଶ୍ୱର ରାଜଭବନ ସମୁଖରେ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଅଧୀନରେ କାମ କରୁଥିବା ଶହ ଶହ ଠିକା ଶ୍ରମିକଙ୍କ ସମେତ କର୍ମଚାରୀ, କୃଷକ ଓ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ସିଟୁର ସାଧାରଣ ସଭା ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୟୁନିୟନର ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ସୁନ୍ଦରଗଡ଼ ଜିଲ୍ଲାର ଖଣିଖାଦାନ, ବିଭିନ୍ନ ଶିଳ୍ପ, ଠିକା ଶ୍ରମିକ, ପରିବହନ ଶ୍ରମିକ, ଆଶା, ଅଙ୍ଗନବାଡ଼ି, ପାଚିକା ଭଳି ଅନେକ ସ୍କିମ୍ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷକ ଏହି ମହାଗଣଧାରଣାରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଦରଦାମ ବୃଦ୍ଧି ନିୟନ୍ତ୍ରଣ, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ, କୃଷକ ବିରୋଧୀ କଳା ଆଇନ ପ୍ରତ୍ୟାହାର ସହ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳବାଇ, ସେଲ, କୋଲ ଓ ଅନ୍ୟାନ୍ୟ ଲାଭଦାୟକ ସଂସ୍ଥାର ଘରୋଇକରଣ ବନ୍ଦ, ଜନଗଣଙ୍କ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା, ଜଙ୍ଗଲ ଜମି ଅଧିକାର, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ପ୍ରଦାନ, ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ଯୋଗାଇଦେବା, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୦ ପ୍ରତ୍ୟାହାର ଆଦି ୨୧ ଦଫା ଦାବିରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, କର୍ମଚାରୀ ଫେଡେରେସନ୍ ଓ ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଏହି ଅହୋରାତ୍ର ଗଣଧାରଣାକୁ ସଫଳ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ୟୁନିୟନର ସାଧାରଣ ସମ୍ପାଦକ ବିମାନ ମାଇତି, ସିଟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, କର୍ମଚାରୀ ଫେଡେରେସନ୍ ନେତା ଭାଗୀରଥି ଟୁଡୁ, ଇସ୍ପାତ ଶ୍ରମିକ ନେତା ବାସୁଦେବ ସାହୁ, ପରିବହନ ଶ୍ରମିକ ନେତା ଅରୁଣ ମହାରଣା, ବସନ୍ତ ପାଢ଼ୀ, ବାବୁଲା ଆପଟ, ବୁବୁନ ମାଇତି, ଜୟନ୍ତୀ ମୋହିନୀ, ଲଳିତା ରଜକ, ବଛିରାମ ବେହେରା, ସାଗର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ହନୁମାନ ବାଟିକାରେ ଅଁଳା ନବମୀ ପାଳିତ





**ରାଉରକେଲା, ୨୧।୧୧(ସମିସ):** ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ଦ୍ୱାରା ମାସ ତମାମ କାର୍ତ୍ତିକ ବ୍ରତ ପାଳନ କରାଯାଉଥିବାବେଳେ ଶୁକ୍ଳପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଇଥାଏ। ଏହି ଦିନ ଦେବୀ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦର୍ଶନ ଦେଉଥିବାରୁ ତାଙ୍କ ପାଦ ଦର୍ଶନର ସୁଯୋଗ ମିଳିଥାଏ। ଦେବୀ ଶ୍ରୀରାଧାଙ୍କ ପାଦଦର୍ଶନ କରି ପୂଜାର୍ଚ୍ଚନା କରି ପବିତ୍ର ମନରେ ସ୍ମରଣ କଲେ କାର୍ତ୍ତିକ ବ୍ରତର ମାହାତ୍ମ୍ୟ ବଢ଼ିଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ପବିତ୍ର ଅଁଳା ନବମୀ ଅବସରରେ ହନୁମାନ ବାଟିକାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ହବିଷ୍ୟାଳିମାନେ ରାଧାପାଦ ଦର୍ଶନ ସହ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ। ସାନ୍ତନୁ କୁମାର ମହାପାତ୍ର ସହଯୋଗ କରିଥିଲେ। ହାଡ଼ିବନ୍ଧୁ ମହାପାତ୍ର, ସୁଶୀଳାବାଳା ମହାପାତ୍ର, ଉର୍ମିଳା ମହାପାତ୍ର, ପ୍ରମିଳା ପାଢ଼ୀ, ଭବାନୀ ଉଦ୍‌ଗାଦା, ସୁଧା ବାରିକ, ପ୍ରେମଲତା ମହାପାତ୍ର, ପ୍ରଭାସିନୀ ବିଶ୍ୱାଳ, ଛାୟାମଣି ପ୍ରଧାନ, ମନୋରମା ମହାପାତ୍ର, ପଦ୍ମାବତୀ ମହାପାତ୍ର, ଅନୁସୂୟା ପଟ୍ଟନାୟକ, ଶୈଳଜିନୀ ରଥ, ଉର୍ମିଳା ପଟ୍ଟନାୟକ, ସତ୍ୟଭାମା ପଣ୍ଡା, ସରୋଜିନୀ ପାଢ଼ୀ, ଶାନ୍ତିଲତା ସାମଲ, ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଦମୟନ୍ତୀ ପଟ୍ଟନାୟକ, ସରୋଜିନୀ ପାତ୍ର, ବିମଳା ପାତ୍ର ପ୍ରମୁଖ କାର୍ତ୍ତିକ ବ୍ରତ କରୁଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପି ଦ୍ୱାରା ପାର୍ଶ୍ୱାଞ୍ଚଳ ଲୋକଙ୍କ ଶଲ୍ୟ ଚିକିତ୍ସା



**ରାଉରକେଲା, ୨୧।୧୧(ସମିସ):** ଆର୍‌ଏସ୍‌ପି ଏହାର ସିଏସଆର ପ୍ରୟାସ ଅନ୍ତର୍ଗତ ବିଶ୍ରା ଓ ଲାଠିକଟା ବ୍ଲକରେ ପୂର୍ବରୁ ଆୟୋଜିତ ବହୁମୁଖୀ ସ୍ୱାସ୍ଥ୍ୟ ଶିବିରରେ ଚିହ୍ନଟ ଦୁଇ କ୍ୟାଟରାକ୍ଟ ରୋଗୀ ଏବଂ ୪ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର ଏବଂ ଚିକିତ୍ସା କରାଇଛି। ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ଚିକିତ୍ସା ପାଇଁ ପ୍ରଯୁଦ୍ଧ୍ୟ ପ୍ରକଳ୍ପ ସୁନୟନା ଅଧୀନରେ ଭାଲୁଲତାର ପୁରୁଷୋତ୍ତମ ସିଂହ ଏବଂ ଅସୁରଛପଲ ଗ୍ରାମର ଗୋବିନ୍ଦ ଓରାମଙ୍କର ସଫଳ ଚକ୍ଷୁ ପରଳ ଅସ୍ତ୍ରୋପଚାର ପରେ ନଭେମ୍ବର ୨୦ ତାରିଖ ହସ୍ପିଟାଲରୁ ଛୁଟି କରାଯାଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ବରିଷ୍ଠ ପରାମର୍ଶଦାତା ଡାକ୍ତର ଅନିମା ଟିଗା ବିଭାଗୀୟ ନର୍ସ ଓ କର୍ମଚାରୀଙ୍କ ସହଯୋଗରେ ଏହି ଅସ୍ତ୍ରୋପଚାର ସମ୍ପାଦନ କରିଥିଲେ।

ସେହିଭଳି କପଟମୁଣ୍ଡାର ୫୫ ବର୍ଷୀୟ ପାତ୍ରାସ ମିଞ୍ଜ, ଅସୁରଛପଲର ୩୬ ବର୍ଷୀୟ ରଞ୍ଜନ ଓରାମ, ୧୧ ବର୍ଷୀୟ ପ୍ରଦୀପ କୁମାର, ୪୫ ବର୍ଷୀୟ ସୁବୋ ଖେସଙ୍କର ଆଇଜିଏଚରେ ନିଃଶୁଳ୍କ ହାଇଡ୍ରୋସିଲ ଓ ହାର୍ଣ୍ଣିଆ ଅସ୍ତ୍ରୋପଚାର ସମ୍ପନ୍ନ କରାଯାଇଥିଲା। ସର୍ଜରୀ ବିଭାଗ ଅତିରିକ୍ତ ସିଏମଓ ଡା. ମନୋଜ କୁମାର ପ୍ରଧାନ ବିଭାଗୀୟ ନର୍ସ ତଥା ପାରାମେଡିକାଲ୍ କର୍ମଚାରୀଙ୍କ ସହଯୋଗରେ ରୋଗୀମାନଙ୍କ ଅସ୍ତ୍ରୋପଚାର କରିଥିଲେ। ଏହି ଅସ୍ତ୍ରୋପଚାର ପ୍ରକଳ୍ପ ଚରକ ଅଧୀନରେ ସମ୍ପାଦିତ ହୋଇଥିଲା। ଆରଏସପି ଏହାର ସିଏସଆର ପ୍ରୟାସ ମାଧ୍ୟମରେ ଗ୍ରାମବାସୀଙ୍କ ପାଇଁ ସର୍ଜିକାଲ ଚିକିତ୍ସା ଉପଲବ୍ଧ କରାଇ 'ସ୍ୱାସ୍ଥ୍ୟ ଭାରତ' ସୃଷ୍ଟି କରିବାକୁ ସମସ୍ତ ପ୍ରୟାସ କରୁଛି। ଏହା ରୋଗୀଙ୍କ ସମଗ୍ର ଚିକିତ୍ସା ତଥା ଉଭୟ ରୋଗୀ ଏବଂ ସେବକଙ୍କ ଖାଦ୍ୟ ଓ ରହିବା ଖର୍ଚ୍ଚର ଦାୟିତ୍ୱ ବହନ କରୁଛି। ରୋଗୀଙ୍କୁ ମଧ୍ୟ ହସ୍ପିଟାଲ ଯିବାଆସିବା ନିମନ୍ତେ ଗସ୍ତ ଖର୍ଚ୍ଚ ଯୋଗାଇ ଦିଆଯାଉଛି।

## ଗଛ କଟାକୁ ନେଇ ପାଟିତୁଣ୍ଡ

**ରାଉରକେଲା, ୨୧।୧୧(ସମିସ):** ଗଛ କଟାକୁ ନେଇ ରାଉରକେଲା ବ୍ୟାସନଗର ଅଞ୍ଚଳରେ ରହୁଥିବା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ମଙ୍ଗଳବାର ପାଟିତୁଣ୍ଡ ହୋଇଥିବା ନେଇ ଛେଣ୍ଡ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର, ୨୧।୧୧(ସମିସ):**



ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ସଂଘର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ '୫-ଟି' ଓ 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘର ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତି, ସଭାପତି ବୀରେନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ ଉପଦେଷ୍ଟା ସୁବାସ ମିଶ୍ର ପ୍ରମୁଖ ଶ୍ରୀ ପାଣ୍ଡିଆନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩ ଶହରୁ ଅଧିକ ଆଇନଜୀବୀଙ୍କ ସମେତ ଓଡ଼ିଶା ଆଇନଜୀବୀ ପରିଷଦର ବରିଷ୍ଠ ସଦସ୍ୟ ସିତାଂଶୁ ମୋହନ ଦ୍ୱିବେଦୀ ଓ ଭୁବନେଶ୍ୱର ଓକିଲ ସଂଘର ସମ୍ପାଦକ ତାପସ ଦାସ ପ୍ରମୁଖ ସାମିଲ ହୋଇଥିଲେ। ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରିବା ଓ ଆଇନଜୀବୀ ୱେଲଫେର ଟ୍ରଷ୍ଟର ମ୍ୟାଚିଂ ଗ୍ରାଣ୍ଟକୁ ୫ କୋଟିରୁ ୧୦ କୋଟିକୁ ବୃଦ୍ଧି କରିବା ଓ ସଂଘ ପାଇଁ ଏକ କାର୍ଯ୍ୟାଳୟ ଗୃହ ପାଇଁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ହୋଇଥିବା ବିଭିନ୍ନ ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱର ସହ ତର୍ଜମା କରୁଛନ୍ତି ଏବଂ ଏସବୁର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ପାଣ୍ଡିଆନଙ୍କଠାରୁ ଆଇନଜୀବୀ ସଂଘର କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ପାଇଥିବା କହିଛନ୍ତି। ସେହିଭଳି ସଂଘର ଆଗାମୀ ବାର୍ଷିକ ଅଧିବେଶନ ଫୁଲବାଣୀଠାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବେଳେ ଫୁଲବାଣୀ ଓକିଲ ସଂଘର ସଭାପତି ଭଗବାନ ମହାନ୍ତି ଓ ସମ୍ପାଦକ କମଳ କୁମାର ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ଉକ୍ତ ଅଧିବେଶନରେ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଉଭୟ କାର୍ଯ୍ୟକ୍ରମ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା।

● **ଓକିଲଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୱେଲ୍‌ଫେୟାର ଟ୍ରଷ୍ଟ ମ୍ୟାଚିଂ ଗ୍ରାଣ୍ଟକୁ ୧୦ କୋଟିକୁ ବୃଦ୍ଧି ଦାବି**

# ଭେଡ଼ାବାହାଲ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



**ସୁନ୍ଦରଗଡ଼, ୨୧ ।୧୧(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଭେଡ଼ାବାହାଲ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ସେଠ୍ ଏହାକୁ ଉଦଘାଟନ କରି ବିଦ୍ୟାଳୟରେ ବିଜ୍ଞାନମେଳା ଆୟୋଜନର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନମେଳା ଆୟୋଜନ ଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ବଢ଼ିବା ସହ ସେମାନଙ୍କ ମଧ୍ୟରେ ଗବେଷଣା ପ୍ରତି ଉତ୍ସାହ ବଢ଼ିଥାଏ ବୋଲି କହିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁରମାରାଣୀ ଓରାମଙ୍କ ସଂଯୋଜନାରେ ଆୟୋଜିତ ଏହି ବିଜ୍ଞାନମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିନାତା ନାଏକ ଓ ପ୍ରତିଭା ନାଏକ ନିରୀକ୍ଷକ ଭାବେ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ପରିଦର୍ଶନରେ ଆସିଥିଲେ।

# ସମ୍ବଲପୁରୀ କଳାସଂସ୍କୃତି ଅନୁଷ୍ଠାନର ତୃତୀୟ ବାର୍ଷିକୋତ୍ସବ



**ସୁନ୍ଦରଗଡ଼, ୨୧ ।୧୧(ସମିସ):** ପାମରା ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପାମରା ପଞ୍ଚାୟତ ନାଏବ ସରପଞ୍ଚ ଅରୁଣ କୁମାର ରାଉତ, ମହେନ୍ଦ୍ର ପୁରାଲି, ନଳିନ ରଞ୍ଜନ ସାହୁ, କିଶୋର ଚନ୍ଦ୍ର ରାଉତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ କଳା, ସଂସ୍କୃତିର ବିକାଶ ଦିଗରେ ଏହି ଅନୁଷ୍ଠନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଟୋନିସ ରୋହିଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲା ସଂଯୋଜକ ଦୁଷ୍ମନ୍ତ ଭୋଇ, ବିଭୂତି ମହାକୁଳ, ଦେବାଶିଷ ବାରିକ, ଚିନ୍ତାମଣି ରଣା, ଦୀପକ ରୋହିଦାସ, ଖାଣ୍ଡବ ରୋହିଦାସ, ଚିନ୍ତା ରୋହିଦାସ, ସୁବ୍ରତ ଦାନୀ, ନଗେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଇଷ୍ଟଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗ୍ରାମର କୁନି କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଗୀତ ପରିବେଷଣ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଅତିଥିଙ୍କ ଦ୍ୱାରା ମାନପତ୍ର ସହ ମେଡାଲ ଦିଆଯାଇ କୁନି କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

# ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**ସୁନ୍ଦରଗଡ଼, ୨୧ ।୧୧(ସମିସ):** ସ୍ଥାନୀୟ ନିର୍ମଳନଗରସ୍ଥିତ କମ୍ୟୁନିଟି ହଲରେ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୂତପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା କଂଗ୍ରେସ ଉପସଭାପତି ଅଜିତ ପ୍ରସାଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଇନ୍ଦିରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଇନ୍ଦିରା ଜଣେ ଉଚ୍ଚକୋଟୀର, ବିଚକ୍ଷଣ ତଥା ଦୃଢ଼ମନା ନେତ୍ରୀ ଥିଲେ। ସାରା ବିଶ୍ୱରେ ସେ ଲୌହମାନବୀ ଭାବେ ପରିଚିତ ଥିଲେ ବୋଲି ଷଡ଼ଙ୍ଗୀ କହିଥିଲେ। ପିସିସି ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ, ପିସିସି ମହିଳା ସମ୍ପାଦିକା ଗେରୋଟି ଖେସ, ଆନ୍ତୋନୀ କୁଲ୍ଲୁ, ଗୋବିନ୍ଦ ଚନ୍ଦ୍ର ଭୋଇ, ପର୍ଶୁରାମ ସରାଫ, ନେପାଳ ଚନ୍ଦ୍ର ସାହୁ, ଦୀନବନ୍ଧୁ ନାଏକ, ସୁଧାଂଶୁ ପଶାୟତ, ମୁନୁ ସରାଫ, ଦେବାଶିଷ ଦାସ ପ୍ରମୁଖ ବକ୍ତବ୍ୟ ରଖି ଇନ୍ଦିରାଙ୍କ ସ୍ମୃତିଚାରଣ କରିଥିଲେ। ହୋତେଶ୍ୱର ତନ୍ତୀ, ବିକାଶ ରାଓ, ରଞ୍ଜନ ବାର୍ଲା, ଯଶୋବନ୍ତ ଡୁଙ୍ଗଡୁଙ୍ଗ, ଭାଲେରିଆନ ବାଖଲା, ବୀଣା ଏକ୍କା, ବିଜୟା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସେବାଦଳ ସଭାପତି ଭୀଷ୍ମଦେବ ସିଂ ଧନ୍ୟବାଦ ଦେଇଥିଲେ।

# କାରଖାନାରେ ଦୁର୍ଘଟଣା; ଯୁବକଙ୍କ ମୃତ୍ୟୁ

**କୁତ୍ରା, ୨୧ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ବୁଢ଼ାକଟାସ୍ଥିତ ସ୍କାନ ଷ୍ଟିଲ ଲିମିଟେଡ ୟୁନିଟ୍-୨ରେ କାର୍ଯ୍ୟରତ ଜଣେ ଶ୍ରମିକ ୱେଲଡିଂ କେବଲ ନେଇ ଉପରୁ ତଳକୁ ଓହ୍ଲାଉଥିବା ସମୟରେ ତଳକୁ ଖସି ପଡ଼ିବାରୁ ତାଙ୍କ ମୃତ୍ୟୁ ହୋଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ବୁଢ଼ାକଟା ଗ୍ରାମର ଚରଣ ସିଂ ନାଏକ ୱେଲଡିଂ କେବଲ ନେଇ ଉପରୁ ତଳକୁ ଓହ୍ଲାଉଥିବା ସମୟରେ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ କାସମ୍ବାହଲ ଇଏସଆଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ମଡେଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦ ୭ ଲକ୍ଷ ଟଙ୍କା ଓ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦିଆଯାଇଛି।

**ପରିବାରର ଜଣକୁ ସ୍ଥାୟୀ ଚାକିରି ଓ ୭ ଲକ୍ଷ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି**

**କଲେଜ ଛାତ୍ରାବାସକୁ ଜଳ ଯୋଗାଣ ବାଧାପ୍ରାପ୍ତ**

# ଆନ୍ଦୋଳନକୁ ଓହ୍ଲାଇଲେ ଅନ୍ତେବାସିନୀ

**ସୁନ୍ଦରଗଡ଼, ୨୧ ।୧୧(ସମିସ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଛାତ୍ରାବାସକୁ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି। ଏହାର ପ୍ରତିବାଦରେ ଅନ୍ତେବାସିନୀମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଅନ୍ତେବାସିନୀଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ୨ଟି ଛାତ୍ରୀନିବାସ ରହିଛି। ଏଲ. ନାୟାର ହଷ୍ଟେଲରେ ୨୨୦ ଓ ଇରାବତୀ ହଷ୍ଟେଲରେ ୩୦୦ ଛାତ୍ରୀ ରହୁଛନ୍ତି। ସେହିପରି ଛାତ୍ରମାନଙ୍କ ପାଇଁ ଗଙ୍ଗାଧର ମେହେର, ଗାଙ୍ଗପୁର ଓ ୟୁଜିସି ଆଦି ୩ଟି ଛାତ୍ରାବାସ ରହିଛି। ଉକ୍ତ ଛାତ୍ରାବାସଗୁଡ଼ିକରେ ପ୍ରାୟ ୬୦୦ ଅନ୍ତେବାସୀ ରହୁଛନ୍ତି। ଉକ୍ତ ହଷ୍ଟେଲରେ ପିଏଚଇଡି ପାଇପ ଲାଇନ ସହ ଗଭୀର କୂପ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ତଥାପି ଆବଶ୍ୟକ ମୁତାବକ ଜଳ ଯୋଗାଣ ହୋଇପାରୁ ନାହିଁ। ଫଳରେ ଅନ୍ତେବାସୀମାନେ ସମସ୍ୟା ଭୋଗି ଆସୁଛନ୍ତି। ଏଥିରେ ଅତିଷ୍ଠ ହୋଇ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବର ପାଇ ପ୍ରୋବେସନର ଆଇଏଏସ୍ ଅଫିସର ପିଏନ ଶର୍ମା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ନାରାୟଣ ପଟେଲ, ସୁନ୍ଦରଗଡ଼ ଉପନଗରପାଳ ଲଲାଟେନ୍ଦୁ ପରିଡ଼ାଙ୍କ ସମେତ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଅଦୋଳନ ସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

# ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ



**ସୁନ୍ଦରଗଡ଼, ୨୧ ।୧୧(ସମିସ):** ସ୍ଥାନୀୟ ସଦଭାବନା ଭବନରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଛି। ସମାରୋହରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗଦେଇ ଜିଲ୍ଲାରେ କିଭଳି ଅଧିକରୁ ଅଧିକ ମତ୍ସ୍ୟଚାଷୀ ସୃଷ୍ଟି ହେବେ ସେ ନେଇ ଆଲୋଚନା କରିଥିଲେ। ମହିଳା ଚାଷୀମାନେ ମଧ୍ୟ ମାଛଚାଷ ପ୍ରତି ସମାନ ଭାବେ ଆଗଭର ହେବା ଆବଶ୍ୟକ ଯାହାକି ତାଙ୍କ ପରିବାରର ଆର୍ôଥକ ଅଭିବୃଦ୍ଧିରେ ସହାୟକ ହୋଇପାରିବେ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ବସନ୍ତ କୁମାର ଧଳ ମାଛଚାଷ ସହିତ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନେ ମାଛଚାଷ ସହ ଏକାସାଥୀରେ ବତକ, କୁକୁଡ଼ା, ପନିପରିବା, ଫୁଲ ଚାଷ ଆଦି କରି ଲାଭାନ୍ୱିତ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଏଲ୍‌ଡିଏମ ଗଗନ ଭୋଳ ମାଛଚାଷ ତଥା ଅନ୍ୟ ସମନ୍ୱିତ ଚାଷ ପାଇଁ ବ୍ୟାଙ୍କ ପକ୍ଷରୁ ଥିବା ବିଭିନ୍ନ ସୁବିଧା ସୁଯୋଗ, ଋଣ, ସବସିଡି ଆଦି ସମ୍ପର୍କରେ ବୁଝାଇବା ସହ ଚାଷୀମାନେ ତାଙ୍କ ନିମନ୍ତେ ପ୍ରଯୁଜ୍ୟ ଏହି ସବୁ ସୁବିଧା ସୁଯୋଗର ଲାଭ ନେବା ପାଇଁ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡେଭିଡ ବାଗେ ଚାଷ ନିମନ୍ତେ ଥିବା ବୈଷୟିକ ଜ୍ଞାନ ଉପରେ ଆଲୋଚନା କରିବା ସହ ଚାଷ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୋଖରୀରେ ମାଛଚାଷ କରିଥିବା ସଦର ବ୍ଲକ ଲଙ୍କାହୁଡ଼ା ପଞ୍ଚାୟତର ପ୍ରଫୁଲ୍ଲ ପଟେଲ, ବାୟୋଫ୍ଲକ୍ ପ୍ରଣାଳୀରେ ମାଛଚାଷ କରିଥିବା ନୂଆଗାଁ ବ୍ଲକ ପୁରୁଣାପାଣି ପଞ୍ଚାୟତର ବିଜୟ ଗଞ୍ଜୁ ଏବଂ ବଡ଼ଗାଁ ବ୍ଲକ ରୁନଗାଁ ପଞ୍ଚାୟତର ପଦ୍ମାଳୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବ୍ଲକର ମତ୍ସ୍ୟ ଅଧିକାରୀ, କୃଷି ଅଧିକାରୀ, ମତ୍ସ୍ୟ ଚାଷୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




**ହେମଗିରି, ୨୧ ।୧୧(ସମିସ):** ହେମଗିରି ବ୍ଲକ ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ 'ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୩' ଅନୁଷ୍ଠିତ ହୋଇଛି। ବ୍ଲକର ପ୍ରାୟ ସମସ୍ତ ସ୍କୁଲର ଛାତ୍ରଛାତ୍ରୀ, ଗାଇଡ୍ ଶିକ୍ଷକ ତଥା ଅଭିଭାବକମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ। ଛୋଟବଡ଼ ସମସ୍ତ ପ୍ରକାରର ଗବେଷଣା, ପ୍ରକଳ୍ପର ମଡେଲ ସବୁ ଛାତ୍ରଛାତ୍ରୀମାନେ ପ୍ରଦର୍ଶନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପଧାନ ମୁଖ୍ୟଅତିଥି, ବିଇଓ କରୁଣାସାଗର ପଟେଲ, ଜିଲ୍ଲା ପରିଷଦ ସଭ୍ୟ ଉଦିତ ସେଠ, ମହିମା ସେଠ, ଆଦାନୀ କୋଲ ମାଇନ୍ସ ଅଧିକାରୀ ପ୍ରସନ୍ନ କୁମାର ପଣ୍ଡା, ଏବିଇଓ କିଶୋର କୁମାର ଅର୍କ କପିଳ ଚନ୍ଦ୍ର ଦାସ, ସମିତି ସଭ୍ୟ ଚୂଡ଼ାମଣି ମାଝୀ, ସରପଞ୍ଚ ସୌଦାମିନୀ କାଲୋ, ବିଏସଏସ ସଭାପତି ପୂର୍ଣ୍ଣାନନ୍ଦ ପଧାନ, ବିଟିଏ ସଭାପତି ରାମଲାଲ ପଟେଲ, ଆୟୋନ ସମ୍ପାଦିକା ନବନିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଓ ସିଏସଆର୍ ମୁଖ୍ୟ ସଙ୍ଗୀତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଡାଲମିଆ ମହାବିଦ୍ୟାଳୟ**

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ









**କୁତ୍ରା, ୨୧ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ମଙ୍ଗଳବାର 'ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନ ଅଧ୍ୟକ୍ଷତା କରି ଅତିଥିଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ମୁଖ୍ୟଅତିଥି ଭାବରେ ବରିଷ୍ଠ ସମାଜସେବୀ ରଞ୍ଜନ କୁମାର ପଟେଲ ଯୋଗଦେଇ ଡାଲମିଆ ମହାବିଦ୍ୟାଳୟର ଇତିହାସ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଆଡମିନିଷ୍ଟ୍ରେଟିଭ ବର୍ସାର ତଥା ବାଣିଜ୍ୟ ବିଭାଗ ମୁଖ୍ୟ ରଞ୍ଜିତ କୁମାର ପରିଜା ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ର ପ୍ରମୁଖ ନୋଡାଲ ଅଫିସର ଡ. ଜିତେନ୍ଦ୍ର କୁମାର ପଟେଲ ଏବଂ ଡ. ଆଲୋକ ପଟେଲ ନିଜ ଅଭିଭାଷଣରେ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ମହେଶ କୁମାର ସେଠୀ ଓ ଅଧ୍ୟାପିକା ଅଲିଶା ତିର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଏକଲବ୍ୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣୀବଗିଚା ଛଟ୍ ପୂଜା କମିଟି ପକ୍ଷରୁ କମ୍ବଳ ବଣ୍ଟନ



**ସୁନ୍ଦରଗଡ଼, ୨୧ ।୧୧(ସମିସ):** ସ୍ଥାନୀୟ ରାଣୀ ବଗିଚା ଛଟ୍ ପୂଜା କମିଟି ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଛି। ସମ୍ପ୍ରତି ସୁନ୍ଦରଗଡ଼ ସହରରେ ଶୀତ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଏହାର ପ୍ରକୋପ ବଢ଼ିବା ଆଶଙ୍କା ରହିଛି। ଏଣୁ ସାଜସଜ୍ଜା, ବାଣ ଫୁଟାରେ ଅଯଥା ଟଙ୍କା ଖର୍ଚ୍ଚ ନ କରି ସେହି ଟଙ୍କାରେ ଗରିବ ଅସହାୟଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କମ୍ବଳ ବଣ୍ଟନ କରିବାକୁ କମିଟି ନିଷ୍ପତ୍ତି ନେଇଥିଲା। ଛଟ୍ ପୂଜାରେ ସହରର ଗରିବ ଅସହାୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେମାନଙ୍କୁ ପ୍ରସାଦ ସହ ସ୍ୱାଦିଷ୍ଟ ଖାଦ୍ୟରେ ଆପ୍ୟାୟିତ କରାଯାଇ ଖଣ୍ଡିଏ ଲେଖାଏଁ କମ୍ବଳ ପ୍ରଦାନ କରାଯାଇଛି। ବଜରଙ୍ଗ ଦଳ କର୍ମୀମାନେ ଏଥିରେ ସହଯୋଗ କରିଥିଲେ। ଛଟ ପୂଜା କମିଟିର ଏପରି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**ରୋଗାକ୍ରାନ୍ତ ଭାଇକୁ ଡାକ୍ତରଖାନାରେ ଛାଡ଼ି ପଳେଇଲେ**

# ୭ ଦିନ ପଡ଼ି ରହି ଆଖି ବୁଜିଲେ

**ସୁନ୍ଦରଗଡ଼, ୨୧ ।୧୧(ସମିସ):** ନିଜ ରୋଗାକ୍ରାନ୍ତ ଭାଇଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ଚାଲି ଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଖାନାରେ ଏକୁଟିଆ ୭ ଦିନ କାଳ ପଡ଼ି ରହିବା ପରେ ତାଙ୍କ ମୃତ୍ୟୁ ଘଟିଛି। ଏପରି ଅଭାବନୀୟ ଘଟଣା ଘଟିଛି ଭଷ୍ମା ଥାନା ଅନ୍ତର୍ଗତ ଘଣ୍ଟିମାଲ ଗ୍ରାମରେ। ଗ୍ରାମର ଫକୀର ଚାରଦିଆ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଫକୀରଙ୍କ ଭାଇ ତାଙ୍କୁ ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାଡ଼ି ଚାଲିଯାଇଥିଲେ। ଡାକ୍ତରଖାନା କର୍ମଚାରୀଙ୍କୁ ଘରୁ ପଇସା ଆଣିବାକୁ ଯାଉଥିବା କହି ଆଉ ଫେରି ନ ଥିଲେ। ଫକୀରଙ୍କ ଅବସ୍ଥା ଗୁରୁତର ହେବାରୁ ଗତ ୧୪ ତାରିଖ ଡାକ୍ତରମାନେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ଏଠାରେ ତାଙ୍କୁ ଯକ୍ଷ୍ମା ଓ୍ୱାର୍ଡରେ ରଖାଯାଇଥିଲା। ମାତ୍ର ସେଠାରେ ତାଙ୍କ ମୃତ୍ୟୁ ଘଟିଛି। କାର୍ଯ୍ୟରତ ଡାକ୍ତର ଏ ନେଇ ଥାନାକୁ ଏମଏଲସି ପଠାଇଥିଲେ। ଭଷ୍ମା ଥାନା ପୁଲିସ ମଙ୍ଗଳବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଫୁଟ୍‌ବଲ୍ ପ୍ରତିଯୋଗିତା



**ସୁନ୍ଦରଗଡ଼, ୨୧ ।୧୧(ସମିସ)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ନୂଆ ଓ ନବୀନ ଓଡ଼ିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଖେଳକୁଦ ପ୍ରତିଯୋଗିତାର ସପ୍ତମ ଦିନରେ ଆନ୍ତଃ ବିଭାଗ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଏଏଲ୍ ନାୟାର ଖେଳପଡ଼ିଆରେ ଅନୁଷ୍ଠିତ ଏହି ଫୁଟବଲ ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଯୁକ୍ତ ତିନି ଓ ସ୍ନାତକୋତ୍ତର ପାଇଁ ନୋଡାଲ ଅଧିକାରୀ ନୂତନ ଖମାରୀ ଓ କ୍ରୀଡ଼ା ଅଧିକାରୀ ପ୍ରବୀଣ କୁମାର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୧ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ ଶିକ୍ଷକ ଶିକ୍ଷା ଏବଂ ଅର୍ଥନୀତି ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ପେନାଲଟି ସୁଟଆଉଟ୍‌ରେ ଅର୍ଥନୀତି ବିଭାଗ ୪-୦ ଗୋଲରେ ବିଜୟୀ ହୋଇଛି। ସେହିପରି ଯୁକ୍ତ ୨ ପାଇଁ ନୋଡାଲ ଅଧିକାରୀ ରାଧାନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ କ୍ରୀଡ଼ା ଅଧିକାରୀ ମେରୀରୋଜା ଲାକ୍ରାଙ୍କ ସଂଯୋଜନାରେ ମୋଟ ୬ଟି ଦଳ ଭାଗ ନେଇଥିଲେ। ଏଥିରେ ଫାଇନାଲ ମ୍ୟାଚ୍ ଯୁକ୍ତ ଦୁଇ ବିଜ୍ଞାନ ଏବଂ ଯୁକ୍ତ ଦୁଇ କଳା ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ଦୁଇ କଳା ବିଭାଗ ୨-୧ ଗୋଲରେ ବିଜୟୀ ହୋଇଛି। ଏଥିରେ ପ୍ରୋବେସନର୍ ଆଇଏଏସ ଅଫିସର ପିଏନ୍ ଶର୍ମା ମୁଖ୍ୟଅତିଥି ଏବଂ ସୁନ୍ଦରଗଡ଼ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ପଟେଲ, ସୁନ୍ଦରଗଡ଼ ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶଶିକାନ୍ତ ସେଠୀ, ରାଜେଶ ଓରାମ, ରେଫରୀ ଏମ୍‌ଡି ସଫାଏତ, ଦେବେନ୍ଦ୍ର କିଶାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅର୍ଜୁନ ବେହେରା, ପ୍ରଭାକର ସେଠୀ, ଚିନ୍ତାମଣି କାଲୋ, ସ୍ମିତାରାଣୀ କୁଲ୍ଲୁ, ସେକସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟପାଳମାନେ ନିଜର ବିବେକକୁ କୌଣସି ରାଜନୈତିକ ଦଳର ପ୍ରତିନିଧି ଭାବେ ନୁହେଁ, ବରଂ ସମଗ୍ର ରାଜ୍ୟର ଲୋକପ୍ରତିନିଧି ଭାବେ ବ୍ୟବହାର କରିବା ଉଚିତ।

-ଡକ୍ଟର ବି ଆର ଆମ୍ବେଦକର


ସକାଳ
THE SAKALA


# ରାଜ୍ୟପାଳ ବନାମ ରାଜ୍ୟ ସରକାର

ସାମ୍ପ୍ରତି କେରଳ ଓ ତାମିଲନାଡୁର ରାଜ୍ୟପାଳ ଦ୍ୱୟଙ୍କ ଅତିକ୍ରିୟା ବା ଉଦ୍ଦେଶ୍ୟମୂଳକ ନିଷ୍କ୍ରିୟତା, ସେହି ଦୁଇ ରାଜ୍ୟରେ କେବଳ ସାମ୍ବିଧାନିକ ସଂକଟ ସୃଷ୍ଟି କରିନାହିଁ; ସର୍ବୋଚ୍ଚ ଅଦାଲତ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଛନ୍ତି। ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଯଥାକ୍ରମେ ରାଜ୍ୟପାଳ ଏବଂ ଉପରାଜ୍ୟପାଳ ଯେପରି ସ୍ୱେଚ୍ଛାଚାରିତା ଦେଖାଇ ନିର୍ବାଚିତ ସରକାରଙ୍କ ନିଷ୍ପତ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରତିହତ କରୁଥିଲେ ଏବେ କେରଳ ଓ ତାମିଲନାଡୁରେ ସେହି ଅବସ୍ଥା ଚାଲିଛି। ସଂପୃକ୍ତ ରାଜ୍ୟପାଳମାନେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ପଛରେ ସତ୍ୟତା ଥିବା କ୍ରମଶଃ ହୃଦବୋଧ ହେଉଛି।

ସମ୍ବିଧାନର ଧାରା ୧୬୮ ଅନୁସାରେ ରାଜ୍ୟପାଳମାନେ ବିଧାନସଭାର ଏକ ଅଙ୍ଗ। ସେହିଭଳି ଧାରା ୧୬୨ ଅନୁସାରେ ରାଜ୍ୟପାଳ ବିଧାନସଭାରେ ଶାସକ ଦଳର ନିଷ୍ପତ୍ତି କ୍ରମେ ଅଧ୍ୟାଦେଶ ଜାରି କରିଥା'ନ୍ତି। ସମ୍ବିଧାନର ଧାରା ୨୦୦ ଅନୁସାରେ ରାଜ୍ୟ ସରକାର ବା ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଣୟନ ପ୍ରସ୍ତାବକୁ ରାଜ୍ୟପାଳ ଯଦି ଫେରାଇ ଦେଇଥା'ନ୍ତି କିମ୍ବା ପୁନର୍ବିଚାର ପାଇଁ କହିଥା'ନ୍ତି ଏବଂ ସେହି ପ୍ରସ୍ତାବ ପୁନର୍ବାର ଉକ୍ତ ବିଧାନସଭାର ଅନୁମୋଦନ ଲାଭ କରି ଦ୍ୱିତୀୟବାର ରାଜଭବନକୁ ଆସେ, ସେଥିରେ ସ୍ୱାକ୍ଷର କରିବାକୁ ରାଜ୍ୟପାଳ ବାଧ୍ୟ। ତେବେ ରାଜ୍ୟପାଳ ଚାହିଁଲେ କିମ୍ବା କୌଣସି ପ୍ରସ୍ତାବ ବା ବିଲ୍ ଉପରେ ତାଙ୍କର ସନ୍ଦେହ ହେଲେ, ସେ ତାହାକୁ ବିଶେଷଜ୍ଞଙ୍କ ସହାୟତାରେ ଅନୁଧ୍ୟାନ କରିବାକୁ କିଛିକାଳ ରଖିପାରିବେ ଏବଂ ଆବଶ୍ୟକ ସ୍ଥଳେ ରାଷ୍ଟ୍ରପତିଙ୍କ ବିଚାର ଓ ମତାମତ ପାଇଁ ମଧ୍ୟ ପଠାଇ ପାରିବେ।

ଏତେ ସବୁ ସଂଘୀୟ ବିଧିବ୍ୟବସ୍ଥା ଓ ସାମ୍ବିଧାନିକ ନୀତିନିୟମ ଥିବା ସତ୍ତ୍ୱେ ରାଜ୍ୟପାଳ ଏବଂ କେନ୍ଦ୍ର ଏନ୍‌ଡିଏ ମେଣ୍ଟ ସରକାର ବିରୋଧୀ ରାଜନୈତିକ ଦଳ ଶାସିତ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ନିଶ୍ଚୟ ଦୁର୍ଭାଗ୍ୟଜନକ। ଏହା ରାଜନୈତିକ ପ୍ରତିଶୋଧ ପରାୟଣତାକୁ ପଦାରେ ପକାଉଛି ବୋଲି ସମୀକ୍ଷକଙ୍କ ମତ ପ୍ରକାଶ ପାଉଛି।

ଏଇ ପରିପ୍ରେକ୍ଷୀରେ କେରଳ ରାଜ୍ୟପାଳ ବିଧାନସଭା ଦ୍ୱାରା ଦୁଇଥର ଅନୁମୋଦିତ ହୋଇଯାଇଥିବା ଆଠଟି ବିଲ୍‌କୁ ସ୍ୱୀକୃତି ନ' ଦେଇ ଦୀର୍ଘ ସମୟ ଧରି ଅଟକାଇ ରଖିଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ସେଠାକାର ବାମସାମ୍ମୁଖ୍ୟ ସରକାର ବାଧ୍ୟ ହୋଇ ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟକୁ ଯିବା ପରେ ସୁପ୍ରିମକୋର୍ଟ କେରଳ ରାଜ୍ୟପାଳ ଅରିଫ ମହମ୍ମଦ ଖାଁ ଓ କେନ୍ଦ୍ର ସରକାରଙ୍କୁ ଏହି ମାମଲାରେ ନୋଟିସ୍ ଜାରି କରିଛନ୍ତି।

ତାମିଲନାଡୁରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ସେଠାକାର ଡିଏମ୍‌କେ ସରକାର ସ୍ୱୀକୃତି ପାଇଁ ପଠାଇଥିବା ବିଲ୍ ମଧ୍ୟରୁ ୩୦ଟି ରାଜ୍ୟପାଳ ଆର୍ ଏନ୍ ରବି ପ୍ରାୟ ୩ ବର୍ଷ ଧରି ପକାଇ ରଖିଛନ୍ତି। ସେଥମଧ୍ୟରୁ କେତେଟା ବିଲ ପୂର୍ବ ଆନ୍ନାଡିଏମକେ ସରକାରଙ୍କ ଅମଳରୁ ପଡ଼ିରହିଛି। ଏବେ ସୁପ୍ରିମକୋର୍ଟକୁ ମାମଲା ଯିବାପରେ, ରାଜ୍ୟପାଳ ଦଶଟି ବିଲକୁ ପୁନର୍ବିଚାର ପାଇଁ ରାଜ୍ୟ ସରକାରଙ୍କୁ ଫେରାଇ ଦେଇଥିଲେ। ସେହି ୧୦ଟି ବିଲକୁ ବିଧାନସଭା ଦ୍ୱିତୀୟ ଥର ପାରିତ କରି ଅନୁମୋଦନ ପାଇଁ ପୁଣି ରାଜ୍ୟପାଳଙ୍କ ପାଖକୁ ପଠାଇଛି। ତଥାପି ରାଜ୍ୟପାଳ ତାହାକୁ ଏପର୍ଯ୍ୟନ୍ତ ସ୍ୱୀକୃତି ଦେଇନାହାନ୍ତି। ଅବଶ୍ୟ ଏହି ପ୍ରସଙ୍ଗରେ ରାଜ୍ୟପାଳ ରବିଙ୍କ ପକ୍ଷରୁ ତାଙ୍କ ଓକିଲ ଉଚ୍ଚତମ ଅଦାଲତରେ ପକ୍ଷ ରଖି କହିଛନ୍ତି ଯେ ତିନିବର୍ଷ ମଧ୍ୟରେ ୧୮୧ ବିଲ୍ ମଧ୍ୟରୁ ୧୫୧ଟି ରାଜଭବନର ଅନୁମୋଦନ ପାଇଛି। ଅନ୍ୟଗୁଡ଼ିକୁ ରାଜ୍ୟପାଳ ବିଚାର କରି ଦେଖୁଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ବିରକ୍ତି ପ୍ରକାଶ କରି ତିନିବର୍ଷ ଯାଏଁ ରାଜ୍ୟପାଳ କ'ଣ କରୁଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଅଦାଲତ ରାଜ୍ୟପାଳଙ୍କ ଏତାଦୃଶ ବିଳମ୍ବକୁ ଖୋଲାଖୋଲି ନାପସନ୍ଦ କରିଛନ୍ତି। ଅଯଥା ରାଜ୍ୟ ସରକାରଙ୍କ କାମରେ ହସ୍ତକ୍ଷେପ ନ କରିବାକୁ ଓ ସମ୍ବିଧାନ ମତେ ଦାୟିତ୍ୱ ସମ୍ପାଦନ କରିବାକୁ ରାଜ୍ୟପାଳଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳ ରବିଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଦେଇ ନଥିଲେ ମଧ୍ୟ ଭଦ୍ର ଭର୍ତ୍ସନା କରିଛି।

ରାଜ୍ୟପାଳମାନେ କେନ୍ଦ୍ରର ଏଜେଣ୍ଟ ଭାବେ କାମ କରିବା ଏକ ବାସ୍ତବତା; କିନ୍ତୁ ସମ୍ବିଧାନ ଅନୁସାରେ ସେ ରାଜ୍ୟର ଶାସନମୁଖ୍ୟ ଏବଂ ବିଧାନସଭାର ଅଂଶବିଶେଷ। ତାଙ୍କ ନାମରେ ଶାସନ ଚାଲେ। କିନ୍ତୁ ସେ ରାଜ୍ୟ ମନ୍ତ୍ରିମଣ୍ଡଳର ପରାମର୍ଶ ଓ ସହାୟତାରେ କାର୍ଯ୍ୟ କରିବାକୁ ବାଧ୍ୟ। ଏବେ କିନ୍ତୁ ବହୁଦଳୀୟ ଶାସନ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭିନ୍ନ ଭିନ୍ନ ସରକାର ରହୁଥିବାରୁ ଅନେକ ସମୟରେ ସଂଘ- ରାଜ୍ୟ ସମ୍ପର୍କରେ ଉତ୍ତେଜନା ସୃଷ୍ଟି ହେଉଛି। ଯେଉଁ ରାଜ୍ୟ ସରକାର ରାଜନୈତିକ ଆଦର୍ଶ ଦୃଷ୍ଟିରୁ କେନ୍ଦ୍ରର କଥା ମାନୁ ନାହିଁ ବା ସ୍ୱତନ୍ତ୍ରତା ଦେଖାଉଛି, ରାଜ୍ୟପାଳଙ୍କୁ ଲଗାଇ କେନ୍ଦ୍ର ସେହି ରାଜ୍ୟ ସରକାରକୁ ହଇରାଣ କରୁଥିବା ଦେଖାଯାଉଛି। ଆହୁରି ମଧ୍ୟ କିଛି ସରକାର କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ନେଇ ଏମିତି କିଛି ପଦକ୍ଷେପ ବା ବିଧେୟକ ଆଣୁଛନ୍ତି, ଯାହା ଦେଶ ଓ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ସେଭଳି ବିଧେୟକ ବା ପ୍ରସ୍ତାବକୁ ଅନୁମୋଦନ ଦେବା ପୂର୍ବରୁ ରାଜ୍ୟପାଳ ତା'ଉପରେ ବିଶେଷଜ୍ଞଙ୍କ ମତ ଲୋଡ଼ିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇ ପାରିବେ। ଏଭଳି ମଧ୍ୟ କିଛି ଘଟଣା ଘଟୁଛି, ଯେଉଁଠି ରାଜ୍ୟ ସରକାରମାନେ ଗୋଟାପଣେ ସାଧୁ ଓ ସମ୍ବିଧାନ ଅନୁସାରେ କାମ କରୁଛନ୍ତି ବୋଲି କୁହାଯାଇ ନ'ପାରେ। ସେଭଳି ପରିସ୍ଥିତିରେ ରାଜ୍ୟପାଳ ସେ ସରକାରଙ୍କ ଉପରେ ନଜର ରଖିବାକୁ ହକ୍‌ଦାର। ସେଇଥିପାଇଁ ତ ବହୁ ଆଲୋଚନା ଓ ତର୍ଜମା ପରେ ସମ୍ବିଧାନ ପ୍ରଣୟନ ସଭା ରାଜ୍ୟପାଳ ପଦର କ୍ଷମତାର ପରିସୀମା ନିର୍ଦ୍ଧାରଣ କରିଛନ୍ତି ଏବଂ ସଂଘ - ରାଜ୍ୟ କ୍ଷମତା ବଣ୍ଟନ ବ୍ୟବସ୍ଥାରେ ରାଜ୍ୟପାଳଙ୍କୁ କିଛି ବିଶେଷାଧିକାର ଦିଆଯାଇଛି।

ରାଜ୍ୟପାଳ ପଦର ସ୍ୱତନ୍ତ୍ର ଗରିମା ଓ ସାମ୍ବିଧାନିକ ଦାୟିତ୍ୱ ରହିଛି। ସେ ପଦର ମର୍ଯ୍ୟାଦାକୁ ନ୍ୟୂନ କରାଯିବା ଅନୁଚିତ। ରାଜ୍ୟପାଳଙ୍କୁ ମଧ୍ୟ କେନ୍ଦ୍ର ନିଜର ରାଜନୈତିକ ଏଜେଣ୍ଟ ଭାବେ ବ୍ୟବହାର କରିବା ଅନୁଚିତ। ଅପରପକ୍ଷରେ ପ୍ରାଦେଶିକ ସରକାର ମଧ୍ୟ କୌଣସି ଆଇନ ବା ବିଲ୍ ଆଣିବା ବେଳେ ତାହାର ରାଜନୈତିକ ଓ ସଂଘୀୟ ପ୍ରଭାବ ପ୍ରତି ସତର୍କ ରହିବା ଆବଶ୍ୟକ। କେନ୍ଦ୍ରକୁ ଅସୁବିଧାରେ ପକାଇବା ପାଇଁ ରାଜ୍ୟପାଳଙ୍କୁ ଅଡୁଆରେ ପକାଇବା ଠିକ୍ କଥା ନୁହେଁ। ଏବେ ମଧ୍ୟ ଅନେକ ଅଣଏନ୍‌ଡିଏ ଶାସିତ ରାଜ୍ୟ ଅଛି, ଯେଉଁଠି ରାଜ୍ୟପାଳଙ୍କ ସହିତ ସେଠାକାର ସରକାରଙ୍କ ସମ୍ପର୍କ ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ। ଓଡ଼ିଶା ସେଥିମଧ୍ୟରୁ ଅନ୍ୟତମ। ଏଠି ପ୍ରଶ୍ନ ଉଠୁଛି, ଯେଉଁଠି ରାଜ୍ୟପାଳମାନେ ବିଲ୍ ଅଟକାଉଛନ୍ତି, ସେମାନେ କ'ଣ ସମସ୍ତେ କେନ୍ଦ୍ରର ବୋଲକରା ଓ ବିଚାର ବୁଦ୍ଧି ଶୂନ୍ୟ? କିଛି ରାଜ୍ୟ ସରକାର ମଧ୍ୟ ନିଜର ରାଜନୈତିକ ମତବାଦ ଓ ଆଦର୍ଶକୁ ଜାହିର କରିବାକୁ କିଛି ବିବାଦୀୟ ପ୍ରସ୍ତାବ ଆଣି ଉଭୟ କେନ୍ଦ୍ର ଓ ରାଜ୍ୟପାଳଙ୍କ କ୍ଷମତାକୁ ପରୀକ୍ଷା କରିଥା'ନ୍ତି ଏବଂ ଆହ୍ୱାନ ଦିଅନ୍ତି। ସୁତରାଂ ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସର୍ବୋଚ୍ଚ ଅଦାଲତ ଏହି ମାମଲାର ବିଚାର କରିବା ବେଳେ ସବୁ ଦିଗ ପ୍ରତି ଉଚିତ ଧ୍ୟାନ ଦେବା ଆଶା କରାଯାଏ। ରାଜ୍ୟପାଳମାନଙ୍କ ରାଜ୍ୟସରକାର ବିରୋଧୀ କାର୍ଯ୍ୟକୁ ସାମ୍ବିଧାନିକ ନୈତିକତାର ପରିସୀମା ଭିତରେ ରଖିବାପାଇଁ ସୁପ୍ରିମକୋର୍ଟ ମାର୍ଗଦର୍ଶନ ଦେଇ ସମ୍ବିଧାନ ସଂଶୋଧନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କଲେ ଏହି ସାମ୍ବିଧାନିକ ବିବାଦର ସମାପ୍ତି ସମ୍ଭବ ହୁଅନ୍ତା!

# କୃତ୍ରିମ ବୁଦ୍ଧିମତ୍ତାର ବିପଦ




ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪


କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିୟାଲ ଇଣ୍ଟେଲିଜେନ୍ସ (ଏଆଇ) ର ଯୁଗ ବର୍ତ୍ତମାନ ଆରମ୍ଭ ହୋଇସାରିଛି। ଆମ ପାଖରେ ଥିବା ଏକ ସ୍ମାର୍ଟ ଫୋନ୍‌ର କ୍ୟାମେରାରେ ବ୍ୟବହାରକାରୀର ମୁଖଚିତ୍ରକୁ ପଢ଼ି ଯୋଗାଯୋଗ କରିବା ପାଇଁ ଅନୁମତି ପ୍ରଦାନଠାରୁ ଆରମ୍ଭ କରି ସ୍ୱୟଂଚାଳିତ ଗାଡ଼ି ଚଳାଇବା, ଅନ୍ତରୀକ୍ଷକୁ ଉପଗ୍ରହ କିମ୍ବା ମହାକାଶଯାନ ପ୍ରେରଣ କରି ଏହାକୁ ସଫଳତା ସହିତ ଫେରାଇ ଆଣିବା ଆଦି ଏଆଇ ଦ୍ୱାରା ହିଁ ପରିଚାଳିତ। ଏବେ ମେଟା କମ୍ପାନୀ ଏପରି ଏକ ଏଆଇ ସୃଷ୍ଟି କରିବା ପାଇଁ ଗବେଷଣା କରୁଛି, ଯାହାଫଳରେ ସାଧାରଣ ଲୋକଙ୍କ ମସ୍ତିଷ୍କରେ ଚାଲିଥିବା ଭାବନାକୁ ପଢ଼ି ହେବ। ଏହା ସଫଳ ହେଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟ, ଆଇନ, ଲେଖାଙ୍କନ, କମ୍ପ୍ୟୁଟର ଓ ମୋବାଇଲ ପାଇଁ ସଫ୍ଟୱେର ପ୍ରସ୍ତୁତ, ଖୁଚୁରା ବ୍ୟବସାୟ ଇତ୍ୟାଦି କ୍ଷେତ୍ରରେ ଏଆଇ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ। ସୁଦୂର ଭବିଷ୍ୟତ ଗଣନା ଏଆଇ ପାଇଁ ଏକ ସାଧାରଣ କଥା ହେବ। ତାହାକୁ ଆଧାର କରି ସାଧାରଣ ଥଣ୍ଡା ଜ୍ୱର ପାଇଁ ଔଷଧ ପ୍ରସ୍ତୁତଠାରୁ ଆରମ୍ଭ କରି ଚନ୍ଦ୍ରରେ ସହର ସ୍ଥାପନ ପର୍ଯ୍ୟନ୍ତ ସମ୍ଭବ ହେବ। ଅପରପକ୍ଷରେ ଏହାଫଳରେ ମାନବର ଗୋପନୀୟତା ବିପନ୍ନ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏଆଇର ଆଗମନ ମାତ୍ରରେ ହିଁ ସୂଚନା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ତିନି ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ହୋଇଛି। ତେଣୁ ଏହାର ଉଭୟ ଭଲ ଓ ମନ୍ଦ ଗୁଣ ରହିଛି। ତେଣୁ ସମଗ୍ର ବିଶ୍ୱରେ ଏଥିପାଇଁ ଉଭୟ ସରକାର ଓ ନାଗରିକମାନେ ଚିନ୍ତିତ ହୋଇ ପଡ଼ିଛନ୍ତି।

ଗତ ଫେବୃଆରୀ ମାସରେ ନେଦରଲ୍ୟାଣ୍ଡ ସରକାରଙ୍କ ପକ୍ଷରୁ ବିଶ୍ୱର ପ୍ରଥମ ଏଆଇ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାର ନାମ ରିଏମ୍ ୨୦୨୩ ଥିଲା। ଏଥିରେ ଶହେଟି ଦେଶର ସରକାରୀ ପ୍ରତିନିଧି ଯୋଗ ଦେଇଥିଲେ। ଏହାବ୍ୟତୀତ ଏଆଇ ଶିଳ୍ପ ସହିତ ଜଡ଼ିତ ଅନେକ ଗବେଷକ ଓ ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ସମ୍ମିଳନୀରେ ସାମରିକ କ୍ଷେତ୍ରରେ ଏଆଇର ଭୂମିକା କିପରି ରହିବ କେବଳ ସେହି ଦିଗରେ ଆଲୋଚନା ହେଲା। ଚଳିତ ନଭେମ୍ବର ମାସ ୧ ତାରିଖରେ ବ୍ରିଟେନ ସରକାର ଦୁଇଦିନ ବ୍ୟାପୀ ଏକ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟତଃ ଏଆଇ ପଟୁ ଥିବା ବିପଦ ଆଶଙ୍କା ବିଷୟରେ ଆଲୋଚନା ହୋଇଥିଲା। ଏଆଇର ଯୁଗ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଏହିପରି ଏକ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ ହୋଇଛି।

ବ୍ରିଟେନର ରାଜଧାନୀ ଲଣ୍ଡନ ସହର ନିକଟବର୍ତ୍ତୀ ବକିଙ୍ଗହମସାୟାର ସହର ମଧ୍ୟରେ ଥିବା ବ୍ଲେଚଲି ଉଦ୍ୟାନ ମଧ୍ୟରେ ଏହାର ଆୟୋଜନ କରାଯାଇଥିଲା। ଏହି ଉଦ୍ୟାନ ମଧ୍ୟରେ ଆୟୋଜନ ହେବାର ଏକ ଐତିହାସିକ ଓ ରୋଚକ ତଥ୍ୟ ମଧ୍ୟ ରହିଛି। ଦ୍ୱିତୀୟ ବିଶ୍ୱ ମହାସମର ସମୟରେ ଏହି ଉଦ୍ୟାନ ମଧ୍ୟରେ ଏକ ଗୁପ୍ତ ନିୟନ୍ତ୍ରଣ କକ୍ଷ ରହିଥିଲା, ଯାହାକୁ ବର୍ତ୍ତମାନ ଏକ ସଂଗ୍ରହାଳୟର ରୂପ ପ୍ରଦାନ କରାଯାଇଛି। ସେହି ସମୟରେ ନାଜିମାନଙ୍କୁ ହରାଇବା ପାଇଁ କୋଲୋସସ୍ ନାମକ ଏକ ଛୋଟ କମ୍ପ୍ୟୁଟର ବ୍ୟବହୃତ ହେଉଥିଲା। ମହାନ କମ୍ପ୍ୟୁଟର ବିଜ୍ଞାନୀ ଆଲାନ ମଥିସନ୍ ଟୁରିଂ ଏଠାରେ ଗୁପ୍ତ ଭାବରେ ରହି ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରି ଛୋଟ ଛୋଟ କମ୍ପ୍ୟୁଟର ପାଇଁ ଭାଷା ବା ମେସିନ୍ ଲାଙ୍ଗୁଏଜ୍ ଲେଖୁଥିଲେ। ଏହାସହିତ ଗୁପ୍ତଚରମାନେ ପ୍ରେରଣ କରିଥିବା ଜର୍ମାନର ଏନିଗ୍ମା ମେସିନ୍ ଭାଷାରେ ଲେଖାଯାଇଥିବା ସନ୍ଦେଶକୁ ପଢ଼ି ବୁଝିବା ପାଇଁ ଚେଷ୍ଟା କରୁଥିଲେ। ସେହି ସମୟର ମେସିନ୍ ଲାଙ୍ଗୁଏଜ୍ ପରବର୍ତ୍ତୀ କାଳରେ ଆଧୁନିକ କମ୍ପ୍ୟୁଟର ଭାଷାର ମୂଳଦୁଆ ପକାଇଥିଲା। ଧୀରେ ଧୀରେ ସେଥିରେ ଉନ୍ନତି ଆସି ଆଜି ଏଆଇର ରୂପ ଗ୍ରହଣ କରି ମାନବ ସେବାରେ ନିୟୋଜିତ ହେଉଥିବା ବେଳେ କିଛି ମାତ୍ରାରେ ଭୟଭୀତ ମଧ୍ୟ କରାଇ ପାରୁଛି। ସେହି ଭୟକୁ ହରାଇବା ପାଇଁ ବିଶ୍ୱ ଏଠାରେ ଏକାଠି ହୋଇଥିଲା।




ବ୍ଲେଚଲି ଉଦ୍ୟାନ ମଧ୍ୟରେ ଆୟୋଜିତ ସମ୍ମିଳନୀରେ ୟୁରୋପ, ଆମେରିକା ଓ ଏସିଆର ମୋଟ ୨୯ଟି ଦେଶ ଯୋଗ ଦେଇଥିଲେ। ଏହାସହିତ ସୂଚନା ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶ୍ୱର ପ୍ରମୁଖ କମ୍ପାନୀମାନଙ୍କ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଏହାସହିତ ବିଶ୍ୱର ଅନେକ ବିଶିଷ୍ଟ ଶିଳ୍ପପତି ଅଂଶଗ୍ରହଣ କରିଥିଲେ। ବିଶେଷ ଭାବରେ ଏଲୋନ୍ ମସ୍କ ଯୋଗ ଦେବା ହେତୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଥିଲା। କାରଣ ଏଲୋନ ମସ୍କ୍ ଏଆଇ ଉପରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିବା ସହିତ ଏହାକୁ ସଫଳତା ସହିତ କିପରି ପ୍ରତ୍ୟେକ କ୍ଷେତ୍ରରେ ବିନିଯୋଗ କରାଯାଇ ପାରିବ ସେଥିପାଇଁ ପ୍ରଚେଷ୍ଟା କରୁଛନ୍ତି। ତେଣୁ ଭବିଷ୍ୟତରେ ଏଆଇକୁ କିପରି ସୁରକ୍ଷିତ ଭାବରେ ମାନବ ସେବାରେ ନିୟୋଜିତ କରାଯାଇ ପାରିବ ସେଥିପାଇଁ ପ୍ରଥମ ସମ୍ମିଳନୀ ସଫଳତା ସହିତ ସମ୍ପୂର୍ଣ୍ଣ ହୋଇଛି ବୋଲି କୁହାଯାଇପାରେ।

ସୁଖର କଥା ହେଲା ଏହାସହିତ ବ୍ଲେଚଲି ଉଦ୍ୟାନ ଘୋଷଣାପତ୍ର ମଧ୍ୟ ପ୍ରକାଶିତ ହୋଇଛି। ମୋଟ ୨୮ ଟି ଦେଶ ଏହି ଘୋଷଣାପତ୍ରରେ ସହମତି ପ୍ରକାଶ କରିଛନ୍ତି। ସମସ୍ତେ ଏକମତ ହୋଇଛନ୍ତି ଯେ ଏଆଇ ଯୁଗ ଆରମ୍ଭ ହେବା ପରେ ଯେଉଁ ସୁଯୋଗ ବା ଆହ୍ୱାନ ସୃଷ୍ଟି ହୋଇଛି ସେଥିପାଇଁ ଏକ ସାଧାରଣ ସହମତି ସୃଷ୍ଟି କରିବା ଆବଶ୍ୟକତା ରହିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ଏଆଇର ଲାଭକୁ ସମସ୍ତେ ସମାନ ଭାବରେ ଉପଯୋଗ କରିବା ସହିତ ଏହାର କ୍ଷତିକୁ ମଧ୍ୟ ସମାନ୍ତରାଳ ଭାବରେ ସହଜରେ ପରାହତ କରାଯାଇ ପାରିବ। ଏହା ଅତ୍ୟନ୍ତ ଆଶ୍ୱାସନାର ବିଷୟ ଯେ ସମ୍ମିଳନୀରେ ଏଆଇ ଯୁଗରେ ସହଜରେ ମାନବ ଜାତିକୁ କ୍ଷତି କରିବା ପରି ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ସମସ୍ତେ ଏକ ମତ ହୋଇଛନ୍ତି ଓ ଏହି ବିପଦକୁ ସ୍ୱୀକାର କରିଛନ୍ତି। ଏହାପୂର୍ବରୁ ସମଗ୍ର ବିଶ୍ୱ ଏହି ପ୍ରସଙ୍ଗରେ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା। ଗୋଟିଏ ଗୋଷ୍ଠୀ ଏଆଇ ଯୁଗରେ ବିପଦ ଭର୍ତ୍ତି ହୋଇ ରହିଥିବା ଯୁକ୍ତି ରଖୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ସ୍ୱୀକାର କରୁ ନ ଥିଲା। ତେଣୁ ସାଧାରଣ ଲୋକ ବିରାଟ ଦ୍ୱନ୍ଦ୍ୱ ମଧ୍ୟରେ ଥିଲେ। ପ୍ରଥମ ସୋପାନରେ ଏଆଇ ସମ୍ମିଳନୀରେ ବିପଦକୁ ସ୍ୱୀକାର କରାଯିବା ପରେ ଏହି ଯୁକ୍ତିତର୍କର ଅବସାନ ଘଟିଛି। ତେଣୁ ଏଣିକି ସମଗ୍ର ବିଶ୍ୱ କେବଳ ବିପଦରୁ ବର୍ତ୍ତି ଯିବା ପାଇଁ ମାର୍ଗ ପ୍ରସ୍ତୁତ କରିବା ପାଇଁ ଧ୍ୟାନ ଦେବେ ବୋଲି ଆଶା କରାଯାଏ।

ଏଆଇ ଅତ୍ୟନ୍ତ କଠିନ ସାଇବର ସୁରକ୍ଷା ବଳୟକୁ ଅତି ସହଜରେ ଭାଙ୍ଗିବା ପାଇଁ ସାମର୍ଥ୍ୟ ରଖୁଥିବା ବେଳେ ଏଆଇର ଦୁରୁପଯୋଗକୁ ରୋକିବା ପାଇଁ ଅନ୍ତର୍ଜାତୀୟ ସହମତି ପ୍ରକାଶ ପାଇ ଥିବାରୁ ଭବିଷ୍ୟତରେ ଏହା ସାଇବର ସୁରକ୍ଷା ଦିଗରେ ଅନେକ ମାତ୍ରାରେ ସହାୟକ ହେବା ସମ୍ଭବ ହେବ। ଏହାସହିତ କମ୍ପାନୀମାନେ କୌଣସି ପ୍ରକାରର ଏଆଇ ସେବା ଆରମ୍ଭ କରିବା ପୂର୍ବରୁ ଏହା ଯେପରି କୌଣସି ପ୍ରକାରର ବିପଦ ସୃଷ୍ଟି ନ କରେ ସେଥିପାଇଁ ଭଲ ଭାବରେ ପରୀକ୍ଷଣ କରି ସେବା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହେବା ଶୁଭଲକ୍ଷଣ।

ଏହି ସମ୍ମିଳନୀର ସଫଳ ଆୟୋଜନ ସହିତ ବ୍ରିଟେନରେ ଏଆଇ ସୁରକ୍ଷା କେନ୍ଦ୍ରର ଉଦଘାଟନ କରାଯାଇଛି। ଏହା ବିଶ୍ୱର ସମସ୍ତ ପ୍ରକାରର ଏଆଇ ସେବାର ଭଲ ମନ୍ଦ ଦିଗକୁ ଯାଞ୍ଚ କରିବ। ଯଦିଓ ବ୍ଲେଚଲି ସମ୍ମିଳନୀରେ ସମଗ୍ର ବିଶ୍ୱ ଏଆଇ ଦ୍ୱାରା ସମ୍ଭାବ୍ୟ ବିପଦ ଆଶଙ୍କାକୁ ସ୍ୱୀକାର କରାଯାଇଛି, ତଥାପି ଏହି ଆଶଙ୍କାକୁ କିପରି ମୁକାବିଲା କରିବାକୁ ହେବ ସେ ଦିଗରେ କିଛି ନର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିବା ସମ୍ଭବପର ହୋଇ ପାରିନାହିଁ। ନିକଟ ଭବିଷ୍ୟତରେ ମଧ୍ୟ ସେପରି କିଛି ଅନ୍ତର୍ଜାତୀୟ ସ୍ପଷ୍ଟ ନୀତି ପାଳନ ସମ୍ଭବ ହେଲା ପରି ଜଣାପଡୁ ନାହିଁ। କାରଣ ସମ୍ମିଳନୀରେ ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଅଂଶ ଗ୍ରହଣ କରିଥିଲେ। ବର୍ତ୍ତମାନ କେବଳ ବିକଶିତ ରାଷ୍ଟ୍ରରେ ଥିବା ଅନ୍ତର୍ଜାତୀୟ କମ୍ପାନୀମାନେ ଏଆଇ ପାଇଁ ଗବେଷଣା କରୁଛନ୍ତି ଓ ସଫଳତା ସହିତ ଏଆଇ ବିକଶିତ ହେବା ପରେ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦେଉଛନ୍ତି। ସେଥିପାଇଁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନୀତି ରହିଛି। ଉଦାହରଣ ସ୍ୱରୂପ ୟୁରୋପ ମହାସଂଘ ଏଆଇ ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ପାଇଁ ଯୋଜନା କରୁଛି। ଯେପରି ଗୋଟିଏ ଲୋକକୁ ତାହାର ଭିନ୍ନ ଭିନ୍ନ ପ୍ରକରର ଅପରାଧ ଅନୁଯାୟୀ ଦଣ୍ଡିତ କରାଯାଏ ସେହିପରି ଏଆଇର ପୃଥକ ପୃଥକ ବ୍ୟବହାର ଓ କ୍ଷତି ପରିମାଣ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। କିନ୍ତୁ ବ୍ରିଟେନ ଏତେ କଠୋର ହେବା ପାଇଁ ଇଚ୍ଛୁକ ନୁହେଁ। ବ୍ରିଟେନ ସରକାର ଏଆଇ ଯୁଗକୁ ଦଣ୍ଡ ଭୟରେ ଚାପି ନ ଦେଇ ଅଧିକ କ୍ରିୟାଶୀଳ କରିବା ପାଇଁ ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ଅନୁରୂପ ଆମେରିକା ସରକାର ଭଲ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ଅକ୍ଟୋବର ୨୩ ତାରିଖରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏ ସଂକ୍ରାନ୍ତ ଏକ ବିଶେଷ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଏଣିକି କମ୍ପାନୀମାନେ ନୂତନ ଏଆଇ ସେବା ଆରମ୍ଭ କରିବା ପୂର୍ବରୁ ସରକାର ଏହାର ବ୍ୟାପକ ପରୀକ୍ଷଣ କରିବେ। ସରକାରଙ୍କ ଅନୁମତି ପାଇବା ପରେ ପରେ କମ୍ପାନୀମାନେ ସମସ୍ତ ପ୍ରକାର ଏଆଇ ସେବା ଆରମ୍ଭ କରି ପାରିବେ। ଯଦି ପରବର୍ତ୍ତୀ ସମୟରେ କୌଣସି କାରଣରୁ କୌଣସି କମ୍ପାନୀର ଏଆଇ ସେବା ବ୍ୟକ୍ତିଗତ ଗୋପନୀୟତା ପ୍ରଘଟ, ବୌଦ୍ଧିକ ସମ୍ପତ୍ତି ନିୟମର ଉଲ୍ଲଙ୍ଘନ କିମ୍ବା ଅନ୍ୟ କୌଣସି ପ୍ରକାରର କ୍ଷତି କରୁଛି ବୋଲି ପ୍ରମାଣିତ ହୁଏ ତେବେ ଆମେରିକା ସରକାର ତୁରନ୍ତ ସେହି କମ୍ପାନୀର ସେବାକୁ ନିଷିଦ୍ଧ କରିପାରିବେ। ଭାରତ ସରକାର ମଧ୍ୟ ଏଆଇକୁ ନିୟନ୍ତ୍ରଣ କରିବା ସପକ୍ଷରେ ଅଛନ୍ତି। ଗତ ଜୁଲାଇ ମାସରେ ଭାରତୀୟ ଦୂର ସଞ୍ଚାର ନିୟାମକ ପ୍ରାଧିକରଣ ବିଶେଷ ଭାବରେ ଏଆଇକୁ ନିୟନ୍ତ୍ରଣ କରିବା ପାଇଁ ଏକ ବିଶେଷ ବିଧେୟକ ଗୃହୀତ କରାଇବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

ବର୍ତ୍ତମାନ ବିଶେଷ ଭାବରେ ଆମେରିକା ଓ ଚୀନ ମଧ୍ୟରେ ଏଆଇ ସେବା କ୍ଷେତ୍ରରେ ପ୍ରତିଯୋଗିତା ଚାଲିଛି। ଏହି ଦୁଇ ଦେଶ ମଧ୍ୟରେ ଥିବା ଅନ୍ତର୍ଜାତୀୟ କମ୍ପାନୀମାନେ ବିଭିନ୍ନ ପ୍ରକାରର ଏଆଇ ସେବା ବିକଶିତ କରୁଛନ୍ତି ଓ ସମଗ୍ର ବିଶ୍ୱ ଏହାକୁ ବ୍ୟବହାର କରୁଛି। ଏହି ପ୍ରତିଯୋଗିତାରେ କିନ୍ତୁ ବିଶ୍ୱ ବାଣିଜ୍ୟ ସଙ୍ଗଠନ ସମ୍ପୂର୍ଣ୍ଣ ନିରବ ରହିଛି। ଏଆଇ ଯୁଗ ପାଇଁ ବିଶ୍ୱ ବାଣିଜ୍ୟ ସଙ୍ଗଠନର ସମ୍ବିଧାନରେ କିଛି ଉଲ୍ଲେଖ ନାହିଁ। ତେଣୁ ସମ୍ବିଧାନର ସଂଶୋଧନର ଆବଶ୍ୟକତାକୁ ସହଜେ ଅନୁଭବ କରାଯାଏ। ୟୁନେସ୍କୋ ପକ୍ଷରୁ ମଧ୍ୟ ବ୍ୟାଙ୍କକଠାରେ ଗତ ନଭେମ୍ବର ୭ ତାରିଖରେ ଶିକ୍ଷା କ୍ଷେତ୍ରରେ ଏଆଇର ସୁରକ୍ଷିତ ବ୍ୟବହାର ଉପରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଆଇର ବିଭିନ୍ନ ପ୍ରକାରର ସେବା କ୍ଷେତ୍ରରେ ବିପଦ ଆଶଙ୍କାକୁ ସ୍ୱୀକାର କରି ସମଗ୍ର ବିଶ୍ୱ ଏକାଠି ହୋଇଛି। ପରବର୍ତ୍ତୀ ସମୟରେ ଏହାର ସୁରକ୍ଷିତ ବ୍ୟବହାର ନିମନ୍ତେ ଏକ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ସହମତି ପ୍ରକାଶ ପାଇବା ସହିତ ମହାଦେଶ ନିର୍ବିଶେଷରେ ନୀତି ନିର୍ଦ୍ଧାରଣ ସମ୍ଭବ ହେବ ବୋଲି ଆଶା କରାଯାଇପାରେ।

# ସଂଘର୍ଷରୁ ସଫଳତା




ଅମାତ୍ୟ କୁମାର ପ୍ରଧାନ
ସୁନ୍ଦରଗଡ଼, ମୋ: ୪୩୭୨୧୯ ୬୧୩


ଯିଏ ଯେଉଁଠି ଅଛି ତାହା ସମ୍ପୂର୍ଣ୍ଣ ଭାବରେ ବ୍ୟବସ୍ଥାର ସହଯୋଗରେ ନୁହେଁ, ବରଂ କେତେକ କ୍ଷେତ୍ରରେ (ପ୍ରାୟ ସବୁ କ୍ଷେତ୍ରରେ) ବ୍ୟବସ୍ଥା ବା ତନ୍ତ୍ରର ଅସହଯୋଗରେ ହିଁ ସମ୍ପନ୍ନ ହୋଇଥାଏ। ତାହା ହିଁ ବୋଧହୁଏ ନିୟତିର ବିଚାର। ଆଜି ଆମ ସମାଜରେ ଯେଉଁମାନେ ଆଦର୍ଶ ଅଥବା ଅନୁକରଣୀୟ, ସେହି ସମସ୍ତ ମହାମାନବ ଅନେକ ପ୍ରତିକୂଳ ପରିବେଶର କଷଟି ପଥରରେ ଥରକୁ ଥର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ହିଁ ଜଣେ ସଫଳ ବା ଅନୁକରଣୀୟ ବ୍ୟକ୍ତିତ୍ୱରେ ପରିଣତ ହୋଇଛନ୍ତି। ସେମାନଙ୍କ ଜୀବନ ଗଢ଼ି ଉଠିଛି ବ୍ୟବସ୍ଥା ବା ତନ୍ତ୍ରର ଅସହଯୋଗରେ। ପ୍ରତିକୂଳ ପରିବେଶକୁ ସେମାନେ କେବେହେଲେ ବାଧା ହିସାବରେ ଗ୍ରହଣ ନକରି ଆଗକୁ ବଢ଼ିବା ପାଇଁ ଜୀବନର ପରୀକ୍ଷା ବୋଲି ବିଚାର କରି ହିଁ ଠିଆ ହୋଇଛନ୍ତି।

ଇତିହାସ ଏହିଭଳି ବ୍ୟକ୍ତିମାନଙ୍କ ଉଦାହରଣର ଅଭାବ ନାହିଁ। ଗୋଡ଼ ହରାଇଥିବା ସୁଧାଚନ୍ଦ୍ରନ ପ୍ରତିକୂଳ ସ୍ରୋତରେ ଗତି କରି ପ୍ରସିଦ୍ଧ ଭାରତନାଟ୍ୟମ ନର୍ତ୍ତକୀ ହୋଇପାରିଛନ୍ତି। ଅତି ଛୋଟ ସହର କର୍ଣ୍ଣଲରୁ ଆରମ୍ଭ କରି ନିଜ ସାଧନା ବଳରେ କଳ୍ପନା ଚାୱଲା ମହାକାଶଚାରୀ ହୋଇଛନ୍ତି। ଛୋଟବେଳୁ ପୋଲିଓରେ ଆକ୍ରାନ୍ତ ହୋଇ ଡକ୍ଟର ସୁରେଶ ୱାଡ଼ବାଣି ନିଜ ସାଧନା ବଳରେ ଅଙ୍କୋଲୋଜିର ପ୍ରସିଦ୍ଧ ଡାକ୍ତର ହୋଇଚନ୍ତି। ସାନବେଳୁ ଏକ ବିକ୍ଷିପ୍ତ ପରିବାରର ତାଡ଼ନା ମଧ୍ୟରେ ବଢ଼ିଥିବା ବିଲ୍ କ୍ଲିଣ୍ଟନ ଆମେରିକାର ରାଷ୍ଟ୍ରପତି ହୋଇଛନ୍ତି। ୧୮୯୩ ରେ ମୋହନ ଦାସ କାରମଚାନ୍ଦ ଗାନ୍ଧୀ କଳା-ଗୋରା ଭେଦଭାବର ଶିକାର ହୋଇ ପ୍ରଥମ ଶ୍ରେଣୀ ରେଳ ଡବାରୁ ଠେଲା ଖାଇବା ପରେ ତାଙ୍କର ଲଢ଼େଇକୁ ଆହୁରି ଶାଣିତ କରି ଜାତିର ପିତା ମହାତ୍ମା ଗାନ୍ଧୀ ଭାବେ ବିଶ୍ୱବିଦିତ ହୋଇପାରିଛନ୍ତି। ସେହିପରି ୧୯୬୪ରୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ଦୀର୍ଘ ୨୭ ବର୍ଷର ଜେଲ ଦଣ୍ଡ ଭୋଗିବା ପରେ ନିଜର ସାଧନା ଓ ସଂଘର୍ଷ ବଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ନିର୍ବାଚିତ ରାଷ୍ଟ୍ରପତି ହୋଇପାରନ୍ତି ତଥା ଶାନ୍ତି ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇପାରନ୍ତି ନେଲ୍‌ସନ୍ ମାଣ୍ଡେଲା। ଆମେ ବାରାକ ଓବାମା, ଦ୍ରୌପଦୀ ମୁର୍ମୁ, ନରେନ୍ଦ୍ର ମୋଦୀ, ଏ.ପି .ଜେ ଅବଦୁଲ କାଲାମ ପ୍ରମୁଖ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ନାମ ମଧ୍ୟ ଉଦାହରଣ ସ୍ୱରୂପ ନେଇପାରିବା। ଏମାନେ ଯେଉଁ ସୋପାନରେ ଉପନୀତ ତାହା କୌଣସି ବ୍ୟବସ୍ଥା କିମ୍ବା ତତ୍କାଳୀନ ସମାଜର ଅନୁକୂଳ ସହଯୋଗର ପ୍ରତିଦାନ ନୁହେଁ।

ଆମ ପରିପାର୍ଶ୍ୱିକ ପରିବେଶ ସବୁବେଳେ ବ୍ୟକ୍ତିକୁ ସ୍ୱାଛନ୍ଦ୍ୟର ସହିତ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ସମ୍ମୁଖରେ ଥିବା ବ୍ୟକ୍ତି ନିଜର ଉନ୍ନତିର ସହାୟକ ନ ହୋଇ ବରଂ ଆମକୁ ନୀଚ ଦେଖାଇ ବା ସଂକୁଚିତ କରି ଆଗକୁ ଅତିକ୍ରମ କରିବାରେ ଚେଷ୍ଟା କରେ। ବାସ୍ତବରେ ଆମେ ଯାହାଙ୍କୁ ଆଗକୁ ବଢ଼ିବା ପାଇଁ ବାଧା ବୋଲି ନିଜକୁ ସଂକୁଚିତ କରିଥାଉ ତାହା ବାଧା ନୁହେଁ, ବରଂ ଆମକୁ ନିଖାରିବା ପାଇଁ ଏକ ବିଧିନିର୍ଦ୍ଦିଷ୍ଟ ପରୀକ୍ଷା। ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାଲିଲେ ହିଁ ବ୍ୟବସ୍ଥା ଆମକୁ ଶୀର୍ଷକୁ ସ୍ପର୍ଶ କରିବା ପାଇଁ ସୁଯୋଗ ଅର୍ପଣ କରେ। ଏ ସମ୍ପର୍କରେ ଏକ ଉତ୍ତମ କାହାଣୀ ଅଛି -

ଜଣେ କୃଷକ ଅମଳ ବୃଦ୍ଧି କରିବା ଲକ୍ଷ୍ୟରେ ହାଡ଼ଭଙ୍ଗା ପରିଶ୍ରମ କରୁଥାଏ। କିନ୍ତୁ କେଉଁ ବର୍ଷ ଅଧିକ ବର୍ଷା ଯୋଗୁଁ ତାହା ଧୋଇ ହୋଇ ଯାଉଥାଏ ତ କେବେ ମରୁଡ଼ି ପ୍ରଭାବିତ ହେଉଥାଏ। କେତେବେଳେ ପୁଣି ରୋଗପୋକ ଯୋଗୁଁ କୃଷକ ଆଶାନୁଯାୟୀ ଅମଳରୁ ବଞ୍ଚିତ ହୁଏ। ନିଜ ତରଫରୁ ସବୁପ୍ରକାର ପ୍ରଚେଷ୍ଟା କଲା ପରେ ମଧ୍ୟ ଆଶନୁରୂପ ସଫଳତା ନ ପାଇବା ପରେ କୃଷକଟି ଥରେ ଭଗବାନଙ୍କୁ ପ୍ରାର୍ଥନା କଲା। ସରଳ କୃଷକର ପ୍ରାର୍ଥନା ଓ ସମର୍ପଣରେ ସନ୍ତୁଷ୍ଟ ହୋଇ ଭଗବାନ ଆବିର୍ଭାବ ହୋଇ ବର ମାଗିବା ପାଇଁ କହିଲେ। କୃଷକ କହିଲା, ଅଳ୍ପ ବର୍ଷା କି ବେଶୀ ନୁହେଁ ବରଂ ଶସ୍ୟକୁ ସୁହାଇବା ଭଳି ବର୍ଷା ହେଉ, ଯାହା ଫଳରେ ରୋଗ ପୋକ ମଧ୍ୟ ଲାଗିବେ ନାହିଁ। ଭଗବାନ 'ତଥାସ୍ତୁ' କହି ଅନ୍ତର୍ଧ୍ୟାନ ହୋଇଗଲେ। ସେହି ବର୍ଷ କୃଷକର ଇଚ୍ଛା ଅନୁଯାୟୀ ବର୍ଷା ହେଲା। ରୋଗ ପୋକ ମଧ୍ୟ ଲାଗିଲେ ନାହିଁ। ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ବଢ଼ିଲେ। ସବୁଜ, ଶ୍ୟାମଳ କ୍ଷେତକୁ ଦେଖି କୃଷକର ଆନନ୍ଦର ସୀମା ରହିଲା ନାହିଁ। କିନ୍ତୁ ଅମଳ ସମୟ ପାଖେଇ ଆସିଲେ ମଧ୍ୟ ସେଥିରେ ଫଳ ଆସିଲା ନାହିଁ। କୃଷକ ପୁଣି ଥରେ ତପସ୍ୟା କରି ଭଗବାନଙ୍କୁ ଡାକିଲା ଓ ପଚାରିଲା ପ୍ରଭୁ ଆପଣଙ୍କ ଆଶୀର୍ବାଦରୁ ଏ ବର୍ଷ ସବୁଠାରୁ ଉତ୍କୃଷ୍ଟ ଗଛ ହୋଇଛି। କିନ୍ତୁ ଫଳ ଆସୁନାହିଁ। ଭଗବାନ କହିଲେ, ଆରେ ମୂର୍ଖ! ଫଳ ହେବା ପାଇଁ ଯେଉଁ ଅନୁପାତର ଖରା, ବର୍ଷା, କୀଟପତଙ୍ଗଙ୍କ ଅରଦଳି ଦରକାର, ସେଇଥିରୁ ବଞ୍ଚିତ ହେଲା। ଫଳବତୀ ହେବ କେଉଁଠୁ? ଯାହାକୁ ତୁ ଫଳବତୀ ହେବାର ବାଧା ବୋଲି ଭାବୁଚୁ ତାହା ହିଁ ଫଳବତୀ ହେବାର ଆବଶ୍ୟକୀୟ ଉପାଦାନ। ମଣିଷ ଜୀବନରେ ମଧ୍ୟ ସଫଳତା ପାଇଁ ଯେଉଁ ସବୁ ଉପାଦାନକୁ ଆମେ ପ୍ରତିକୂଳ ବୋଲି ବିଚାର କରିଥାଉ, ତାହା ପ୍ରକୃତରେ ଆମକୁ ଟାଣୁଆ କରି ଗଢ଼ିଥାଏ।

ବର୍ତ୍ତମାନର ସୂଚନା ଓ ପ୍ରଯୁକ୍ତି ବିଦ୍ୟ ତଥା କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଆମ ଛୁଆମାନଙ୍କୁ ଜୀବନକୌଶଳ ଶିକ୍ଷାରୁ ଅଥବା ପ୍ରତିଘାତକୁ ସାମନା କରିବାର କୌଶଳରୁ ଆମେ ବଞ୍ଚିତ କରୁଛୁ। ବଢ଼ିବା ସମୟରେ ବିଭିନ୍ନ କୌଶଳ ଯଥା ଭୟ, ଅସଫଳ ହେବାର ଆବେଗ, ଭୁଲ କରିବାର ଉପାଦାନ ତଥା ମାନସିକ ସ୍ତରରେ ଦୃଢ଼ ହେଲେ ଆଗାମୀ କାଲିର ଆହ୍ୱାନକୁ ସାମନା କରିବା ଶକ୍ତି ଆସିଥାଏ। ଏହାକୁ ଶିଶୁଠାରେ ସଞ୍ଚାର କରିବାର ଅଛି। ବର୍ତ୍ତମାନର ଯୁବକ ଯୁବତୀ ସମସ୍ୟା ଆସିଲେ ପଳାୟନ କରୁଛନ୍ତି। ଆମେ ଆମ ଶିଶୁଙ୍କଠାରେ ବିଭିନ୍ନ ନକାରାତ୍ମ ଆବେଗକୁ ନିୟନ୍ତ୍ରଣ କରିବା ଉପରେ ଶିକ୍ଷା ଦେବା କଥା, ଯଦ୍ୱାରା କି ଆବେଗଗୁଡ଼ିକ ସେମାନଙ୍କୁ ନିୟନ୍ତ୍ରଣ କରିପାରିବେ ନାହିଁ। ନକାରାତ୍ମକ ଆବେଗଗୁଡ଼ିକକୁ ବାସ୍ତବଧର୍ମୀ ଆବେଗ ଦ୍ୱାରା ପ୍ରତିସ୍ଥାପନ କରିବା ପାଇଁ ଉତ୍ସାହିତ କରିବା ଉଚିତ। ଶିଶୁମାନେ ବାସ୍ତବ ଜୀବନ ସଂଗ୍ରାମକୁ କିଭଳି ସାମ୍ନା କରିବେ ତାହା ସେମାନେ ତାଙ୍କ ପିତାମାତାଙ୍କଠାରୁ ଅନୁକରଣ କରିଥା'ନ୍ତି। ସେଥିପାଇଁ ତାଙ୍କ ସମ୍ମୁଖରେ ଆମ ମାନସିକ ଦୃଢ଼ତାକୁ ପ୍ରାଞ୍ଜପିତ କରିବା କଥା। ଆମେ ସାନ ବେଳୁ ପିଲାମାନଙ୍କୁ ଅସୁଖକର ଆବେଗଗୁଡ଼ିକ ସହିତ କିଭଳି ସନ୍ତୁଳନ ରକ୍ଷା ହୁଏ, ତାହା ଶିକ୍ଷା ଦେବା କଥା। ଆମ ପିଲା ସମୟ ବହୁତ କଠିନ ଓ ସଂଘର୍ଷରେ ବିତି ଥିବା କଥା ଯେତେବେଳେ ଆମେ ପିଲାମାନଙ୍କୁ କହୁଁ, ପ୍ରକାରାନ୍ତରେ ତାହା ଦର୍ଶାଏ ଯେ ସଂଘର୍ଷ ହିଁ ଆମକୁ ଏଇଠି ଛିଡ଼ା କରିଛି ବୋଲି ସ୍ୱୀକାର କରିବା।


ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଅଧାରେ ରହିଲା ଜଗା ଦର୍ଶନ

# ଅଟୋକୁ ଧକ୍କା ଦେଲା ଟ୍ରକ୍, ୨ ମୃତ

### ୫ ଗୁରୁତର ଆହତ

**ପାଣିକୋଇଲି, ୨୧।୧୧ (ସମିସ):** ଅଧା ରହିଗଲା ଜଗା ଦର୍ଶନ। ପୁରୀ ଯାଉଥିବା ବେଳେ ବାଟରେ ଦୁର୍ଘଟଣାରେ ପ୍ରାଣ ଚାଲିଗଲା। ୧୬ନମ୍ବର ଜାତୀୟ ରାଜପଥର ପାଣିକୋଇଲି ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ଶିଭମ ମହାପାତ୍ର (୧୧) ଓ ପୂଜା ସାହୁ (୨୧)। ଗୁରୁତରମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାହାଡା ପାଟଣାସାହି ଗ୍ରାମର ୩ପରିବାର ସୋମବାର ମଧ୍ୟରାତ୍ରିରୁ ଏକ ନୂଆ ନମ୍ବର ବିହୀନ ଅଟୋରେ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ବାହାରିଥିଲେ। ପାଣିକୋଇଲି ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଉକ୍ତ ଅଟୋକୁ ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଅଟୋଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଅଟୋର ପଛପଟେ ବସିଥିବା ଦୁଇଜଣ ଶିଭମ ଓ ପୂଜାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଅଟୋ ଚାଳକ ବାସୁଦେବପୁର ଥାନା ଅନ୍ତର୍ଗତ ଲଳିତ ମୋହନ ନାୟକ (୨୩) ଓ ଯାତ୍ରୀ ସନ୍ତୋଷ ଗୋଛାୟତ, ମଧୁସ୍ମିତା ଦାସ, ଗୌତମ ଦାସ, ଲିତାଞ୍ଜଳି ଦାସ, ପଙ୍କଜିନୀ ଦାସ ଓ ଗୀତାଞ୍ଜଳି ଦାସଙ୍କ ସମେତ ଏକ ତିନି ବର୍ଷର ଶିଶୁଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଉଦ୍ଧାର କାର୍ଯ୍ୟରେ ପାଣିକୋଇଲି ପୁଲିସ, ରାଜପଥ ପାଟ୍ରୋଲିଂ ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ସାମିଲ ହୋଇଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲୋକଙ୍କ ମାଡ଼ରେ ୨ ଲୁଟେରା ମୃତ

### ଜଣେ ଗୁରୁତର, ଜଣେ ଖସିଗଲା

**ବରଗଡ଼,୨୧।୧୧(ସମିସ):** ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ସାହୁଟିକ୍ରାରେ ୪ଜଣ ଯୁବକ ଲୁଟ୍ କରିବାକୁ ଯୋଜନା କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକଙ୍କ ମାଡ଼ରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଜଣେ ଖସି ପଳାଇବାରେ ସଫଳ ହୋଇଛି। ମୃତକଦ୍ୱୟ ହେଲେ, ପଣ୍ଡରିପଥରର ବିଜୟ ବାଗ ଏବଂ ବିକୁ ଜାଲ। ସୂଚନାଯୋଗ୍ୟ, ବରଗଡ଼-ଭେଡ଼େନ ରାସ୍ତାକଡ଼ ସାହୁଟିକ୍ରା ରାସ୍ତାରେ ବାରମ୍ବାର ଲୁଟ୍ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ମଙ୍ଗଳବାର ମଧ୍ୟାହ୍ନରେ ୪ଜଣ ଯୁବକ ଲୁଟ୍ ପାଇଁ ଯୋଜନା କରୁଥିବା ଜାଣିବାକୁ ପାଇ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିନେଇଥିଲେ। ସେଥିମଧ୍ୟରୁ ଜଣେ ଖସି ପଳାଇଥିବା ବେଳେ ସ୍ଥାନୀୟ ଲୋକ ଆଉ ୩ଜଣଙ୍କୁ ଧରି ନିସ୍ଥୁକ ଛେଚିଥିଲେ। ଏପରିକି ସେମାନଙ୍କ ବାଇକ୍‌ରେ ବି ନିଆଁ ଲଗାଇ ଦେଇଥିଲେ। ଜୀବନ ବିକଳରେ ଲୁଟେରାମାନେ ଧାନବିଲ ଭିତରକୁ ଦୌଡ଼ି ପଳାଉଥିବା ବେଳେ ଲୋକେ ତାଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଗ୍ରାମାଞ୍ଚଳ ପୁଲିସ୍ ମାଟିକାଦୁଅ ଭିତରୁ ସଂଜ୍ଞାହୀନ ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ବରଗଡ଼ ସହରାଞ୍ଚଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ବିଜୟ ବାଗକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଚିକିତ୍ସିତ ଅବସ୍ଥାରେ ବିକୁ ଜାଲଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

# ଶିମିଳିପାଳରୁ ଦାନ୍ତହୀନ ଦନ୍ତାର ଗଳିତ ଶବ ଠାବ

### ଶନିବାର ଜବତ ହୋଇଥିଲା ୨ଟି ହାତୀଦାନ୍ତ

**ବାରିପଦା, ୨୧।୧୧(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ୍‌ର ଜାତୀୟ ଉଦ୍ୟାନ ରେଞ୍ଜ ଅଧୀନ ଘଞ୍ଚ ଜଙ୍ଗଲରୁ ଏକ ହାତୀର ଗଳିତ ମୃତଦେହ ଠାବ ହୋଇଛି। ହାତୀଟିର ଦାନ୍ତ ନଥିବାରୁ ହାତୀମୃତ୍ୟୁକୁ ନେଇ ସନ୍ଦେହ ହୋଇଛି। ହାତୀଟିକୁ ଶିକାର କରାଯିବା ପରେ ଦାନ୍ତ କାଢ଼ି ନିଆଯାଇଥିବା ଅଭିଯୋଗ ହୋଇଛି। ଗତ ଶନିବାର ଦୁଇଟି ହାତୀଦାନ୍ତ ସହ ୪ଜଣ ଧରାପଡ଼ିଥିବାରୁ ଏହି ହାତୀ ମୃତ୍ୟୁ ପଛରେ ସେମାନଙ୍କ ହାତ ଥିବା ସନ୍ଦେହ କରାଯାଉଛି। ତେବେ ହାତୀଟିର କିପରି ମୃତ୍ୟୁ ହୋଇଛି ଏବଂ ଜବତ ହୋଇଥିବା ଦାନ୍ତ ଏହି ହାତୀର କି ନୁହେଁ; ସେନେଇ ଅଧିକ ତଦନ୍ତ କରାଯାଉଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଅପରପକ୍ଷରେ ପୂର୍ବତନ ଅବୈତନିକ ବନପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ଯେ ଏହା ପେଷାଗତ ଶିକାରୀଙ୍କ କାର୍ଯ୍ୟ। ଶିକାରୀମାନେ ବିଷଦିଆ ତୀର ମାରି ହାତୀକୁ ହତ୍ୟା କରିବା ପରେ ଏସିଡ୍ ଦ୍ୱାରା ଦୁଇଟିଯାକ ଦାନ୍ତ କାଟି ହୋଇଛନ୍ତି। ଦନ୍ତାର ବୟସ ଆନୁମାନିକ ୨୦/୨୨ ବର୍ଷ ହେବ ବୋଲି ଜଣାପଡୁଛି।

ସୂଚନା ଯୋଗ୍ୟ ଯେ, ଶନିବାର ହାତୀ ଦାନ୍ତ ଚାଲାଣବେଳେ ଏକ ଯୋଡା ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କରାଯାଇଥିଲା। ବାଇକ୍ ଯୋଗେ ହାତୀଦାନ୍ତ ନେଇ ଆସୁଥିବା ସୂଚନା ପାଇ ବନ ବିଭାଗ ତସ୍କରିଙ୍କ ନିକଟରୁ ତିନି ବାଇକ୍, ମୋବାଇଲ୍ ଏବଂ ଦୁଇଟି ଦାନ୍ତ ଜବତ କରିଥିଲା। ତସ୍କରି ତିନି ଜଣ କପ୍ତିପଦା ଥାନା ଅଞ୍ଚଳର ହୁଡ଼ିସାହିର ନିତ୍ୟାନନ୍ଦ ସିଂ (୨୪), ଟୁମୁରୁ ସିଂ (୨୩), ଲଛୁ ସିଂ (୩୦) ଏବଂ ମହୁଲଡିହା ଥାନା ଅଞ୍ଚଳର ଡ଼ଙ୍ଗାଡିହାର ରାଜୁ ବାଙ୍କିରା (୨୭)। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଷ୍ଟାର୍ଟଅପ୍‌କୁ...

ଷ୍ଟାର୍ଟଅପ୍ ପରିବେଶକୁ ଆହୁରି ସୁଦୃଢ଼ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଅବସରରେ ଇକ୍ୱାନିମିଟି ଭେଞ୍ଚର୍ସ ଏବଂ ସାଞ୍ଜି କନେକ୍ଟ ସହିତ ଷ୍ଟାର୍ଟଅପ୍ ଓଡ଼ିଶା ବୁଝାମଣାପତ୍ର ସ୍ୱାକ୍ଷର କରିଛି। ପୁଞ୍ଜିନିବେଶ ପାଇବା ଲାଗି ଷ୍ଟାର୍ଟଅପ୍ ଗୁଡିକୁ ପ୍ରସ୍ତୁତ କରିବା ଦିଗରେ ଇକ୍ୱାନିମିଟି ଭେଞ୍ଚର୍ସ କାମ କରିବ। ସେହିପରି ଷ୍ଟାର୍ଟଅପ୍ ଗୁଡିକର ବିକାଶ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସାଞ୍ଜି କନେକ୍ଟ କାମ କରୁଛି।

### ଚଳିତବର୍ଷ ଖର୍ଚ୍ଚହେବ...

ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା, ମତ୍ସ୍ୟଜୀବୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା, ମା'ମାନଙ୍କୁ ସଶକ୍ତ କରିବା ଏବଂ ସର୍ବୋପରି ରାଜ୍ୟର ଆର୍ଥିକ ବିକାଶ କରିବା। 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଏ ସବୁ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ନେବ ଏବଂ ଏହି କାର୍ଯ୍ୟକ୍ରମ '୫-ଟି' ନୀତିରେ କାର୍ଯ୍ୟକାରୀ କରାଯିବ। ମତ୍ସ୍ୟଜୀବୀମାନେ ଏହାର ସୁଯୋଗ ନେଇ ନିଜର ଓ ରାଜ୍ୟର ସମୃଦ୍ଧିରେ ଯୋଗଦାନ ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜନତାଙ୍କ ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରିବା ସହ ଜନତାଙ୍କ କଲ୍ୟାଣ ପାଇଁ ସେ ସବୁବେଳେ ନୂଆ ନୂଆ ଯୋଜନା କରିଆସିଛନ୍ତି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗଞ୍ଜାମ ଜିଲ୍ଲାର ମତ୍ସ୍ୟଜୀବୀ ବ୍ରହ୍ମାନନ୍ଦ ଦାସ କହିଛନ୍ତି ଯେ କୋଭିଡ୍ ସମୟରେ ରୋଜଗାର ବନ୍ଦ ହୋଇଯିବାରୁ ସେ ବାୟୋ ଫ୍ଲକ୍ ଯୋଜନାରେ ୪୦ପ୍ରତିଶତ ରିହାତି ପାଇ ମାଛ ଚାଷ ଆରମ୍ଭ କରିଥିଲେ। ଏବେ ସେ ଲକ୍ଷାଧିକ ଟଙ୍କା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି ବାଲେଶ୍ୱରର ଗୀତାରାଣୀ ପଣ୍ଡା କହିଛନ୍ତି ଯେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ 'ପଞ୍ଚାୟତ ପୋଖରୀ ଯୋଜନା'ରେ ସେମାନେ ଋଣ ନେଇ ଏବେ ବର୍ଷକୁ ୫ ଲକ୍ଷ ଟଙ୍କା ଲାଭ କରୁଛନ୍ତି। ଏହାଦ୍ୱାରା ସେମାନଙ୍କର ଆର୍ଥିକ ସମସ୍ୟା ଦୂର ହୋଇପାରିଛି। ପୁରୀ ଜିଲ୍ଲାର ସାମୁଦ୍ରିକ ମତ୍ସ୍ୟଜୀବୀ ବ୍ରଜସୁନ୍ଦର ବେହେରା କହିଛନ୍ତି ଯେ ଅଲିଭ ରିଡ୍‌ଲେଙ୍କ ପାଇଁ ତାଙ୍କର ଜୀବିକା ପ୍ରଭାବିତ ହେଉଥିଲା। ଏଥିପାଇଁ ସହାୟତା ପରିମାଣକୁ ମୁଖ୍ୟମନ୍ତ୍ରୀ ୭୫୦୦ଟଙ୍କାରୁ ୧୫ହଜାର ଟଙ୍କାକୁ ବୃଦ୍ଧି କରିଥିବାରୁ ତାଙ୍କ ପରିବାର ଆଜି ସୁରକ୍ଷିତ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେ ଓ ତାଙ୍କ ପରିବାର କୃତଜ୍ଞ ବୋଲି ବ୍ରଜସୁନ୍ଦର କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି...

ମନ୍ତ୍ରୀ ସରସ୍ୱତୀ ପ୍ରଧାନ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଅଜୟ କୁମାର ଜେନା, ପୂର୍ବତନ ସଦସ୍ୟ ରବି ଦାସ, ପୂର୍ବତନ ସଦସ୍ୟ ଯୁଧିଷ୍ଠିର ସାମନ୍ତରାୟ, ୬୨୦ ଇ.ଏମ. ଇ. ବାଟାଲିୟନର ପୂର୍ବତନ ଲାନସ୍ ହାବିଲଦାର ସରୋଜ କୁମାର ଦାସ, ୨୦୬ କୋବ୍ରା ବାଟାଲିୟନର ପୂର୍ବତନ କନେଷ୍ଟବଳ ପ୍ରକାଶ ଚନ୍ଦ୍ର ସିଆଲଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହି ଶୋକ ପ୍ରସ୍ତାବକୁ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ସମର୍ଥନ ଜଣାଇଥିଲେ। ଏହା ପରେ କଂଗ୍ରେସ ଦଳର ବରିଷ୍ଠ ନେତା ନରସିଂହ ମିଶ୍ର ଶୋକ ପ୍ରସ୍ତାବକୁ ସମର୍ଥନ ଦେବା ସହ ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ମହେଶ୍ୱର ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ଶୋକ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଶେଷରେ ବାଚସ୍ପତି ପ୍ରମିଳା ମଲ୍ଲିକ ଦିବଙ୍ଗତମାନଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ସେମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ବାଚସ୍ପତି ଦିବଙ୍ଗତମାନଙ୍କ ସମ୍ମାନାର୍ଥେ ଦିନକ ପାଇଁ ଗୃହର କାର୍ଯ୍ୟକୁ ମୁଲତବୀ ଘୋଷଣା କରିଥିଲେ।

### ସାଲୁଗା ପ୍ରଧାନ...

ଏହି ଅବସରରେ ନବନିର୍ବାଚିତ ଉପବାଚସ୍ପତି ଶ୍ରୀ ପ୍ରଧାନ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ସେ ନିରପେକ୍ଷ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବେ ବୋଲି କହିଥିଲେ। ଏହାସହ ସମସ୍ତେ ମିଳିମିଶି ଗୃହର ମର୍ଯ୍ୟାଦା ରକ୍ଷା ପାଇଁ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଅପରପକ୍ଷେ ସାଲୁଗାଙ୍କୁ ସର୍ବସମ୍ମତିକ୍ରମେ ଉପବାଚସ୍ପତି ନିର୍ବାଚିତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗୃହର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ଗୃହକାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ତାଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ଉପବାଚସ୍ପତି ନିର୍ବାଚନ ପାଇଁ ଆଜି ସକାଳେ ବିଧାନସଭାରେ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପବାଚସ୍ପତି ଭାବେ ସାଲୁଗା ପ୍ରଧାନଙ୍କ ନାମ ମୋସନ ଆକାରରେ ଆଗତ କରିଥିଲେ। ମୋସନକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ସମର୍ଥନ ଜଣାଇଥିଲେ। ନବନିର୍ବାଚିତ ଉପବାଚସ୍ପତି ବିଧାନସଭାର ଗରିମା ଓ ନିରପେକ୍ଷତା ବଜାୟ ରଖିବା ନେଇ ଆମେ ଆଶା କରୁଛୁ ବୋଲି ଶ୍ରୀ ମାଝୀ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଆଦିବାସୀ ବର୍ଗର ଜଣେ ନେତାଙ୍କୁ ଉପବାଚସ୍ପତି ଭାବେ ଚୟନ କରିଥିବାରୁ କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଓ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ପ୍ରମୁଖ ଉପବାଚସ୍ପତିଙ୍କୁ ତାଙ୍କ ଆସନ ପାଖକୁ ପାଛୋଟି ନେଇଥିଲେ।

### ନବୀନ ଓଡ଼ିଶା...

ହେବା ଲାଗି ନେଇଛନ୍ତି ସଂକଳ୍ପ। ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ଆଇନଜୀବୀ ଶ୍ରୀ ପାଣ୍ଡିଆନଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟର ରୂପାନ୍ତରଣ ଅଭିଯାନ ଯେପରି ଭାବେ ଗୋଟିଏ ପରେ ଗୋଟିଏ ସଫଳତା ପାଇ ଚାଲିଛି ତାହା ଆଗାମୀ ଦିନରେ ଓଡ଼ିଶାକୁ ନୂଆ ପରିଚୟ ଦେବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ଅନ୍ୟ ପକ୍ଷରେ ସଂଘ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିଚାର କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ଏହି ଅବସରରେ କହିଛନ୍ତି। ଅନୁରୂପ ଭାବରେ ବିଜୁ ପଟ୍ଟନାୟକଙ୍କ ଫାର୍ମାସୀ ଷ୍ଟୁଡେଣ୍ଟ ଆସୋସିଏନ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ନବନିଯୁକ୍ତ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସଂଗଠନର ପ୍ରତିଷ୍ଠାତା ଇଂ ତବ୍ରେଜ ଖାଁ, ସହ ପ୍ରତିଷ୍ଠାତା ଓମ୍ ପ୍ରକାଶ ସ୍ୱାଇଁ, ସଭାପତି ସାରସ୍ୱତ ପତି, କାର୍ଯ୍ୟକାରୀ ସଭାପତି ଆଶିଷ ଶର୍ମା, ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ଅବସର ପରେ 'ନବୀନ ଓଡ଼ିଶା' ଓ ୫-ଟି ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ମୁଖ୍ୟମନ୍ତ୍ରୀଙ୍କ ନବୀନ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଦିଗରେ ତାଙ୍କର ନିଷ୍ଠାପର ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହିତ ଦାୟିତ୍ୱବାନ୍ ନାଗରିକ ଭାବେ ଏଥିରେ ଆକୁଣ୍ଠ ସମର୍ଥନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି।

### ମହିଳାମାନେ ନେତୃତ୍ୱ...

ହେବେ। ଦ୍ରୁତ ଗତିରେ ଅଗ୍ରଗତି କରୁଥିବା ଭିସୁଟ୍ ଭଳି ଅନୁଷ୍ଠାନ ସେମାନଙ୍କ ଦକ୍ଷତା ଓ ଜ୍ଞାନବୃଦ୍ଧିରେ ସହାୟକ ହୋଇଛି।

ରାଷ୍ଟ୍ରପତି ଆହୁରି କହିଥିଲେ, ବୈଷୟିକ ଉନ୍ନତି ହେଉଛି, ହେଲେ ପାରମ୍ପରିକ ମୂଲ୍ୟବୋଧକୁ ଆମେ ଭୁଲିଯିବା ଉଚିତ ନୁହେଁ। ଜାତୀୟ ଶିକ୍ଷାନୀତି-୨୦୨୦ରେ ମାତୃଭାଷା, ପରମ୍ପରା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦିଆଯାଇଛି। ଦେଶର ବିକାଶ ସମଗ୍ର ମାନବ ଜାତି ପାଇଁ ଅନ୍ତର୍ଭୁକ୍ତ ଓ ସମର୍ପିତ ହେବା ଦରକାର। ବିକାଶକୁ ମାନବିକତା ଅନୁକୂଳ କରିବା ପାଇଁ ଆମ ସଂସ୍କୃତିରେ ଅନ୍ତର୍ନିହିତ ମୂଲ୍ୟବୋଧକୁ ସର୍ବଦା ମନେ ରଖିବା ଉଚିତ ବୋଲି ଶ୍ରୀମତୀ ମୁର୍ମୁ କହିଥିଲେ। ସମ୍ମାନିତ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଶିକ୍ଷା ନଗରୀର କଳା ସଂସ୍କୃତିକୁ ବେଶ୍ ପ୍ରଶଂସା କରିଥିଲେ। ସେ କହିଥିଲେ, ରଙ୍ଗବତୀ ଗୀତ ଦେଶ ବିଦେଶରେ ଆଦୃତ ହୋଇଛି। ଏଥିପାଇଁ କଳାକାରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଭିସୁଟ୍‌ର କୁଳପତି ବଂଶଧର ମାଝୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମଞ୍ଚାସୀନ ଥିଲେ। ଏହି ଅବସରରେ ମୋଟ ୩୭ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଛାତ୍ରୀ ଅଙ୍କିତା ମିଶ୍ରଙ୍କୁ ସର୍ବାଧିକ ୫ଟି ସ୍ୱର୍ଣ୍ଣପଦକ ମିଳିଥିଲା। କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଦର୍ଶନ କରି ସମସ୍ତଙ୍କ ସୁଖ, ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**VEHICLE SALE**

LEYLAND 4220 TRUCK 2020 MODEL, Regn No. OD-21-L-8421 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252, MOB - 9437555542 within 7 days.

**VEHICLE SALE**

NEW HOLAND 3230 TRACTOR 2019 MODEL, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916 MOB -8280406545, within7 days

**AFFIDAVIT**

By virtue of an affidavit before in court of the Executive Magistrate Chandabali on 06.10.23. I Rabindra Biswal S/o- Hari Biswal Resident of village Jagula, Po-Narasighpur Hat, Ps-Bansada, Dist Bhadrak. Declare that I have changed my name from khaja Biswal to Rabindra Biswal. Henceforthe I will be known as Rabindra Biswal for all purpose.

**AFFIDAVIT**

I, Nilipta Padhan, S/o-Rabindra Kumar Padhan, resident of AT-Saharapali, PO-Jaloi, PS-Birmaharajpur, Dist-Subarnapur, Pin- 767018, Odisha declared by this affidavit No. 2072, dated- 20.11.2023, that now onwards I shall be known as **NIRLIPTA PADHAN** for all future purposes.

**AFFIDAVIT**

I, Padmalochan Nayak, S/o-Ramesh Chandra Panigrahi, resident of Plot No.615, Jagannath Vihar, Sundarpada, Old Town, PS- Airfield, Bhubaneswar, Dist-Khurda, Pin- 751002, Odisha declared by this affidavit No.2071, dated- 18.11.2023, that now onwards I shall be known as **PADMALOCHAN PANIGRAHI** for all future purposes.

**BHUBANESWAR MUNICIPAL CORPORATION**
e-Procurement Notice
No. 55131 email: ee1@bmc.gov.in Dt. 18.11.2023

**C-1885:** On behalf of the Commissioner, Bhubaneswar Municipal Corporation, Executive Engineer, BMC invites percentage rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.
1. No. of works: 02 (two)
2. Estimated cost- Rs. 47,98,850/- & Rs. 15,59,442/-
3. Class of contractor: 'D' to 'B' Class
4. Period of completion: 90 Days & 30 Days
5. Date and Time of Availability of Bid document in the portal: From 11.00 AM of 21.11.2023 to 05.00 PM of 04.12.2023.
6. Last date / Time of submission of bids in the portal: 05.00 PM of 04.12.2023
7. Date of opening of Bid from Portal: 11.30 AM of 05.12.2023

Tender details can be seen for the e-Procurement portal https:www.tendersodisha.gov.in & BMC website https://www.bmc.gov.in

OIPR-13002/11/0205/2324 — Executive Engineer, BMC Division-1

**WORKS DEPARTMENT** B-1300
OFFICE OF THE SUPERINTENDING ENGINEER,
BHADRAK (R&B) DIVISION
email: bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK-20/2023-24
No. 6863/dt- 16.11.2023

1. Nature of work: - - Electrical Work
2. Number of works: -2(Two) No's
3. Amount put to Tender: - Rs.16,01,632/-, Rs.26,99,265 /-
4. Class of Contractor: HT
5. Date & Time of availability of bid document in the portal: - 22.11.2023at 11.00 AM
6. Last Date / Time of receipt of bid in the portal: - 28.11.2023 up to 05.00 PM
7. Date of opening of bid: - Dt.29.11.2023at 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

OIPR-34079/11/0018/2324 — Superintending Engineer, Bhadrak (R&B) Division

B-1309
**[GOVERNMENT OF ODISHA]**
OFFICE OF THE SUPERINTENDING ENGINEER,
BARGARH (R&B) DIVISION, BARGARH
E-mail – eepwdbgh@gmail.com Phone/Fax-06646–234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.31 OF 2023-24
No. 6810 / dated 20.11.2023

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil works (Civil+El+PH) (Composite work) as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Building work: – 2 Nos.
3) Cost of Tender Paper: – Rs.6,000/- & Rs.10,000/-
4) Class of contractor:– "B", "C" & "D" Class Contractor
5) Date & Time of available in web site & receipt of Bids: – 11:00 Hrs. of 29.11.2023 to 17:00Hrs. of 08.12.2023.
6) Date of opening of Technical Bid: – 11.12.2023 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

OIPR-34039/11/0023/2324 — Superintending Engineer, Bargarh (R&B) Division

OHPC — CAD-2946
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-51/2023-24 DATE 20.11.2023**

Tenders are invited in sealed envelopes from the registered travel agencies / vehicle owners for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a new light vehicle (TUV 300 / Bolero / Sumo Gold / Ertiga) for General Duty of Officers / Executives of UIPSP, Mukhiguda for (04) four years. | 7,080/- (inclusive of GST) | 35,000/- | From 28.11.2023 to 11.12.2023 up to 12.00 Hrs | 11.12.2023 (up to 13:00 Hrs) | 11.12.2023 at 16:00Hrs. |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0066/2324 — Sd/- C&P Head, UIHEP, Mukhiguda

O-1567
By E_Mail/e-Despatch
E_MailID :[illegible] balasore@yahoo.in
Ph-No-06782/260318
Balia,Balasore

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
*"e" Procurement Notice for Road Work*

Identification No.- Online Tender- Road N.C.B. No. 55 for 2023-24
Letter No. 5739/WE Date 20.11.2023

1. Name of the work :- Road under MMSY-TRIP
2. Total No. of work :- 4 Nos. of Roads.
3. Estimated Cost :- From Rs. 476.08 lakhs to Rs.588.01 lakhs (Approximately)
4. Eligible Class of Contractor :- "A" Class (of Odisha P.W.D.) or relevant Class of other Licensing authorities (as per annexure).
5. Period of Completion :- From 09 (Nine) Calendar months for the work.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle,Balasore | NCB No.-55 | 24.11.2023 at 10.00 A.M | 02.12.2023 Up to 5.00 P.M. | 01.12.2023 Up to 5.00 P.M. | 04.12.2023 at 10.00 P.M. | Will be intimated later |

- Further details can be seen from the website: www.tendersodisha.gov.in

Sd/- N.V Harihar Rao, Chief ConstructionEngineer, R.W. Circle, Balasore.
OIPR-25105/11/0069/2324

**GOVERNMENT OF ODISHA** A-871
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER,**
**SUBARNAREKHA & BUDHABALNGA BASIN,**
AT/PO- LAXMIPOSI, DIST- MAYURBHANJ
Mail id: cebmsbb2019@gmail.com
Government of Odisha "e" Procurement Notice
Bid Identification No. 30/23-24 of CEBM, SBB, Laxmiposi

| | | |
|---|---|---|
| 1 | Name of work | A. Improvement of Black topping of Service road of Jambhira Right Main Canal Systems. B. Improvement of Black top Service road fr RD 7325M to 14000M of Subarnarekha Main canal. |
| 2 | Estimated Cost | A. Rs. 462.81 Lakh B. Rs. 352.28 Lakh |
| 3 | Bid Security / E.M.D | A. Rs. 4,62,900/- B. Rs. 3,52,300/- |
| 4 | Period of Completion | 11 (Eleven) Calendar Months |
| 5 | Class of Contractor | "A" Class Contractor |
| 6 | Date & Time of availability of bid document in the portal | 23.11.2023 at 10.00 AM |
| 7 | Last date/time for receipt of bid in the portal | 08.12.2023 up to 5.00 PM |
| 8 | Date of opening of bid | 11.12.2023 at 11.00 AM |
| 9 | Name & Address of the O.I.T | Chief Engineer & Basin Manager, O/O the CE & BN, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in

OIPR-32074/11/0046/2324 — Sd/- Chief Engineer & Basin Manager

**GOVERNMENT OF ODISHA** A-872
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-04/2023-24**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 06 (Six) Nos. |
| 3 | Estimated Cost | Varies from Rs. 14.35 Lakhs to Rs.4.94 Lakhs |
| 4 | Period of Completion | 60 Days to 30 Days |
| 5 | Class of Contractor | " "D" & "C" or equivalent grade/class |
| 6 | Cost of Bid Document / Mode of Payment | Rs. 6,000/- to Rs. 2,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 14,350 /- to Rs.4,940/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 23.11.2023 from 10.00 Hours to 07.12.2023 up to 17.00 Hours. |
| | (iii).Date, time & venue of Bid Opening (Online) | On 08.12.2023 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 13.12.2023 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

OIPR-32298/11/0007/2324 — Superintending Engineer, R.L.B. Canal Division, Kamakhyanagar

■ ଜି.ଉଦୟଗିରି ଏନ୍ଏସି ଉପନିର୍ବାଚନ

# ପ୍ରଚାରରେ ପ୍ରକମ୍ପିତ ହେଉଛି ସହର



**ଜ.ଉଦୟଗିରି, ୨୧।୧୧(ସମିସ):** ଜି.ଉଦୟଗିରି ଏନ୍ଏସି ଅଧକ୍ଷା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପ୍ରଚାର ଜୋରଦାର କରିଛନ୍ତି। ସାଧାରଣ ସଭା, ଘରକୁ ଘର ବୁଲି ଭୋଟଭିକ୍ଷା, ପୋଷ୍ଟର, ଲିଫଲେଟ, ସୋସିଆଲ ମିଡିଆ, ମିଡିଆ ସହିତ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର ଏକ ପ୍ରମୁଖ ମାଧ୍ୟମ ହୋଇଛି। ନିର୍ବାଚନ ମାହୋଲକୁ ସରଗରମ କରିଛି ଡାକବାଜି ପ୍ରଚାର। ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି, କଂଗ୍ରେସର ସ୍ୱତନ୍ତ୍ର ଗାଡ଼ିରେ ଦଳୀୟ ପତାକା ସହିତ ପ୍ରାର୍ଥିନୀଙ୍କ ଫ୍ଲେକ୍ସ ସହିତ ଡାକବାଜି ଯନ୍ତ୍ରରେ ସୁସଜ୍ଜିତ ହୋଇ ବିଭିନ୍ନ ଗୀତରେ ତାଳେ ତାଳେ ଦଳୀୟ ଗୀତ ବାଜିବା ସହିତ ସାହିରୁ ସାହିକୁ ବୁଲିବା ଫଳରେ ପ୍ରକମ୍ପିତ ହେଉଛି ସହର। ନିର୍ବାଚନ ଚଳିତ ମାସ ୨୯ ତାରିଖରେ ହେବାକୁ ଥିବାବେଳେ ୧୭ରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଚାର ପାଇଁ ରହିଥିବା ବେଳେ ୩୦ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ଘୋଷଣା ହେବ। ଚଳିତ ଉପ-ନିର୍ବାଚନରେ ବିଜେଡି ତରଫରୁ ଦେବସ୍ମିତା ଶତପଥୀ, ବିଜେପି ତରଫରୁ ରଞ୍ଜିତା ନାୟକ, କଂଗ୍ରେସ ତରଫରୁ ମଧୁଲିନା ଦିଗାଳ ପ୍ରାର୍ଥିନୀ ହୋଇଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ



**ବାଲିଗୁଡା, ୨୧।୧୧(ସମିସ):** ବାଲିଗୁଡା ଉପଖଣ୍ଡର ନୂତନ ଭୋଟରଙ୍କୁ ସଚେତନ କରିବା ସହିତ ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ନିମନ୍ତେ ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ଅଭିଯାନ-୨୦୨୪ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ପ୍ରଶାସନ ଦ୍ୱାରା ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ଏବଂ କେବି. ହିଷ୍ଟ କଲେଜ ଠାରେ ବୈଠକ ଆୟୋଜନ କରି ନୂତନ ଭୋଟରଙ୍କୁ ସଚେତନ କରିବା ସହିତ ୧୮୦ ଜଣ ଛାତ୍ରଛାତ୍ରୀଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଉପସ୍ଥିତ ରହି ନୂତନ ଭୋଟରଙ୍କୁ ଉତ୍ସାହିତ କରିଥିବା ବେଳେ ସ୍ଥାନୀୟ ବିଏଲଓମାନେ ଛାତ୍ରଛାତ୍ରୀଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିଥିଲେ ଏବଂ ସହାୟକ ଜିଲ୍ଲାପାଳ ରୂପକ କୁଜୁର, ଉପଖଣ୍ଡ ସୂଚନାଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃମହାବିଦ୍ୟାଳୟ ଖୋ ଖୋ ପ୍ରତିଯୋଗିତା

**ଟିକାବାଲି, ୨୧।୧୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଅନ୍ତଃ ମହାବିଦ୍ୟାଳୟ ଖୋ ଖୋ ଯୁବବିକାଶର ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିହନ ନିଗମର ଅଧ୍ୟକ୍ଷ ବିଜୟ ନାୟକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲ୍ଲିକ, ସମ୍ମାନିତ ଅତିଥିଭାବେ କଲେଜ ପରିଚାଳନା ସଭାପତି ଲଳିତେନ୍ଦୁ ପ୍ରଧାନ, ଟିକାବାଲି ସରପଞ୍ଚ କୁନ୍ଦୁରୁ ମଲ୍ଲିକ, ଯୁବ ବିଜେଡି ବ୍ଲକ ସଭାପତି ପ୍ରମିଶ ଦିଗାଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରବି ଚରଣ ମିଶ୍ର, ରାଜେଶ ମହାନ୍ତି ଯୋଗଦେଇ 'ନୂଆ ଓଡ଼ିଶା ଯୁବ ଓଡ଼ିଶା'ରେ ଓଡ଼ିଶା ଖେଳରେ ହବ୍ ପାଲଟିଛି ବୋଲି କହିଥିଲେ। ଏଥିରେ ୪ଟି ଜିଲ୍ଲାର ୧୬ଟି ଦଳର ୧୭୦ ଜଣ ବ୍ରହ୍ମହପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଛାତ୍ରୀ ଯୋଗଦେଇଛନ୍ତି। ପ୍ରଥମ ସେଟରେ ରାୟଗଡ଼ା ମହିଳା ମହାବିଦ୍ୟାଳୟ ଓ ଫିରିଙ୍ଗିଆ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଫିରିଙ୍ଗିଆ ବିଜୟୀ ହୋଇଛି। ଏହି ଖେଳକୁ ରଙ୍କନିଧି ବେହେରା, ଗୌର ଚନ୍ଦ୍ର ମହାନ୍ତି, ଶ୍ରୀଚାନ୍ଦ ପ୍ରଧାନ, କୃଷ୍ଣଚନ୍ଦ୍ର ଗୌଡ଼, ବାଳକୃଷ୍ଣ ଦୋରା, ପି. ରମେଶ, ସଞ୍ଜୟ କୁମାର ପାତ୍ର ଖେଳ ପରିଚାଳନା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଜ୍ଞାନ ରଞ୍ଜନ ଭୋଇ, ଅଧ୍ୟାପକ ରତନ ଦିଗାଳ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। କଲେଜର ଖେଳ ଶିକ୍ଷକ ସୁଶାନ୍ତ ଭୋଳ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ୩ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଫିରିଙ୍ଗିଆ, ୨୧।୧୧(ସମିସ)**



ସାରା ରାଜ୍ୟରେ ବେଆଇନ୍ ଗଞ୍ଜେଇ ଚାଷ ଏବଂ ଚୋରା ଗଞ୍ଜେଇ କାରବାର ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛି କନ୍ଧମାଳ ଜିଲ୍ଲା। ଚଳିତ ବର୍ଷ ଗଞ୍ଜେଇ କାରବାରକୁ ଦମନ କରିବାକୁ ରାଜ୍ୟ ପୁଲିସ ମୁଖ୍ୟଙ୍କ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଛି ଅପେରସନ 'ନୀଳ ଜହର' ବା ଗଞ୍ଜେଇ ଗଛ କଟା ଅଭିଯାନ। ଏହିକ୍ରମରେ ଜିଲ୍ଲାର ଫିରିଙ୍ଗିଆ ଥାନା ପକ୍ଷରୁ ମଧ୍ୟ ଏହି ଅଭିଯାନ ଆରମ୍ଭ କରାଯାଇଛି। ଫିରିଙ୍ଗିଆ ଥାନା ଅଧିକାରୀ ରମେଶ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ପ୍ରାୟ ତିନି କୋଟି ୩୦ ହଜାର ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି।

ଅନ୍ୟପଟେ ପୁଲିସ୍ର ସୂଚନା ଅନୁସାରେ ମଙ୍ଗଳବାର ଅପରେସନ ନୀଳ ଜହର ଅଭିଯାନରେ ଫୁଲବାଣୀ ସଦର ଏସଡିପିଓ ସୁପ୍ରସନ୍ନ ମଳିକଙ୍କ ସହ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେଙ୍କ ଉପସ୍ଥିତିରେ ଚଢ଼ଉ କରାଯାଇଥିଲା। ଏଥିରେ ୧୦ ଜଣ ଶ୍ରମିକ ଫିରିଙ୍ଗିଆ ଥାନାର ଅନ୍ୟାନ୍ୟ କର୍ମଚାରୀ ନୀୟୋଜିତ ହୋଇଥିଲେ। ଅନ୍ୟପଟେ ପ୍ରଥମ ଦିନରେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ବାଲକିଡାଡି, ମଣିପଦର ପିକରଡୀ, ଓ ଜାମ୍ବୁଖୋଲ ଅଞ୍ଚଳରେ ଥିବା ପ୍ରାୟ ୩୨ ଏକର ପରିମିତ ଜଙ୍ଗଲ ଜମିରେ ବେଆଇନ୍ ଭାବରେ ଚାଷ ହୋଇଥିବା ଗଞ୍ଜେଇଗଛ ଗୁଡ଼ିକୁ କାଟି ନଷ୍ଟ କରିଦିଆ ଯାଇଥିଲା। ଅନ୍ୟପଟେ ସୁରକ୍ଷା ଦୃଷ୍ଟିରୁ ୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଗଞ୍ଜେଇ ଗଛକଟାକୁ ନେଇ ଫିରିଙ୍ଗିଆ ଥାନାରେ ୨୦୯/୨୩ରେ ମାମଲା ମଧ ରୁଜୁ ହେଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଫୁଲବାଣୀ ସଦର ଥାନା ଅଞ୍ଚଳରେ ମିଣିଆ ପଞ୍ଚାୟତ ଅନ୍ତର୍ଗତ ୩ଗୋଟି ଗାଁରେ ୨୭ ଏକର ବେଆଇନ୍ ଜମିରେ ଗଞ୍ଜେଇ ଚାଷ ହେଇଥିବା ଗଛକୁ ନଷ୍ଟ କରାଯାଇଥିବା ସଦର ଥାନା ଥାନାଧିକାରୀ ସିତାଂସୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ଏହି ଗଞ୍ଜେଇ ଗଛକଟାକୁ ନେଇ ସଦର ଥାନାରେ ୧୮୮/୨୩ରେ ମାମଲା ମଧ ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ସ୍ତ୍ରୀକୁ ଟାଙ୍ଗିଆରେ ହାଣିଲା ସ୍ୱାମୀ

**ଫୁଲବାଣୀ, ୨୧।୧୧(ସମିସ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ଥାନା ଅନ୍ତର୍ଗତ ଦୁତିପଡ଼ା ମେକାନି ସାହିରେ ଏକ ସଂସ୍ଥାର କାର୍ଯ୍ୟ ଚାଲିଥିବା ସ୍ଥାନରେ ଶ୍ରମିକ ଭାବେ କାମ କରୁଥିବା ମେକାନି ସାହିର ମାନିନୀ ବେହେରାଙ୍କୁ ତାଙ୍କ ସ୍ୱାମୀ ବେଲାଲସେନ ବେହେରା ଟାଙ୍ଗିଆରେ ହାଣିଦେବାରୁ ମାନିନୀ ଗୁରୁତର ହୋଇ ପଡ଼ିଥିଲେ। ସେଠାରେ କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ତୁରନ୍ତ ବେଲାଲକୁ କାବୁ କରି ତାଙ୍କ ହାତରୁ ଟାଙ୍ଗିଆ ଛଡାଇବା ସହ ତାଙ୍କୁ ଅଟକ ରଖି ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରୁ ତୁରନ୍ତ ମାନିନୀଙ୍କୁ ୧୦୮ ଯୋଗେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସୂଚନା ଅନୁସାରେ ମେକାନୀ ସାହିର ସୋମନାଥ ବେହେରାଙ୍କ ଝିଅ ମାନିନୀ ବେହେରା ଆର. ନୁଆଁଗାଁ ତ୍ରିନାଥ ବେହେରାଙ୍କ ପୁଅ ବେଲାଲସେନ ବେହେରାଙ୍କୁ ବିବାହ କରିଛନ୍ତି। ତେବେ କିଛି ବର୍ଷ ହେବ ସ୍ୱାମୀ ସ୍ତ୍ରୀ ମଧ୍ୟରେ ମନାନ୍ତର ରହି ଗଣ୍ଡଗୋଳ ଚାଲି ଆସୁଥିଲା। ପୁଲିସ ଅଧିକାରୀ ଦୀନବନ୍ଧୁ ପ୍ରଧାନ ଏବଂ ପି କେ. ନେମାଳପୁରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

■ ନୂତନ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ସମ୍ବର୍ଦ୍ଧନା

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଦଳୀୟ କର୍ମକର୍ତ୍ତା



**ଜି.ଉଦୟଗିରି, ୨୧।୧୧(ସମିସ)**

ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଉପବାଚସ୍ପତି ହେବା ପରେ ବିଜେଡି ଦଳରେ ଖୁସିର ଲହରୀ ଖେଳିଯାଇଛି। ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଦଳୀୟ କର୍ମକର୍ତ୍ତା ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ମଙ୍ଗଳବାର ନିର୍ବାଚନମଣ୍ଡଳୀରୁ ଏକ ଟିମ୍ ତାଙ୍କ ବାସଭବନରେ ପହଞ୍ଚି ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ଛାତ୍ର ସଭାପତି ଛଟନ ନାୟକ, ସଞ୍ଜିବ ପ୍ରସାଦ, ଟିକାବାଲିର ବରିଷ୍ଠ ନେତା ପ୍ରତାପ ଦାଶ, ତନୁଜ ଭୋଇ ପ୍ରମୁଖ ସାମିଲ ଥିଲେ। ସେହିଭଳି ଜିଲ୍ଲା ବିଜେଡି ଅଧକ୍ଷା ପ୍ରାର୍ଥିନୀ ଦେବସ୍ମିତା ଶତପଥୀ, ନଗର ସଭାପତି ଗୋପାଳ ମହାପାତ୍ର, କାର୍ଯକାରୀ ସଭାପତି ଅନିଲ କୁମାର ଦଳବେହେରା, ଉପସଭାପତି କୃଷ୍ଣ କୁମାର ପଣ୍ଡା, ଚିନ୍ମୟ ସେଠୀ, ଏମଡି ଆଲମସ୍, ଜିଲ୍ଲା ସମ୍ପାଦକ କାଳୁ ଚରଣ ପଣ୍ଡା, ସାଧାରଣ ସମ୍ପାଦକ ସମୀର କୁମାର ପାଢ଼ୀ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ସିଧେଶ୍ୱରୀ ନାୟକ, ବରିଷ୍ଠ ବିଜେଡି ନେତା ଦେବନାଥ ଦଳ ବେହେରା, ସୁଶୀଲ ପାଣିଗ୍ରାହୀ, ପୂର୍ବତନ ଅଧ୍ୟକ୍ଷ ପି. ସଞ୍ଜିବ କୁମାର ପାତ୍ର, କଳିଙ୍ଗ ସମିତି ସଭ୍ୟ ମାଲ୍ୟବନ୍ତ କହଁରଙ୍କ ସମେତ ବିଜେଡି ୱାର୍ଡ ସଭାପତି, ଶତାଧିକ କର୍ମୀ ଉପବାଚସ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମରୁଡ଼ି ଘୋଷଣା ପାଇଁ ଦାବିପତ୍ର



**ମୋହନା, ୨୧।୧୧(ସମିସ)**

ଅଭାବୀ ବର୍ଷା ଯୋଗୁଁ ମୋହନା ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି। ବିଭିନ୍ନ ଗ୍ରାମରେ ଚାଷ ହୋଇଥିବା ଧାନ ଗଛ ମଧ୍ୟ ନଡ଼ା ପାଲଟି ଗଲାଣି। ଏଭଳି ସ୍ଥିତିରେ କେଉଁଠି ଉଜୁଡ଼ା ଚାଷ ଜମିରେ ଚାଷୀ ଗୋରୁ ଚରାଇଲାଣି ତ ଆଉ କେଉଁଠି ନଷ୍ଟ ଫସଲରେ ନିଆଁ ଲଗାଇଲେଣି ଚାଷୀ। କହିବାକୁ ଗଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ସମବାୟ ଏବଂ ସାହୁକାରଠାରୁ ଋଣ ଆଣି ଚାଷ କରିଥିବା ଚାଷୀ ଏବେ ସମସ୍ୟାରେ ପଡ଼ିଛନ୍ତି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଆଜି ମୋହନା ତହସିଲ କାର୍ଯ୍ୟାଳୟରେ କର୍ଚ୍ଚବାଡ଼ି ପଞ୍ଚାୟତର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ସହ ଋଣଛାଡ଼ କରିବା ପାଇଁ ଏକ ଦାବିପତ୍ର ଅତିରିକ୍ତ ତହସିଲାରଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ପରେ କୃଷି ବିଭାଗ ସହ ମିଳିତ ଅନୁଧ୍ୟାନ ପରେ କ୍ଷତିପୂରଣ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ମୋହନା ଅତିରିକ୍ତ ତହସିଲାର ହିମାଂଶୁ ଭୂଷଣ ପଲାଇ କହିଛନ୍ତି।

# ପାଟଖଣ୍ଡା ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା




**ବାଲିଗୁଡା, ୨୧।୧୧(ସମିସ):** ପାଟଖଣ୍ଡା ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉତ୍ସବରେ ଅତିଥି ରୂପେ ଜିତେନ୍ଦ୍ର କୁମାର ପାତ୍ର ଉପ-ଅଧ୍ୟକ୍ଷ ସରକାରୀ ମାଧ୍ୟମିକ ବିଦ୍ୟାଳୟ, ବଡଗାଁ, ସୁଶାନ୍ତ କୁମାର ସାହୁ ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁତ୍ରକ୍ଷ, ତୀର୍ଥବାସୀ ଘଡ଼ାଇ ସହକାରୀ ଶିକ୍ଷକ ସରକାରୀ ଆଶ୍ରମ ବିଦ୍ୟାଳୟ ଗଟାଙ୍ଗୀଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏଥିରେ ଶିଶୁମାନଙ୍କୁ ବିଜ୍ଞାନର ମହତ୍ୱ ତଥା ଉପକାରିତା ବିଷୟରେ ଅତିଥିଗଣ କହି ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକ ପରିଚାଳନା କରିଥିଲେ।ଉକ୍ତ ଉତ୍ସବରେ ୮୦ ଟି ପ୍ରକଳ୍ପର ଶିଶୁ ଭାଇ ଓ ଭଉଣୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ମୁଖୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ଡେଭିଡ ଦିଗାଲ ଧନ୍ୟବାଦ ପ୍ରଦାନ କରିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ

**ଛେଳିଗଡ଼, ୨୧।୧୧(ସମିସ)**

ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ



ପଡ଼ିଆରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅଥିତି ଭାବରେ ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଜିଲ୍ଲା ଶ୍ରମିକ ଅଧିକାରୀ ଲୋକନାଥ ପଣ୍ଡା, ରା.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସଲ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ପାଞ୍ଚଗୋଟି ବିଭାଗ ଯଥା ଶିକ୍ଷା ସହାୟତା ୪୨୫ ଜଣଙ୍କୁ, ସ୍ୱାଭାବିକ ମୃତ୍ୟୁ ୮୧ ଜଣଙ୍କୁ, ବିବାହ ସହାୟତା ୨୪୬ ଜଣଙ୍କୁ, ଅନ୍ତେଷ୍ଟିକ୍ରିୟା ସହାୟତା ୭୫ ଜଣଙ୍କୁ, ପ୍ରସୂତିକାଳୀନ ସହାୟତା ୧୨ ଜଣଙ୍କୁ ମୋଟ ୮୩୯ ଜଣଙ୍କୁ ଟ.୩, ୦୮,୦୬,୪୦୦/- ସହାୟତା ରାଶି ପ୍ରଦାନ କରାଯାଇଥିଲା। ୧୮୧ ଜଣ ନୂତନ ହିତାଧିକାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଗଲା। ବୈଠକରେ ୮୦୦ରୁ ଅଧିକ ଲୋକ ଯୋଗଦେଇଥିଲେ। ଶ୍ରମିକ ନେତା ପ୍ରବାଳ ପାଇକ, ଜିତେନ୍ଦ୍ର ଶତପଥୀ ଓ ଇଶ୍ରାଏଲ ମାଳୀ ସହଯୋଗ କରିଥିଲେ।

# ଷ୍ଟେଟ୍ ଆସେସ୍ମେଣ୍ଟ ଟିମ୍ର କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଜି.ଉଦୟଗିରି, ୨୧।୧୧(ସମିସ):** ଜାତୀୟସ୍ତରୀୟ କ୍ୱାଲିଟି ମାନଦଣ୍ଡ ପ୍ରମାଣ ପତ୍ର ନିମନ୍ତେ ଷ୍ଟେଟ ଆସେସ୍ମେଣ୍ଟ ଟିମ୍ ମଙ୍ଗଳବାର ଦିନ କଳିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ରାଜ୍ୟ କ୍ୱାଲିଟି ଆସୁରାନ୍ସ ପରାମର୍ଶଦାତା ଡାକ୍ତର ମନୋରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ୟୁନିସେଫର ହେମନ୍ତ ଦାଶ, କନ୍ଧମାଳ ଜିଲ୍ଲା କ୍ୱାଲିଟି ଆସୁରାନ୍ସ ର ଦୁଷ୍ମନ୍ତ ସୁତାର ପ୍ରମୁଖ ଟିମ୍ରେ ରହି ହସ୍ପିଟାଲର ଚିକିତ୍ସା, ପରିଛନ୍ନତା, ପ୍ରତ୍ୟେକ ଜିନିଷ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ଜି ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଇନଚାର୍ଜ ଡାକ୍ତର ରତିକାନ୍ତ ସାହୁ, କଳିଙ୍ଗା ମେଡ଼ିକାଲ ଅଫିସର ଡାକ୍ତର ଏଲ ସ୍ମିତିରେଖା, ଓ ଜି ଉଦୟଗିରି ବି ପି ଏମ ରାଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଟିମ୍କୁ ସହଯୋଗ କରିଥିଲେ।



# ମାଓବାଦୀ ନାଁରେ ବଟି ମାଗିବା ଘଟଣା | ଅଭିଯୁକ୍ତକୁ ରିମାଣ୍ଡରେ ନେଲା ପୁଲିସ

**ଫୁଲବାଣୀ, ୨୧।୧୧(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ସରପଞ୍ଚମାନଙ୍କୁ ମାଓବାଦୀ ନରେ ଫୋନରେ ଧମକ ଦେଇ ବଟି ମାଗୁଥିବା ଗିରଫ ହୋଇଥିବା ଅଭିଯୁକ୍ତକୁ ରିମାଣ୍ଡରେ ନେଇଛି କନ୍ଧମାଳ ପୁଲିସ। ମଙ୍ଗଳବାର ଗୋଛାପଡ଼ା ପୁଲିସ ଗୋଟିଏ ଦିନ ରିମଣ୍ଡରେ ନେଇଥିବା ବେଳେ ଫିରିଙ୍ଗିଆ ପୁଲିସ ମଙ୍ଗଳବାରଦିନ ରିମାଣ୍ଡରେ ନେଇଛି।

ତେବେ ଅଭିଯୁକ୍ତ ମାନଙ୍କୁ ପୂର୍ବରୁ କଟକ ଚାଉଳିଆଗଞ୍ଜ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଢେଙ୍କାନାଳ ସହର ଗାୟତ୍ରୀ ନଗରର ବାବୁ ଓରଫ ଦିଲୀପ କୁମାର ଦାସ। ସେ ଜଣେ ଟ୍ୟୁସନ ମାଷ୍ଟର ବୋଲି ଜଣାପଡ଼ିଛି। କଟକର ଜଣେ ବ୍ୟବସାୟୀଙ୍କୁ ଧଳ ବ୍ରଦର୍ସ ନାଁରେ ବଟି ମାଗୁଥିବା ଅଭିଯୋଗରେ ତାଙ୍କୁ ଚାଉଳିଆଗଞ୍ଜ ପୁଲିସ ଗିରଫ କରିଥିଲା। ଏପଟେ ଗତ ମାସରେ ଫିରିଙ୍ଗିଆ ଓ ଗୋଛାପଡ଼ା ଥାନା ଅଞ୍ଚଳର କିଛି ସରପଞ୍ଚଙ୍କୁ ମାଓବାଦୀଙ୍କ ନାରେ ଫୋନ କରି ଟଙ୍କା ମାଗୁଥିବା ମାମଲାରେ ମଧ୍ୟ ସେ ସମ୍ପୃକ୍ତ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ସମ୍ପୃକ୍ତ ଅଭିଯୁକ୍ତ ଜଣକ ଫିରିଙ୍ଗିଆ ବ୍ଲକର ବିଭିନ୍ନ ସରପଞ୍ଚଙ୍କୁ କେକେବିଏନ ମାଓ ସଂଗଠନର ଏରିଆ କମାଣ୍ଡର ନିଖିଳ କହୁଛି କହି ବଟି ମାଗୁଥିଲା। ଏନେଇ ଫିରିଙ୍ଗିଆ ଥାନାର ରତଙ୍ଗ ସରପଞ୍ଚ ପାର୍ବତୀ ମଲିକ, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର, ଡିଣ୍ଡିରାଗାଁ ସରପଞ୍ଚ ରଞ୍ଜିତା ମଲ୍ଲିକ ଓ ଗୋଛାପଡ଼ା ଥାନାର ସଲାଗୁଡା ସରପଞ୍ଚ ରୋହିତ କହଁରଙ୍କୁ ଏଭଳି ଫୋନ ଆସିଥିଲା। କିଛି ସରପଞ୍ଚ ଫିରିଙ୍ଗିଆ ଓ ଗୋଛାପଡ଼ା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ କନ୍ଧମାଳ ଏସ୍ପି ଶୁଭେନ୍ଦୁ ପାତ୍ର ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଥାନା ଅଧିକାରୀ ମୋବାଇଲ ନମ୍ବର ଟ୍ରାକିଂ କରି କଳାହାଣ୍ଡି, ବରଗଡ଼, ସମ୍ବଲପୁର ଜିଲ୍ଲାର ବିଭିନ୍ନ ଜାଗାରେ ଚଢଉ କରିଥିଲେ ମଧ୍ୟ ଅଭିଯୁକ୍ତ ଜଣକ ବାରମ୍ବାର ପୁଲିସ ଆଖିରେ ଧୂଳି ଦେଇ ଖସି ଯାଇଥିଲା।ପରେ ସେ କଟକ ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପତ୍ନୀଙ୍କୁ ଧଳ ବ୍ରଦର୍ସ ନାଁ କହି ବଟି ମାଗୁଥିଲା ଓ ଏହି ଘଟଣାକୁ ନେଇ ବ୍ୟବସାୟୀ ଜଣକ କଟକ ଜିଲ୍ଲା ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ ତଦନ୍ତ କରି ଚାଉଳିଆ ଗଞ୍ଜଥାନା ପୁଲିସ ଅଭିଯୁକ୍ତକୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରୁ ଗିରଫ କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତ ଜଣକ ହିଁ ସରପଞ୍ଚଙ୍କୁ ଧମକ ଦେଇଥିବା ବ୍ୟକ୍ତି ବୋଲି ଖବର ପାଇବା ପରେ କନ୍ଧମାଳ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଫିରିଙ୍ଗିଆ ଥାନା ଅଧିକାରୀ କଟକ ଯାଇ ଅଭିଯୁକ୍ତ ଜଣକୁ ଚିହ୍ନଟ କରିଛନ୍ତି।ଢେଙ୍କାନାଳ, କେନ୍ଦ୍ରାପଡ଼ା, ବରଗଡ଼, ସମ୍ବଲପୁର ଭଳି ଅନେକ ଥାନାରେ ଅଭିଯୁକ୍ତ ନାଁରେ ଅନେକ ଅପରାଧିକ ମାମଲା ରୁଜୁ ହୋଇଥିବା ପୁଲିସର ତଦନ୍ତରୁ ଜଣାପଡ଼ିଛି। ବେଳେ ଅନୁରୂପ ଭାବେ ଫିରିଙ୍ଗିଆ ଥାନାରେ ତିନୋଟି ଓ ଗୋଛାପଡ଼ା ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା।

# ବିଭିନ୍ନ ଗ୍ରାମ ପରିଦର୍ଶନ କଲେ ବ୍ଲକ୍ ଅଧକ୍ଷା

**ଜି. ଉଦୟଗିରି ୨୧।୧୧(ସମିସ)**

ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକ ବୁଲି ଦେଖିଲେ ଜି. ଉଦୟଗିରି ବ୍ଲକ ଅଧକ୍ଷା ସୁଷମା ପ୍ରଧାନ। ଗଦିଙ୍ଗିଆ ଗ୍ରାମରେ ପହଞ୍ଚି ଗ୍ରାମର ରାସ୍ତା କିପରି ଯଥାଶୀଘ୍ର ହୋଇପାରିବ ସେ ବିଷୟରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହ ଗ୍ରାମର ନିହାତି ଆବଶ୍ୟକ ମୌଳିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ୩ଜଣ ବୃଦ୍ଧାଙ୍କ ଭତ୍ତା କିପରି ହୋଇପାରିବ, ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ ନିର୍ମାଣ, ପ୍ରାଥମିକ ବିଦ୍ୟାଳୟର ମରାମତି ସହିତ ପାଚେରୀ, ସୋଲାର ପାନୀୟ ଜଳ ଯୋଗାଣ ଏବଂ ଏକ ବସ୍ତି ସୁରକ୍ଷା ଗାର୍ଡ ୱାଲ ବିଷୟରେ ଗ୍ରାମବାସୀ ଏବଂ ୱାର୍ଡ ମେମ୍ବର ପଦ୍ମାବତୀ ମଳିକ ଓ ଗାଁ ସାଥି ଉତ୍ସବ ପ୍ରଧାନ ଅଭିଯୋଗ କରିଥିଲେ। ମାଲଙ୍ଗାସୁଗା ଗ୍ରାମର ଦୃଷ୍ଟିହୀନ ବଳରାମ ପ୍ରଧାନଙ୍କୁ କମ୍ବଳ ପ୍ରଦାନ କରିଥିଲେ ଏବଂ ତାଙ୍କ ଅସୁବିଧା ଗୁଡ଼ିକ ପଚାରି ବୁଝିଥିଲେ ଓ ମାଲଙ୍ଗାସୁଗା ଗ୍ରାମର ୱାର୍ଡ ମେମ୍ବର ଏବଂ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

## ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା




**ବିରିଡି, ୨୧।୧୧(ସମିସ):** ଅଣଖିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ୍ ପକ୍ଷରୁ ବେଟି ବଚାଓ ଓ ବେଟି ପଢ଼ାଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଜଗଦୀଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାକୁ ବିଆରସିସି ତଥା ଏବିଇଓ ରେଣୁକା ନନ୍ଦ ଓ ଏବିଇଓ ରଞ୍ଜନା ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଝିଅମାନେ କୌଣସି କ୍ଷେତ୍ରରେ ପୁଅମାନଙ୍କଠାରୁ କମ୍ ନୁହନ୍ତି। ସବୁକ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇ ଆସୁଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରି ସେମାନଙ୍କ ଉନ୍ନତି ଚିନ୍ତା କରିଲେ ସମାଜର ଉନ୍ନତି ହେବ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏହି କର୍ମଶାଳାରେ ବିରିଡି ବ୍ଲକର ସମସ୍ତ ସିଆରସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ସମେତ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏନଆରଏଚଏମ ବିଭାଗର କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ ଉଷାରାଣି ମିଶ୍ର, ଜିଲ୍ଲା ସଂଯୋଜକ ତପନ ଗୋଛାୟତ, ସ୍ୱାତୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କିଶୋରୀଙ୍କୁ ନ୍ୟାୟ ବା ସେମାନଙ୍କୁ ସୁରକ୍ଷା ଓ ଯତ୍ନ ପାଇଁ ଥିବା ବିଭିନ୍ନ ଆଇନ, ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

**● କୁଜଙ୍ଗରେ ମା' କାଳୀଙ୍କ ଭସାଣ ଉତ୍ସବ**

## ପୂଜାକମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ, ୨୧।୧୧(ସମିସ):** ଚଳିତ ବର୍ଷ କୁଜଙ୍ଗରେ ୫୮ତମ କାଳୀ ପୂଜା ଶେଷ ହୋଇଛି। କମିଟି ସଭାପତି ଏଏନ୍‌ଡି ଯାଦବ ମା'ଙ୍କ ଏହି ପୂଜାରେ କର୍ତ୍ତା ରୂପେ କାର୍ଯ୍ୟ ସମ୍ପାଦନ କରିଥଲେ। କମିଟିର ସମ୍ପାଦକ ରମେଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର ନାଥ, ସହ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବିଶ୍ୱନାଥ ମଲିକ, ପବିତ୍ର ସେଠୀ, ନାରାୟଣ ଚନ୍ଦ୍ର ପରିଡ଼ା, ପ୍ରହଲ୍ଲାଦ ବେହେରା, ବିଜୟ ସ୍ୱାଇଁ, ଗଣେଶ ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, ରମେଶ ସେଠୀ, ଅଜୟ ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ। ଷଣ୍ଢପୁରର ଗ୍ରାମର ମୁରବି ଭ୍ରମରବର ପରିଡ଼ା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡେରାବିଶ କଲେଜରେ ସାମାଜିକ ସଚେତନତା କାର୍ଯ୍ୟକ୍ରମ




**ଡେରାବିଶ, ୨୧।୧୧(ସମିସ):** ଡେରାବିଶ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା, ସ୍ୱଚ୍ଛ ଭାରତ ଅଭିଯାନ, ମଦ ବିରୋଧୀ ଅଭିଯାନ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଚେତନତା ସଭାରେ ଅଧ୍ୟକ୍ଷ ଶ୍ରୀ ନାୟକ ଯୋଗଦେଇ ସମ୍ପ୍ରତି ଯାନବାହାନର ବୃଦ୍ଧି ଓ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣାରେ କିପରି ଅକାଳରେ ବହୁ ମୂଲ୍ୟବାନ ଜୀବନହାନୀ ଘଟୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## ଉଷାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ତମାଖୁ ସଚେତନତା

**ପଟ୍ଟାମୁଣ୍ଡାଇ, ୨୧।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଉଷାଦେବୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଯୁବ ରେଡ୍‌କ୍ରସ ପକ୍ଷରୁ ତମାଖୁ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ସଲୀଳା ବାରିକ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀମାନେ ଯୁବ ରେଡ୍‌କ୍ରସ କାଉନସିଲର ଅଧ୍ୟାପିକା ବିଜୟଲକ୍ଷ୍ମୀ ସ୍ୱାଇଁଙ୍କ ନେତୃତ୍ୱରେ ବଲୁରିଆ ପର୍ଯ୍ୟନ୍ତ ଯାଇ ତମାଖୁ ସେବନ ବିରୋଧରେ ଜନସଚେତନତା ସୃଷ୍ଟି କରିଥିଲେ। ତମାଖୁ ସେବନ ବିରୋଧରେ ପଥପ୍ରାନ୍ତ କ୍ଷୁଦ୍ର ନାଟକ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ସ୍ୱାଇଁ, ଅଧ୍ୟାପିକା କବିତା ରାଉତ, ମଞ୍ଜୁଶ୍ରୀ ଜେନା ଓ ସସ୍ମିତା ମହାରଣା ପରିଚାଳନା କରିଥିଲେ।




# ଖଣତା, ଚାନ୍ଦୋଳରେ 'ପଲ୍ଲୀରେ ପ୍ରଶାସନ'



**ପଟ୍ଟାମୁଣ୍ଡାଇ, ୨୧।୧୧(ସମିସ)**

ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ସହ ପଲ୍ଲୀରେ ଥିବା ଲୋକଙ୍କ ନିକଟରେ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ନିଆରା ସରକାରୀ କାର୍ଯ୍ୟକ୍ରମ 'ପଲ୍ଲୀରେ ପ୍ରଶାସନ' ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଖଣତା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମରେ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଖଣତା ସରପଞ୍ଚ ଅନିଲ ଲେଙ୍କା, ସମିତିସଭ୍ୟ ସୁରେଶ ଜେନା ଯୋଗଦେଇ ପଲ୍ଲୀ ପ୍ରଶାସନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆବାସ, ରାସନ କାର୍ଡ ଓ ଭତ୍ତାକୁ ମିଶାଇ ସମୁଦାୟ ୫୦ ଆପତ୍ତି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୫ଜଣ ଭତ୍ତା ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମରେ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ଜୀବିକା ମିଶନ ସଂଯୋଜିକା ସଙ୍ଗୀତା ଭୂୟାଁ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ସମାଜକଲ୍ୟାଣ ଅଧିକାରିଣୀ ସସ୍ମିତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତପନ ପ୍ରଧାନ, ଜିଆରଏସ୍ କୈଳାଶ ବାରିକ ମେଡିକାଲ ଅଫିସର ଡା. ବିପ୍ଳବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ।

**ଡେରାବିଶ:** ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଶୁଭାରମ୍ଭ କରିଥିଲେ। ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ ଉପସ୍ଥିତ ଥିଲେ। ବିଡ଼ିଓ ଦାସରଥି ଜେନା, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ଅତିରିକ୍ତ ବିଡ଼ିଓ ଭଞ୍ଜକିଶୋର ନାୟକ ବିଭିନ୍ନ ଗ୍ରାମରୁ ଆସିଥିବା ୩୫ଟି ଅଭିଯୋଗର ଶୁଣାଣି କରିଥିଲେ।

ଆଧାର ପଞ୍ଜିକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜିକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା, ରାଶନ କାର୍ଡ, ଭତ୍ତା ଉପରେ ଅଭିଯୋଗ ଆସିଥିଲା। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠମନ୍ଦିରର ଉନ୍ନତି ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡ଼ିଓ ଶ୍ରୀ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ପ୍ରମୋଦ ଦାସ, ଉଦ୍ୟାନ କୃଷି ବିଭାଗ ଅଧିକାରୀ କେଦାର ବାରିକ, ବ୍ଲକ ପ୍ରକଳ୍ପ ସଂଯୋଜକ ହିମାଂଶୁ ଭଦ୍ର, ସହକାରୀ ସଂଯୋଜିକା ବିଣାପାଣି ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ



ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। ଶିବିରରେ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଚାନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଚିତ୍ତରଞ୍ଜନ ରାଉତ, ଜିଆରଏସ୍ ଅନିରୁଦ୍ଧ ମଲିକ, ଜୟନ୍ତ ଶତପଥୀ, ଚିତ୍ତରଞ୍ଜନ ନାୟକ, ନିଖିଳ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ୧୨୭ ଅଭିଯୋଗର ଶୁଣାଣି

**ରାଜନଗର, ୨୧।୧୧(ସମିସ)**



ରାଜନଗର ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଏସ୍‌ପି ମଦକର, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଏସଡିପିଓ କ୍ଷମାସାଗର ପଣ୍ଡା ପ୍ରମୁଖ ଯୋଗଦେଇ ୧୨୭ ଅଭିଯୋଗ ଶୁଣିବା ସହ ସମାଧାନର ବାଟ ବାହାର କରିଥିଲେ। ଏହି ୧୨୭ଟି ଅଭିଯୋଗ ମଧ୍ୟରୁ ୧୧୯ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିବାବେଳେ ୮ଟି ସାମୂହିକ ଅଭିଯୋଗ ଆସିଥିଲା। ଏହି ୧୧୯ଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୧୦୦ରୁ ଅଧିକ ଅଭିଯୋଗ କେବଳ ରାସନକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ସମ୍ପର୍କିତ ଥିଲା। ଏହି ଜନଶୁଣାଣି ଶିବିରରେ ରାଜନଗର ବ୍ଲକରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଡ୍ରାଇଭର ପହଞ୍ଚି ସେମାନେ ଠିକ୍ ସମୟରେ ଦରମା ପାଉ ନ ଥିବା ଓ ବକେୟା ରଖି ଦରମା ଦିଆଯାଉ ନ ଥିବା ଅଭିଯୋଗ ଆଣିଥିଲେ। ପଞ୍ଚାୟତରେ ଠିକ୍ ଭାବେ ଦରମା ମିଳୁ ନ ଥିବାରୁ ବ୍ଲକ ସ୍ତରରେ ଦରମା ପ୍ରଦାନ ପାଇଁ ଦାବି କରିଥିଲେ। ସେହିପରି ସାତଭାୟା ଥଇଥାନ ସ୍ଥଳରେ ୨ୟ ଦଫାରେ ୧୪୮ ପରିବାରକୁ ଥଇଥାନ କରିବାକୁ ୧୦ ଡିସିମିଲ ଲେଖାଏଁ ଘରଡ଼ିହ ଯୋଗାଇ ଦିଆଯାଇଛି; ମାତ୍ର ଏଯାଏଁ ଘର ନିର୍ମାଣ ପାଇଁ ବିଜୁ ପକ୍କାଘର ସହିତ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଅନ୍ୟାନ୍ୟ ସୁବିଧା ସୁଯୋଗ ଆଜିଯାଏଁ ଯୋଗାଇ ଦିଆଯାଇନାହିଁ ବୋଲି ଜିଲ୍ଲାପାଳଙ୍କୁ ମାମିନା ସାହାଣୀ, ତିଳୋତ୍ତମା ବେହେରା, ସୁମିତ୍ରା ପରିଡ଼ା, ମାମୁନି ଦାସ ପ୍ରମୁଖ ମହିଳାମାନେ ଭେଟି କହିଥିଲେ। ସେହିପରି ଚାନ୍ଦିବାଉଁଶମୂଳ ପଞ୍ଚାୟତର ୯ ନଂ ୱାର୍ଡ ବଡ଼କୋଲ୍ଲା ଗାଁର ଛୋଟ ଛୋଟ ଶିଶୁମାନେ ଚଡଦିଆ ଗାଁର ଅଙ୍ଗନାବାଡ଼ି କେନ୍ଦ୍ରକୁ ପଢ଼ିବାକୁ ଯାଉଛନ୍ତି। ବଡକୋଲ୍ଲାଠାରୁ ଚଡ଼ଦିଆ ଗାଁର ଦୂରତା ୩ କିମିରୁ ଅଧିକ। ୧୫ ଜଣ ଛୋଟ ଛୋଟ ଶିଶୁ ଏତେବାଟ ଯାଇଁ ଅଙ୍ଗନବାଡ଼ିରେ ପାଠ ପଢ଼ିବା କଷ୍ଟସାଧ ହୋଇପଡ଼ିଛି। ତେଣୁ ଗାଁରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବାକୁ ଗ୍ରାମବାସୀ ଦାବି କରିଥିଲେ। ହାତିନା ହାଇସ୍କୁଲକୁ ଆସୁଥିବା ବାର୍ଷିକ ଖେଳ ବାବଦକୁ ୨୫ ହଜାର ଟଙ୍କା ଓ ମରାମତି ବାବଦକୁ ବାର୍ଷିକ ୭୫ ହଜାର ଟଙ୍କା ଅର୍ଥ ତୋଷାରପାତ କରାଯିବା ସହ ବିଦ୍ୟାଳୟକୁ ଶିକ୍ଷକ ନ ଆସି ଦରମା ନେଉଥିବା ଗାଁର ପ୍ରମୋଦ ଦାସ ଅଭିଯୋଗ କରିଛନ୍ତି। ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ପଞ୍ଚାୟତର ୧୩ ଜଣ ବୟସ୍କ ବୃଦ୍ଧବୃଦ୍ଧ ରୋଗଗ୍ରସ୍ତ କାରଣରୁ ବ୍ୟାଙ୍କକୁ ଯାଇ ସେମାନଙ୍କ ଭତ୍ତା ଟଙ୍କା ଉଠାଇ ପାରୁନାହାନ୍ତି। ବ୍ୟାଙ୍କ ପରିବର୍ତ୍ତେ ସେମାନଙ୍କ ଘରେ ସେମାନଙ୍କ ଭତ୍ତା ଟଙ୍କା ଦେବାକୁ ସରପଞ୍ଚ ଅଭିଯୋଗ କରିଥିଲେ। ଚାନ୍ଦିବାଉଁଶମୂଳ ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା କୋଭିଡ୍ ସମୟରେ ପଞ୍ଚାୟତରେ କିଣା ଯାଇଥିବା ଖଟ, ଗଦି ଆଦି ସାମଗ୍ରୀ ବାହାରେ ରହିଛି; ଯାହାକି ଅଧିକାଂଶ ନଷ୍ଟ ହୋଇଗଲାଣି। ସେଗୁଡିକୁ ସୁରକ୍ଷିତ ଭାବେ ରଖିବା ପାଇଁ ଘର ଯୋଗାଇ ଦିଆଯାଉ ନ ଚେତ ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶଚଚନ୍ଦ୍ର ଗୁଡିଆ, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ସିଡିଏମ୍‌ଓ ଡା. ଅନିତା ପଟ୍ଟନାୟକ, ଆଇଆଇସି ଅଜୟ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆସିଲା ଇଟାପୋଡ଼ା ସମୟ; ବଢ଼ିଲା ଚୋରା କୋଇଲା କାରବାର

**ରାଜକନିକା, ୨୧।୧୧(ସମିସ):** ରାଜକନିକା ଥାନା, ଚାନ୍ଦବାଲି ଥାନାର ମିଳିତ ସଲାସୁତୁରାରେ ଏହି ଅଞ୍ଚଳ ଦେଇ ଦୈନିକ ଧାମରା ବନ୍ଦରରୁ ଚୋରାରେ ସଂଗ୍ରହ କରାଯାଉଥିବା କୋଇଲାକୁ ଉଭୟ ସ୍ଥଳ ଓ ଜଳପଥରେ ମାଫିଆମାନେ ବିକ୍ରି କରିବା ପ୍ରକ୍ରିୟା ଜୋରଦାର କରି ଦେଇଛନ୍ତି। ଗାଁ ଗାଁରେ ପୋଡ଼ା ଯାଉଥିବା ଇଟା ଭାଟିରେ ଟନ୍ ଟନ୍ ଚୋରା କୋଇଲା ଗଚ୍ଛିତ ରଖୁଥିବା ଚୋରା ବେପାରୀ ଏବେ ଦିନରାତି କୋଇଲା ଚାଲାଣରେ ଲାଗି ପଡ଼ିଛନ୍ତି। କଟକ ଚାନ୍ଦବାଲି ରାସ୍ତା ଦେଇ ଦୈନିକ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, କଟକ ସାଲେପୁର ଏପରିକି ଝାଡ଼ଖଣ୍ଡ ଓ କୋଲକାତାକୁ ଏହି ଅଷ୍ଟ୍ରେଲିଆ କୋଇଲା ଚାଲାଣ କରାଯାଉଛି। ଓଡ଼ିଶାରୁ ବାହାରୁଥିବା କୋଇଲାଠାରୁ ଅଷ୍ଟ୍ରେଲିଆରୁ ଆସୁଥିବା ଏହି କୋଇଲା ଉଚ୍ଚ ମାନର। କମ୍ ଦାମରେ ଘର ପାଖରେ କିମ୍ବା ଭାଟି ନିକଟରେ ପହଞ୍ଚୁଥିବା ଏଭଳି ଉଚ୍ଚ ଜ୍ୱଳନଶୀଳ କୋଇଲାରେ ପୋଡା ଯାଉଥିବା ଇଟାରେ ଅପେକ୍ଷାକୃତ କମ୍ ପରିମାଣର କୋଇଲାରେ ଭଲ ପୋଡ଼ା ହେଉଥିବାରୁ ଇଟା ମାଫିଆ ଏହି କୋଇଲାକୁ ବେଶୀ ପସନ୍ଦ କରୁଛନ୍ତି। ବର୍ଷ ସାରା ଧାମରା ବନ୍ଦରରୁ ଟ୍ରେନ ଯୋଗେ ଆସିଥିବା କୋଇଲାକୁ ଟ୍ରେନ୍ ଉପରେ ଚଢି ଖସାଇବା ପରେ ଏହି କୋଇଲାକୁ ବସ୍ତା କରାଯାଇ ବିକ୍ରି କରିବା ଏହି ଅଞ୍ଚଳରେ କୁଟୀରଶିଳ୍ପ ପାଲଟିଛି। ତେବେ ଦୀର୍ଘ ଦଶ ବର୍ଷ ଧରି ସ୍ପଷ୍ଟ ଦିବାଲୋକରେ ଏଭଳି କୋଇଲା ଲୁଟ୍ ହେବା ସହ ଖୋଲାମେଲା ଚୋରା ଚାଲାଣ ହେଉଥିଲେ ବି ରାଜକନିକା ଥାନା ବେଳେବେଳେ ନାମକୁ ମାତ୍ର ଚଢ଼ଉ କରି ଜଣେ ଦୁଇ ଜଣକୁ ଧରୁଛି। ରାଜକନିକା ଅଞ୍ଚଳରେ ଇଟା ଭାଟି କରି ରୀତିମତ ବେପାର କରୁଥିବା ଶହେରୁ ଅଧିକ ଇଟା ମାଫିଆ ଏହି ଚୋରା କୋଇଲା କାରବାର ଜାରି ରଖିଛନ୍ତି।

## କୋହଲା ପାଗ ଯୋଗୁ ଚିନ୍ତାରେ କୋବି ଚାଷୀ

**କୁଜଙ୍ଗ, ୨୧।୧୧(ସମିସ):** ଶୀତଦିନିଆ ଅଦିନିଆ ବର୍ଷା କୁଜଙ୍ଗ ଅଞ୍ଚଳରେ ପରିବା ଚାଷୀଙ୍କୁ ଭୟଭୀତ କରୁଛି। ବିଶେଷ କରି ଏହି କୋହଲା ପାଗ ଯୋଗୁ କୋବି ଚାଷୀ ଚିନ୍ତାରେ ପଡ଼ିଛନ୍ତି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଡିଅସାହୀ ଗ୍ରାମର ସୁଦାମ ଚରଣ ମଲ୍ଲ କହନ୍ତି ଯେ, କୋବି ପାଇଁ ନିଗିଡା ପାଗ ଦରକାର। ଚାରା ଏବେ ବଡ ହୋଇ ଗଲାଣି। ଆଉ କିଛି ସପ୍ତାହ ମଧ୍ୟରେ ଫୁଟିବ। ୧୦ହଜାର ଚାରାର କ୍ଷେତ ତିଆରି ପାଇଁ ୨୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଯଦି ଜନିତ ବର୍ଷା ହୁଏ ତେବେ ଜମିରୁ କିପରି ପାଣି ନିଗିଡିବ ସେ ଚିନ୍ତାରେ ରହିଛନ୍ତି। ଏହି ଅଦିନିଆ ବର୍ଷା ଧାନ ଚାଷର ମଧ କ୍ଷତି କରିବ।



## ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଟ୍ୟାବ୍ ବଣ୍ଟନ

**ତିର୍ତ୍ତୋଲ, ୨୧।୧୧(ସମିସ):** ତିର୍ତ୍ତୋଲ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଟ୍ୟାବ୍ ବଣ୍ଟନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଅକ୍ଷୟ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସମରେନ୍ଦ୍ର ସାହୁ, ନାରାୟଣ ପ୍ରସାଦ ଦାଶ, ସିଆରସିସି ବିଷ୍ଣୁପ୍ରିୟା ଦେବୀ ପ୍ରମୁଖ ଉପସ୍ଥିତ ରହି ଏହି ଟ୍ୟାବ୍ ବଣ୍ଟନ କରିଥିଲେ। ଧର୍ମାନନ୍ଦ ମଲ୍ଲିକ, ଉର୍ମିଳା ପାତି, ସୁଚିସ୍ମିତା ବେହେରା, ମିନତୀ କର, ଶଶିକଳା ଦାସ, ଅନ୍ନପୂର୍ଣ୍ଣା, ସବିତା ସାହୁ, ପୁଷ୍ପଲତା ପାତ୍ର, ବିଦ୍ୟାଧର ମହାରଣା, ସୁଜାତା ମଲ୍ଲିକଙ୍କ ସମେତ ୧୬୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ଟ୍ୟାବ୍ ପ୍ରଦାନ କରାଯାଇଛି।

## ନଟବର ସାମନ୍ତରାୟଙ୍କ ସ୍ମୃତିଚାରଣ

**କୁଜଙ୍ଗ, ୨୧।୧୧(ସମିସ):** କୁଜଙ୍ଗ ବ୍ଲକ ହଂସୁରା ଗ୍ରାମର ପ୍ରମୁଖ ନଟବର ସାନ୍ତରାୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି। ଶିକ୍ଷାବିତ୍ ଅଜୟ ସାମନ୍ତରାୟ, କୈଳାସ ସାମନ୍ତରାୟ, ସୁକାନ୍ତ ସାମନ୍ତରାୟ, ତ୍ରିଲୋଚନ ଚୌଧୁରୀ, ସଚ୍ଚିଦାନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ରାଉତ, ପ୍ରଭାତ ରାଉତ, ଦୀପ୍ତି ପ୍ରକାଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ପରିବା ବିକୁଛନ୍ତି ବର୍ଷିୟାନ କଳାକାର

**କୁଜଙ୍ଗ, ୨୧।୧୧ (ସମିସ)**

ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ମଙ୍ଗରାଜପୁରର ବର୍ଷିୟାନ କଳାକାର ରାମଚନ୍ଦ୍ର ସାମଲ (୭୬) ଆଜି ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ଦିନେ ମୁହଁରେ ପାଉଡର ବୋଳି ମଞ୍ଚକୁ ଉଠୁଥିଲେ। ତାଙ୍କ ସଂଳାପରେ ଦର୍ଶକ ଅଭିନୟ ଭିତରେ ନିଜକୁ ହଜାଇ ଦେଉଥିଲେ। ଆଜି କିନ୍ତୁ ରାତି ପାହିଲେ ସେ ଦଣ୍ଡିପଲା ଧରୁଛନ୍ତି।

ପ୍ରତିଦିନ ରାତି ପାହିଲେ ସେ ସାଇକଲ ଯୋଗେ ପରିବା ଧରି ବିକିବାକୁ ବାହାରି ପଡନ୍ତି। ଏଥବରୁ ଯାହା ମିଳେ ସେଥିରେ ଘରେ ଚଳେ। ଯୁବ ବୟସରେ ସେ ତାଙ୍କ ବାପା କ୍ଷେତ୍ରବାସୀ ସାମଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗ୍ରାମର ରାମଲୀଳା କାଳା ପ୍ରତି ଆକର୍ଷିତ ହୋଇଥିଲେ। କ୍ଷେତ୍ରବାସୀ ରାମଲୀଳାରେ ରାମଲୀଳା ଦଳରେ ଅଭିନୟ କରୁଥିବା ବେଳେ ରାମଚନ୍ଦ୍ରଙ୍କ ଉପରେ ଏହାର ପ୍ରଭାବ ପଡ଼ିଥିଲା। ଭଲ ପଢୁଥିଲେ ବି କଳାକାର ହେବାର ନିଶା ତାଙ୍କୁ ଘାରିଥିଲା। ତେବେ ନିଜର ଗୁରୁଗର୍ଜନ ସଂଳାପରେ ଦର୍ଶକଙ୍କଠାରୁ ଗାଳି ଶୁଣିଛନ୍ତି। ପୁଣି ନିଖୁଣ ଅଭିନୟ ଯୋଗୁ ଦର୍ଶକଙ୍କଠାରୁ ଟେକା ମାଡ ଖାଇଛନ୍ତି। ଆଜି ବି ତାଙ୍କ ଅଭିନୟ ଜୀବନ୍ତ। ବିଗତ ୫୦ ବର୍ଷ ଧରି ନିଜର ନିଖୁଣ ଅଭିନୟରେ ନିଜ ଜୀବନ ଯୌବନକୁ ତିଳ ତିଳ କରି କଳା ସଂସ୍କୃତି ଓ ସଙ୍ଗୀତ ପାଇଁ ଜାଳି ଦେଇଥିବା ଏହି କାଳାକାର ଜଣକ ୧୫ ବର୍ଷ ଧରି ନିଜର ଭାଗ୍ୟ ଭବିଷ୍ୟତକୁ ନେଇ ଜୁଝି ହେଉଛନ୍ତି। ଶେଷରେ ଏବେ ପରିବା ବିକି ଗୁଜୁରାଣ ମେଣ୍ଟାଉଛନ୍ତି।

ପତ୍ନୀ ବିଦୁଲତା ସାମଲ, ତିନିପୁଅ ମାନସ, ବସନ୍ତ ଓ ପ୍ରଶାନ୍ତ, ଝିଅ ଖୁଲଣା ଓ ଅଞ୍ଜନାଙ୍କୁ ନେଇ ତାଙ୍କ ସଂସାର। ଅତୀତରେ ରାମଲୀଳା ଦଳରେ ଅଭିନୟରୁ ଦୁଇ ପଇସା ରୋଜଗାର ହେଉଥିଲା; ମାତ୍ର ଏବେ ରାମଲୀଳା ଯାତ୍ରା ପ୍ରତି ରୁଚି କମିବା ଯୋଗୁ ଯାତ୍ରା ଦଳ ବନ୍ଦ ହୋଇଯାଇଛି। ଏହା ଫଳରେ ନିଜର ଗୁଜୁରାଣ ମଣ୍ଟାଇବାକୁ ଏହି ବର୍ଷିୟାନ କଳାକାର ହାଟ, ଘାଟରେ ପନିପରିବା ବିକୁଥିବା ଦେଖିବାକୁ ମିଳିଛୁ। ଆଜି ମଧ୍ୟ ଲୋକେ ତାଙ୍କଠାରୁ ସଂଳାପ ଶୁଣିବାକୁ ପରିବା ବିକିବା ସମୟରେ କିମ୍ବା ବାଟରେ ଗଲାବେଳେ ବାଟ ଓଗାଳି ଟିକେ ରହିବାକୁ ଅନୁରୋଧ କରନ୍ତି। ସେ ବି ପୁରୁଣା ସ୍ମୃତିକୁ ତାଜା କରିବା ସହ କାହାକୁ ନିରାଶ କରନ୍ତି ନାହିଁ।

ତେବେ ବୟସର ଅପରାହ୍ନରେ କଳାକୁ ପୁଞ୍ଜିକରି ପୁଳା ପୁଳା ସ୍ୱପ୍ନ ନେଇ ବଞ୍ଚିଥିବା ଜଣେ କଳାକାରର ଏହି ଅବସ୍ଥା ହେବ ତାହା ସେ କେବେ ଚିନ୍ତା କରି ନ ଥିବା କ୍ଷୋଭାର ସହ କହନ୍ତି। ଏହି ଗ୍ରାମ ସମେତ ବ୍ଲକରେ ବହୁ ଅଣକଳାକାର କଳାକାର ଭତ୍ତା ହାତେଇ ନେଇଥିବା ଅଭିଯୋଗ ହେଉଥିବା ବେଳେ ତାଙ୍କୁ ଆଜି ମଧ୍ୟ କଳାକାର ଭତ୍ତା ମିଳୁନାହିଁ।



## କର୍କଟ ରୋଗୀଙ୍କୁ ସହାୟତା

**ରାଜନଗର, ୨୧।୧୧(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସାଇନ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ କର୍କଟ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା ଓ ଅସହାୟଙ୍କୁ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗାଁର କର୍କଟ ରୋଗରେ ପୀଡ଼ିତ ଉଦୟନାଥ ରାଉତ(୬୨)ଙ୍କ ଚିକିତ୍ସା ପାଇଁ ଟ୍ରଷ୍ଟ ପକ୍ଷରୁ ୫ ହଜାର ଟଙ୍କାର ଆର୍ଠଥକ ସହାୟତା ଯୋଗାଇ ଦିଆଯାଇଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତ ଖଡିପାଳ ଗାଁର ନିଃସହାୟ ବୃଦ୍ଧା ମାତା ମା'ଙ୍କ ଗୃହ ନିର୍ମାଣ ପାଇଁ ୫ ହଜାର ଟଙ୍କା ସହିତ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ନିହାରରଞ୍ଜନ ବିଶ୍ୱାଳ, ତପନ ମହାନ୍ତି, ମଣିରାମ ସାହୁ, ପ୍ରତାପ ନାୟକ, ସୁଜାତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



## ଆଣ୍ଟି ସିପ୍ ମିସାଇଲ୍‌ର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବାରେ ଲାଗିଛି । ଭାରତୀୟ ନୌସେନା ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ମଙ୍ଗଳବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଣ୍ଟି ସିପ୍ ମିସାଇଲ୍‌ର ସଫଳ ପରୀକ୍ଷଣ କରାଯାଇଛି । ନୌସେନାର ୪୨ବି ହେଲିକପ୍ଟରରୁ ଏହି ପରୀକ୍ଷଣ କରାଯାଇଥିଲା । ନୌସେନା ଏବଂ ଡିଆରଡିଓର ବରିଷ୍ଠ ଅଧିକାରୀମାନେ ଏହି ପରୀକ୍ଷଣ ଉପରେ ନଜର ରଖିଥିଲେ । ଏହି ସମୟରେ କ୍ଷେପଣାସ୍ତ୍ରର ସିକର (ସନ୍ଧାନୀ) ଏବଂ ଗାଇଡାନ୍ସ (ମାର୍ଗଦର୍ଶନ) ଜ୍ଞାନକୌଶଳର ମଧ୍ୟ ପରୀକ୍ଷଣ କରାଯାଇଥିଲା । ଗାଇଡାନ୍ସ ଜ୍ଞାନକୌଶଳ ଦ୍ୱାରା କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବାରେ ସଫଳ ହେଉଛି । କ୍ଷେପଣାସ୍ତ୍ରର କ୍ଷମତା ଏହା ଉପରେ ନିର୍ଭରଶୀଳ । ନୌସେନା ପକ୍ଷରୁ ଏହି ପରୀକ୍ଷଣର ଭିଡିଓ ଜାରି କରାଯାଇଛି ।

## ଗୋଟିଏ ପରିବାରର ୫ ମୃତ

**ଚିତ୍ରକୁଟ, ୨୧ା୧୧ (ଏଜେନ୍ସି):** ମଧ୍ୟପ୍ରଦେଶ ଚିତ୍ରକୁଟର ବାଗରେହୀ ଗ୍ରାମ ନିକଟରେ ମଙ୍ଗଳବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି । ଏଠାରେ ଏକ ବୋଲେରୋ ଏବଂ ବସ୍ ମଧ୍ୟରେ ଧକ୍କା ହୋଇଛି । ଏଥିରେ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି । ୬ ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ୪ ଜଣଙ୍କୁ ପ୍ରୟାଗରାଜ ପଠାଇ ଦିଆଯାଇଛି । ତେଣୁ ମୃତ୍ୟୁସଂଖ୍ୟା ବଢ଼ିବାରେ ବୋଲି ଆଶଙ୍କା କରାଯାଉଛି । ସମସ୍ତ ମୃତକ ବୋଲେରୋରେ ଯାତ୍ରା କରୁଥିଲେ । ଏମାନେ ଅସ୍ଥି ବିସର୍ଜନ ପାଇଁ ପନ୍ନା ଜିଲ୍ଲାରୁ ପ୍ରୟାଗରାଜ ଯାଇଥିଲେ । ସେଠାରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ବୋଲେରୋ ଡ୍ରାଇଭରଙ୍କୁ ନିଦ ଆସିଯିବାରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଉଛି ।

## ଯୋଗୀ-ମୋଦୀଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ ମିଳିଛି । ଜଣେ ଅଜ୍ଞାତ ବ୍ୟକ୍ତି ସୋମବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସ ନିୟନ୍ତ୍ରଣ କକ୍ଷକୁ ଫୋନ୍ କରି ଏହି ଧମକ ଦେଇଛି । ସେ ଜେଜେ ହସ୍ପିଟାଲକୁ ବୋମା ପକାଇ ଉଡ଼ାଇ ଦେବ ବୋଲି ମଧ୍ୟ କହିଛି । ଏହି ଅଭିଯୁକ୍ତର ନାମ କାମରାନ ଖାନ ବୋଲି ଜଣାପଡିଛି । ଧମକର କିଛି ଘଣ୍ଟା ପରେ ସାୟନ ଅଞ୍ଚଳରୁ ପୁଲିସ ତାକୁ ଗିରଫ କରିଛି ।

## ବିଜେପି ଛାଡ଼ିଥିବା ନେତାଙ୍କ ଘରେ ଚଢ଼ଉ

**ଚେନ୍ନୁର, ୨୧ା୧୧ (ଏଜେନ୍ସି):** ତେଲଙ୍ଗାନା ଚେନ୍ନୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଜି ବିବେକାନନ୍ଦଙ୍କ ଘର ଏବଂ ଅନ୍ୟ ଠିକଣାରେ ଆୟକର ବିଭାଗ (ଆଇଟି) ମଙ୍ଗଳବାର ଚଢ଼ଉ କରିଛି । କିଛି ଦିନ ତଳେ ସେ ବିଜେପି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ । ଏହାକୁ ନେଇ ତାଙ୍କ ସମର୍ଥକମାନେ ହଙ୍ଗାମା କରିଛନ୍ତି । କେନ୍ଦ୍ର ଏବଂ ଆଇଟି ବିରୋଧରେ ସ୍ଲୋଗାନ ଦେଇଛନ୍ତି । ଏହା ପୂର୍ବରୁ ଗତ ୧୦ ତାରିଖରେ କଂଗ୍ରେସ ପ୍ରାର୍ଥୀ ପାଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀଙ୍କ ଘରେ ଚଢ଼ଉ ହୋଇଥିଲା ।

■ କାଳ ହେଲା ପରକୀୟାପ୍ରୀତି

## ସ୍ତ୍ରୀ, ୨ ସନ୍ତାନଙ୍କୁ ମାରି ସ୍ୱାମୀର ଆତ୍ମହତ୍ୟା

**କୋଲକାତା, ୨୧ା୧୧ (ଏଜେନ୍ସି):** ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲ୍ଲାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର ଖରଦାହ ଅନ୍ତର୍ଗତ ଏସଏମ୍ ମୁଖାର୍ଜୀ ମାର୍ଗ ନିକଟରେ ରହୁଥିବା ବ୍ୟବସାୟୀ ବୃନ୍ଦାବନ କର୍ମକାର (୫୨) ପରକୀୟାପ୍ରୀତିକୁ ନେଇ ରବିବାର ସ୍ତ୍ରୀ ଦେବଶ୍ରୀ (୪୦) ସହିତ ଝିଅ (୧୬) ଏବଂ ପୁଅ (୮) କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛନ୍ତି । ପୁଲିସ ପହଞ୍ଚିବାବେଳକୁ ସ୍ତ୍ରୀ ଏବଂ ୨ ସନ୍ତାନଙ୍କ ଶବ ତଳେ ପଡ଼ିଥିଲା । ବୃନ୍ଦାବନଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା । ପୁଲିସ ଘଟଣାସ୍ଥଳରୁ ଏକ 'ସୁଇସାଇଡ ନୋଟ୍' ଜବତ କରାଯାଇଛି । ସୂଚନା ଅନୁଯାୟୀ ଦେବଶ୍ରୀଙ୍କ ପରକୀୟାପ୍ରୀତିକୁ ନେଇ ସ୍ୱାମୀ ଚିନ୍ତିତ ଥିଲେ । ଏ ନେଇ ବୃନ୍ଦାବନ ତାଙ୍କୁ ଚେତାବନୀ ଦେଇଥିଲେ । କିନ୍ତୁ ଦେବଶ୍ରୀ ତାହା ଶୁଣି ନ ଥିଲେ । ଏହି ସମ୍ପର୍କରୁ ବାହାରି ପାରିବେ ନାହିଁ ବୋଲି କହିଥିଲେ ।

## ସିସୋଦିଆଙ୍କ ନ୍ୟାୟିକ ହେପାଜତ ସୀମା ବୃଦ୍ଧି

**ନୂଆଦିଲ୍ଲୀ,୨୧ା୧୧ (ଏଜେନ୍ସି):** ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ନ୍ୟାୟିକ ହେପାଜତ ସୀମାକୁ ୨୧ ଦିନ ପାଇଁ ବୃଦ୍ଧି କରାଯାଇଛି । ସିସୋଦିଆଙ୍କ ବିରୋଧରେ ରୁଜୁ ମନି ଲଣ୍ଡରିଂ ମାମଲାରେ ରାଉଜ ଆଭିନ୍ୟୁ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ ଜାରି କରିଛନ୍ତି । ସମସ୍ତ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ୨୪ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଏହି ଦିନ ପରବର୍ତ୍ତୀ ଶୁଣାଣି ହେବ । କୋର୍ଟ ଶୁଣାଣି ସମୟରେ ଓକିଲଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଟ୍ରାଏଲ ଆରମ୍ଭ କରିବା ପାଇଁ ସିଆରପିସିର ଧାରା ୨୦୭ ପାଳନ କରାଯିବା ଉଚିତ ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ ସିସୋଦିଆ ୨୬୯ ଦିନ ହେଲା ଜେଲ୍‌ରେ ଅଛନ୍ତି । ସେ ନିମ୍ନ କୋର୍ଟଠାରୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିଲେ ବି କେହି ଜାମିନ ପ୍ରଦାନ କରିନାହାନ୍ତି ।

■ ଆଖି ବୁଜିଲେ ନେହେରୁଙ୍କ ଆଦିବାସୀ ପତ୍ନୀ

## ୧୬ ବର୍ଷରେ ପିନ୍ଧିଥିଲେ ପୁଷ୍ପମାଲ୍ୟ





**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଆଦିବାସୀ ପତ୍ନୀ ବୁଧନୀ ମଝିୟାଁଙ୍କ ପରଲୋକ ହୋଇଛି । ସେ ଗତ ୧୭ ତାରିଖରେ ୮୦ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସାନ୍ତାଳୀ ସମ୍ପ୍ରଦାୟର ବୁଧନୀ ଝାଡ଼ଖଣ୍ଡର ବାସିନ୍ଦା । ସାରାଜୀବନ ବାସନ୍ଦର ଯନ୍ତ୍ରଣା ସହିଥିବା ବୁଧନୀଙ୍କ ସ୍ମାରକ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ ୧୯୫୯ରେ ନେହେରୁ ଧାନବାଦ ନିକଟରେ ପାନ୍‌ଚେଟ ଡ୍ୟାମ୍ ଉଦଘାଟନ୍ କରିବାକୁ ଯାଇଥିଲେ । ଏହି ସମୟରେ ସେ ବୁଧନୀଙ୍କୁ ସମ୍ମାନିତ କରିବା ପାଇଁ ଏକ ଫୁଲ ମାଳ ପିନ୍ଧାଇ ଦେଇଥିଲେ । ଏହା ତାଙ୍କ ପାଇଁ ଅଭିଶାପ ପାଲଟି ଯାଇଥିଲା । ଏହାକୁ ବିରୋଧ କରି ବୁଧନୀଙ୍କୁ ସମ୍ପ୍ରଦାୟରୁ ବାସନ୍ଦ କରି ଦିଆଗଲା । ସେତେବେଳେ ତାଙ୍କୁ ମାତ୍ର ୧୬ ବର୍ଷ ହୋଇଥିଲା । ସମ୍ପ୍ରଦାୟ ବାହାରେ ବିବାହ ହୋଇଛି ବୋଲି କୁହାଯାଇଥିଲା । ସାନ୍ତାଳୀ ସମ୍ପ୍ରଦାୟରେ ମହିଳାଙ୍କୁ ଫୁଲ ମାଳ ପିନ୍ଧାଇଥିବା ପୁରୁଷକୁ ତାଙ୍କ ସ୍ୱାମୀ ଧରାଯାଏ । ସେହି ଦିନଠାରୁ ବୁଧନୀଙ୍କୁ ନେହେରୁଙ୍କ ସ୍ତ୍ରୀ କୁହାଗଲା ।

■ ଭାରତର ପ୍ରଥମ ମହିଳା

## ଏକତା କପୁର, ବୀର ଦାସଙ୍କୁ ଏମି ଆୱାର୍ଡ୍ସ





**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ଚଳିତ ବର୍ଷର ଇଣ୍ଟରନ୍ୟାସନାଲ ଏମି ଆୱାର୍ଡ୍ସ ଘୋଷଣା କରାଯାଇଛି । ଭାରତର ପ୍ରଥମ ମହିଳା ଭାବେ ନିର୍ମାତା ତଥା ନିର୍ଦ୍ଦେଶକ ଏକତା କପୁରଙ୍କୁ ଏହି ପୁରସ୍କାର ମିଳିଛି । ପ୍ରଥମ ଥର ପାଇଁ ଜଣେ ଭାରତୀୟଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ସେହିପରି ବୀର ଦାସ ଶ୍ରେଷ୍ଠ ଅଭିନେତା ଭାବେ ୫୧ତମ ଇଣ୍ଟରନ୍ୟାସନାଲ ଏମି ଆୱାର୍ଡ୍ସ ଜିତିଛନ୍ତି । ଏହା ବ୍ୟତୀତ ସେଫାଳୀ ଶାହାଙ୍କ ସିରିଜ 'ଦିଲ୍ଲୀ କ୍ରାଇମ-୨' ଶ୍ରେଷ୍ଠ ଅଭିନେତ୍ରୀ ଶ୍ରେଣୀରେ ମନୋନୀତ ହୋଇଥିଲା । କିନ୍ତୁ ଏହା କୌଣସି ପୁରସ୍କାର ଜିତି ପାରି ନ ଥିଲା । କାର୍ଲା ସୁଜାଙ୍କ ମ୍ୟାକ୍ସିକାନ ସିରିଜ 'ଲା କାଇଡ'କୁ ଏହି ପୁରସ୍କାର ମିଳିଛି । ନ୍ୟୁୟର୍କରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୪ଟି ଶ୍ରେଣୀରେ ୨୦ଟି ଦେଶର ମୋଟ ୫୬ ଜଣଙ୍କୁ ମନୋନୟନ କରାଯାଇଥିଲା । ଏହି ପୁରସ୍କାରକୁ ଟେଲିଭିଜନ ଜଗତର ଓସ୍କାର କୁହାଯାଇଥାଏ । ଏକତା କପୁର ଏହି ପୁରସ୍କାରକୁ ଭାରତୀୟଙ୍କୁ ଉତ୍ସର୍ଗ କରିଛନ୍ତି । ପୁରସ୍କାର ନେଇ ଭାରତ ଯାଉଛି ବୋଲି କହିଛନ୍ତି ।

### ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ

# ୟଙ୍ଗ ଇଣ୍ଡିଆର ୭୫୧.୯ କୋଟିର ସମ୍ପତ୍ତି ଜବତ

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସମ୍ବନ୍ଧିତ ୟଙ୍ଗ ଇଣ୍ଡିଆ କମ୍ପାନୀର ୭୫୧.୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି । ଏହି ସମ୍ପତ୍ତି ମଧ୍ୟରେ ଦିଲ୍ଲୀ, ମୁମ୍ବଇରେ ଥିବା ନ୍ୟାସନାଲ ହେରାଲ୍ଡ ହାଉସ୍ ଏବଂ ଲକ୍ଷ୍ନୌର ନେହେରୁ ଭବନ ସାମିଲ ରହିଛି । ଏହି ୟଙ୍ଗ ଇଣ୍ଡିଆ କମ୍ପାନୀରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କ ୭୬ ପ୍ରତିଶତ ଅଂଶଧନ ରହିଛି । ଗତ ବର୍ଷ ଅଗଷ୍ଟ ୨୩ ତାରିଖରେ ଦିଲ୍ଲୀର ହେରାଲ୍ଡ ବିଲ୍ଡିଂ ସ୍ଥିତ ୟଙ୍ଗ ଇଣ୍ଡିଆ କମ୍ପାନୀର ଅଫିସକୁ ଇଡି ସିଲ୍ କରି ଦେଇଥିଲା । ଗତ ବର୍ଷ ଅଗଷ୍ଟ ୨ ଏବଂ ୩ ତାରିଖରେ ଇଡି ଟିମ୍ ନ୍ୟାସନାଲ ହେରାଲ୍ଡର ଦିଲ୍ଲୀ, ମୁମ୍ବାଇ ଏବଂ କୋଲକାତା ସମେତ ୧୬ ଠିକଣାରେ ଚଢ଼ଉ କରିଥିଲା । ପରେ ସୋନିଆ-ରାହୁଲଙ୍କୁ ଜେରା କରିଥିଲା ।

ଇଡି ପକ୍ଷରୁ ବିବୃତ୍ତି ଜାରି କରି କୁହାଯାଇଛି ଯେ ସୋନିଆ, ରାହୁଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ପଚରାଉଚୁରା କରାଯାଇ ବୟାନ ରେକର୍ଡ କରାଯାଇଥିଲା । ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।





ସୋନିଆ-ରାହୁଲଙ୍କର ଅଛି ୭୬% ଅଂଶଧନ

ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ) ନିକଟରେ ଦିଲ୍ଲୀ, ମୁମ୍ବଇ ଏବଂ ଲକ୍ଷ୍ନୌରେ ଥିବା ୬୬୧.୬୯ କୋଟି ଟଙ୍କାର ସମ୍ପତ୍ତିରେ ୟଙ୍ଗ ଇଣ୍ଡିଆର କବ୍ଜା ଥିବା ତଦନ୍ତରୁ ଜଣା ପଡ଼ିଥିଲା । ଏହା ବ୍ୟତୀତ ଏଜିଏଲ୍‌ରେ ୯୦.୨୧ କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ନିବେଶ କରାଯାଇଥିଲା । ଏହି ସବୁ ସମ୍ପତ୍ତିକୁ ଜବତ କରାଯାଇଛି ।

ସୂଚନାଯୋଗ୍ୟ ଯେ ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀ ୨୦୧୨ରେ ପ୍ରଥମେ ଏହି ମାମଲା ଉଠାଇ ଥିଲେ । ୨୦୧୪ ଅଗଷ୍ଟରେ ଇଡି ନିଜ ଆଡ଼ୁ ଏହି ମାମଲା ରୁଜୁ କରିଥିଲା । ଏହି ମାମଲାରେ ସୋନିଆ, ରାହୁଲ, ମୋତିଲାଲ ଭୋରା, ଓସ୍କାର ଫର୍ଣ୍ଣାଣ୍ଡିଜ, ସାମ୍ ପିଟ୍ରୋଡା ଏବଂ ସୁମନ ଦୁବେଙ୍କୁ ଅଭିଯୁକ୍ତ ବନା ଯାଇଥିଲା । ସ୍ୱାମୀ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ନ୍ୟାସନାଲ ହେରାଲ୍ଡ ଖବରକାଗଜକୁ ଚଳାଉଥିବା ଏଜିଏଲଠାରୁ ୯୦ କୋଟି ଟଙ୍କାର ଋଣ ଆଦାୟ କରିବାର ଅଧିକାର ୟଙ୍ଗ ଇଣ୍ଡିଆ ଲିମିଟେଡ (ୱାଇଆଇଏଲ)କୁ ଦେଇଥିଲା । ୱାଇଆଇଏଲ ମାତ୍ର ୫୦ ଲକ୍ଷ ଟଙ୍କା ପୈଠ କରି ଏଜିଏଲର ୨ ହଜାର କୋଟି ଟଙ୍କାର ସମ୍ପତ୍ତିକୁ ଅଧିଗ୍ରହଣ କରିଥିଲା । ପରେ ଏଜିଏଲ୍ ଋଣ ପୈଠ କରିବା ପାଇଁ ରାହୁଲ-ସୋନିଆଙ୍କ ନେତୃତ୍ୱାଧୀନ ୟଙ୍ଗ ଇଣ୍ଡିଆ ଲିମିଟେଡକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ଏହା ପରେ କଂଗ୍ରେସ ଏଜିଏଲ୍‌ର ୮୯.୫୦ କୋଟି ଟଙ୍କାର ଋଣ ଛାଡ଼ କରି ଦେଇଥିଲା । ୱାଇଏଏଲ୍‌କୁ ନିଜ ଋଣ ଆଦାୟ କରିବା ପାଇଁ ନ୍ୟାସନାଲ ହେରାଲ୍ଡ ସମ୍ପତ୍ତି ଅଧିଗ୍ରହଣ କରିବାକୁ ଅଧିକାର ମିଳିଥିଲା । ଏଥିରେ ଦିଲ୍ଲୀର ପ୍ରମୁଖ ସ୍ଥାନରେ ଥିବା ଅଫିସ ସାମିଲ ରହିଛି । ଏହାର ମୂଲ୍ୟ ପ୍ରାୟ ୨ ହଜାର କୋଟି ଟଙ୍କା ହେବ । ୨୦୧୦ରେ ମାତ୍ର ୫ ଲକ୍ଷ ଟଙ୍କାରେ ଆରମ୍ଭ ହୋଇଥିବା ୟଙ୍ଗ ଇଣ୍ଡିଆନ ଲିମିଟେଡ କମ୍ପାନୀର ସମ୍ପତ୍ତି ମାତ୍ର କିଛି ବର୍ଷ ମଧ୍ୟରେ ୮୦୦ କୋଟି ହୋଇ ଯାଇଥିଲା ବୋଲି ଅଭିଯୋଗ ହୋଇଛି । ସେହିପରି ଆୟକର ବିଭାଗ ଅନୁଯାୟୀ ୱାଇଆଇଏଲରେ ରାହୁଲଙ୍କ ସେୟାରରୁ ୧୫୪ କୋଟି ଟଙ୍କା ଆୟ ହୋଇଥିଲା । ପୂର୍ବରୁ ଆଇଟି ବିଭାଗ ୨୦୧୧-୧୨ରେ ଏହି କମ୍ପାନୀ ନୋଟିସ ଜାରି କରି ୨୪୯.୧୫ କୋଟି ଟଙ୍କା ପୈଠ କରିବା ପାଇଁ କହିଥିଲା ।

### ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ଅଭିଯୋଗ

## 'ରାଜଭବନର ଗୁଣ୍ଡାଗିରି କରାଯାଉଛି'

**କୋଲକାତା, ୨୧ା୧୧ (ଏଜେନ୍ସି):** ପଶ୍ଚିମବଙ୍ଗ ସରକାରଙ୍କ ସହ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କ ସମ୍ପର୍କ ତିକ୍ତ ହେବାରେ ଲାଗିଛି । ଏହା ମଧ୍ୟରେ ବୋଷ୍ ମଙ୍ଗଳବାର ଗୁରୁତର ଅଭିଯୋଗ ଲଗାଇଛନ୍ତି ।



ରାଜଭବନ ଉପରେ ଗୁଣ୍ଡାଗିରି ପ୍ରୟାସ କରାଯାଉଛି । ଏ ନେଇ ତାଙ୍କ ପାଖରେ ସ୍ପଷ୍ଟ ସୂଚନା ରହିଛି । ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ମାମଲା ଉଠାଯାଇଛି । ଆଗକୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ବୋଲି କହିଛନ୍ତି । ତେବେ ଏହି ଗୁଣ୍ଡାଗିରି ପଛରେ କାହାର ହାତ ଅଛି ତାହା ରାଜ୍ୟପାଳ କହି ନାହାନ୍ତି । ସେ ପରୋକ୍ଷରେ ରାଜ୍ୟ ସରକାରଙ୍କୁ ଦୋଷ ଦେଉଥିବା କୁହାଯାଉଛି । ଏହା ପୂର୍ବରୁ ଅନେକ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହ ତାଙ୍କର ବଢ଼ିବାରେ ଲାଗିଛି । ସେ ଚଳିତ ମାସ ପ୍ରାରମ୍ଭରେ ରବିନ୍ଦ୍ରନାଥ ଟାଗୋରଙ୍କ ନାମଫଳକକୁ ନେଇ ବିଶ୍ୱବିଦ୍ୟାଳୟକୁ ରିପୋର୍ଟ ମାଗିଥିଲେ । ସେ ରାଜଭବନର ଉତ୍ତର ଦ୍ୱାରର ନାମ ମଧ୍ୟ ପରିବର୍ତ୍ତନ କରି 'ଗୁରୁଦେବ ରବିନ୍ଦ୍ରନାଥ ଟାଗୋର ଗେଟ' ରଖିଥିଲେ ।

■ ୧୦ ଦିନ ପରେ ନୂଆ ଆଶା ସଞ୍ଚାର

## ସୁଡଙ୍ଗରେ ସମସ୍ତ ଶ୍ରମିକ ସୁରକ୍ଷିତ

**ଡେରାଡୁନ, ୨୧ା୧୧ (ଏଜେନ୍ସି):** ଉତ୍ତରଖଣ୍ଡ ଉତ୍ତରକାଶୀର ନିର୍ମାଣାଧୀନ ସୁଡ଼ଙ୍ଗରେ ୧୦ ଦିନ ହେଲା ୪୧ ଜଣ ଶ୍ରମିକ ଫସି ରହିଛନ୍ତି । ଏ ପର୍ଯ୍ୟନ୍ତ ଉଦ୍ଧାରକାର୍ଯ୍ୟ ଆଗେଇ ପାରୁନାହିଁ । କେତେବେଳ ମାଟି ଧସୁଛି ତ ଆଉ କେତେବେଳେ

**ଉଦ୍ଧାରକାର୍ଯ୍ୟ ପାଇଁ ନୂଆ ଯୋଜନା**



ମେସିନ ଖରାପ ହେଉଯାଉଛି । ସୁଡ଼ଙ୍ଗ ଭିତରେ ଶ୍ରମିକ ଜୀବନ ସହ ସଂଘର୍ଷ କରୁଛନ୍ତି । ଏହା ମଧ୍ୟରେ ମଙ୍ଗଳବାର ନୂଆ ଆଶା ସଞ୍ଚାର ହୋଇଛି । ପ୍ରଥମ ଥର ପାଇଁ ସୁଡଙ୍ଗ ଭିତରେ ଥିବା ଶ୍ରମିକଙ୍କୁ ଏଣ୍ଡୋସ୍କୋପି କ୍ୟାମେରା ଦ୍ୱାରା ଦେଖାଯାଇଛି । ଏକ ପାଇପ ମାଧ୍ୟମରେ ସୁଡ଼ଙ୍ଗକୁ ଏହି କ୍ୟାମେରା ପଠାଯାଇଛି । ଟନେଲ ଭିତରେ ସ୍ଥିତି କିପରି ରହିଛି ତାହା ଏଥିରେ କଏଦ ହୋଇଛି ।ସକାଳ ପ୍ରାୟ ୩ଟା ୧୨ ମିନିଟରେ ଶ୍ରମିକଙ୍କ ସହ କଥାବାର୍ତ୍ତା କରାଯାଇଛି । ଶ୍ରମିକଙ୍କ ଗଣନା ମଧ୍ୟ କରାଯାଇଛି । ସମସ୍ତେ ସୁରକ୍ଷିତ ଅଛନ୍ତି । ପାଇପ ମାଧ୍ୟମରେ ଶ୍ରମିକଙ୍କୁ ଖେଚୁଡ଼ି, ଡାଲି ଏବଂ ଫଳ ରସ ଦିଆଯାଇଛି । ସନ୍ଧ୍ୟାରେ ଡାଲି-ଭାତ, ରୁଟି-ତରକାରୀ ପଠା ଯାଇଛି । ଖୁବଶୀଘ୍ର ଉଦ୍ଧାର କରାଯିବ ବୋଲି କୁହାଯାଇଛି । ସୁଡଙ୍ଗ ଭିତରେ ପାଣି ଏବଂ ଅମ୍ଳଜାନ ରହିଛି । ଭିତରେ ଥିବାରୁ ଅଧିକ ଶୀତ ମଧ୍ୟ ଅନୁଭୂତ ହେଉନାହିଁ । ଏନ୍‌ଏଚଆଇଡିସିଏଲର ନିର୍ଦ୍ଦେଶକ ମହମ୍ମଦ ଅହମ୍ମଦ କହିଛନ୍ତି ଯେ ଶ୍ରମିକଙ୍କୁ ୱାକିଟକି ଦିଆଯାଇଛି । ଏହା ମାଧ୍ୟମରେ ଶ୍ରମିକ ଲୁଣ ପଠାଇବାକୁ କହିଥିଲେ । ଜଣେ ଶ୍ରମିକଙ୍କ ନିଜ ମାଆଙ୍କୁ ଠିକ୍ ସମୟରେ ଖାଇବାପିଇବାକୁ କହିଛନ୍ତି । ଶ୍ରମିକଙ୍କ ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି । ଅନ୍ୟପକ୍ଷରେ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ୨ଟି ଯୋଜନା ପ୍ରସ୍ତୁତ କରାଯାଇଛି । ଉଦ୍ଧାରକାର୍ଯ୍ୟ ପାଇଁ ୨ରୁ ୪୦ ଦିନ ଲାଗିପାରେ ବୋଲି ପରିବହନ ମନ୍ତ୍ରାଳୟର ସଚିବ ଅନୁରାଗ ଜୈନ କହିଛନ୍ତି ।

### ଦିଲ୍ଲୀ ପ୍ରଦୂଷଣ ମାମଲା

## ୩ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ସୁପ୍ରିମକୋର୍ଟରେ ଦିଲ୍ଲୀ ପ୍ରଦୂଷଣଙ୍କୁ ମଙ୍ଗଳବାର ଦିଲ୍ଲୀ, ପଞ୍ଜାବ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି । ପ୍ରଦୂଷଣ ସମସ୍ୟାକୁ ବନ୍ଦ କରିବା ପାଇଁ କି ପଦକ୍ଷେପ ନେଇଛ ବୋଲି ଦିଲ୍ଲୀ ଏବଂ ପଞ୍ଜାବ ସରକାରଙ୍କୁ ପଚାରିଛନ୍ତି । ଏହା ସହିତ ସୁପ୍ରିମକୋର୍ଟ

**ଚାଷୀଙ୍କୁ ଖଳନାୟକ ବନାଅ ନାହିଁ**

ପଞ୍ଜାବ କୃଷକଙ୍କ ପ୍ରତି ସଦୟ ହୋଇଛନ୍ତି । ପାଳ ଜଳାଇବା ମାମଲାରେ ଚାଷୀଙ୍କୁ ଖଳନାୟକ ନ ବନାଇବା ପାଇଁ ସରକାରଙ୍କୁ କହିଛନ୍ତି । ଜଷ୍ଟିସ ଏସକେ କୌଲ ଏବଂ ଏସ୍ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ ପାଳ ଜଳାଇବା ମାମଲାରେ ଚାଷୀଙ୍କୁ ଖଳନାୟକ ସଜାଇ ଦିଆଯାଉଛି । ଶୁଣାଣି ସମୟରେ ଚାଷୀଙ୍କ ପକ୍ଷ ରଖାଯାଉ ନାହିଁ । ପାଳ ଜଳାଇବା ପଛରେ ନିଶ୍ଚିତ କିଛି କାରଣ ରହିଥିବ । ପାଳ ଜଳାଇବା ବନ୍ଦ କରିବା ପାଇଁ ଚାଷୀଙ୍କୁ ଆର୍ଥିକ ସହାୟତା ଦେବାକୁ କୋର୍ଟ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଦୂଷଣ ସମସ୍ୟା ଦୂର କରିବା ସରକାରଙ୍କ କାମ ବୋଲି କହିଛନ୍ତି ।

### ବିଜ୍ଞାପନରେ ଖର୍ଚ୍ଚ କରୁଛ ବିକାଶକୁ ନା କାହିଁକି

ଆରଆରଟିଏସ୍ ପ୍ରକଳ୍ପକୁ ପାଣ୍ଠି ନ ଦେବାକୁ ନେଇ ଦିଲ୍ଲୀ ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ସପ୍ତାହେ ଭିତରେ ୪୧୫ କୋଟି ଟଙ୍କା ପ୍ରଦାନ କରିବାକୁ କହିଛନ୍ତି । ଯଦି ସରକାର ଏହି ଅର୍ଥ ପ୍ରଦାନ ନ କରନ୍ତି ତେବେ ବିଜ୍ଞାପନ ବଜେଟ ଉପରେ କଟକଣା ଲଗାଇ ପାଣ୍ଠି ଦେଇଦେବୁ ବୋଲି ଚେତାବନୀ ଦେଇଛନ୍ତି । ସରକାରଙ୍କ ପାଖରେ ବିଜ୍ଞାପନ ପାଇଁ ଟଙ୍କା ଅଛି, କିନ୍ତୁ ପ୍ରକଳ୍ପକୁ କାହିଁକି ଦିଆଯାଉ ନାହିଁ ବୋଲି ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଜଷ୍ଟିସ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ କହିଛନ୍ତି ।

### ଝିରମ ମାମଲାର ତଦନ୍ତ କରିବ ଛତିଶଗଡ଼ ପୁଲିସ

## ଏନ୍‌ଆଇଏ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ଛତିଶଗଡ଼ ପୁଲିସ ଝିରମ ଘାଟୀରେ ହୋଇଥିବା ନକ୍ସଲ ଆକ୍ରମଣର ତଦନ୍ତ କରିବ । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ)ର ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି । ୨୦୧୩ ମଇ ୨୫ରେ ନକ୍ସଲ କଂଗ୍ରେସର ପରିବର୍ତ୍ତନ ଯାତ୍ରା ଉପରେ ଆକ୍ରମଣ କରିଥିଲେ । ଏଥିରେ ୩୦ରୁ ଅଧିକ କଂଗ୍ରେସ ନେତା ପ୍ରାଣ ହରାଇ ଥିଲେ । ଛତିଶଗଡ଼ କଂଗ୍ରେସ ଏହି ଦିନକୁ କଳାଦିନ ମାନୁଛି । ପୁଲିସ ଏହି ମାମଲାର ତଦନ୍ତ କରୁ ବୋଲି ରାଜ୍ୟ ସରକାର ଦାବି କରି ଆସୁଥିଲେ । ଏନ୍‌ଆଇଏ ଏହି ମାମଲାର ତଦନ୍ତ କରୁଛି । କିନ୍ତୁ ଘଟଣାକୁ ଦଶ ବର୍ଷ ବିତି ଯାଇଥିଲେ ମଧ୍ୟ ଏନ୍‌ଆଇଏ ଜଣକୁ ବି ଗିରଫ କରିପାରି ନାହିଁ ।

## ଘୃଣା ହିଂସା ରୋକିବାକୁ ୨୮ ରାଜ୍ୟରେ ନୋଡାଲ ଅଧିକାରୀ ନିଯୁକ୍ତ

**ନୂଆଦିଲ୍ଲୀ, ୨୧ା୧୧ (ଏଜେନ୍ସି):** ଘୃଣା ହିଂସା (ହେଟ୍ କ୍ରାଇମ) ମାମଲାକୁ ବନ୍ଦ ପାଇଁ ୨୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସୋମବାର ସୁପ୍ରିମକୋର୍ଟଙ୍କୁ ଏହି ସୂଚନା ଦିଆଯାଇଛି । ଘୃଣିତ ମନ୍ତବ୍ୟ ଏବଂ ଭିଡ଼ ହିଂସା (ମବ୍ ଲିଞ୍ଚିଂ)କୁ ବନ୍ଦ କରିବା ଆବେଦନ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ପ୍ରାଥମିକ ରିପୋର୍ଟ ଦାଖଲ କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟ ଅଗଷ୍ଟ ୨୫ରେ ଘୃଣା ହିଂସା ସମ୍ବନ୍ଧିତ ମାମଲାର ଶୁଣାଣି କରି ଜିଲ୍ଲାସ୍ତରରେ ନୋଡାଲ ଅଧିକାରୀ ନିଯୁକ୍ତି ଉପରେ ରିପୋର୍ଟ ମାଗି ଥିଲେ । କୋର୍ଟ ୨୦୧୮ ରେ ମବ୍ ଲିଞ୍ଚିଂ ବୃଦ୍ଧି ସମ୍ବନ୍ଧିତ ଘଟଣାକୁ ରୋକିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିମନ୍ତେ ମାର୍ଗଦର୍ଶିକା ଜାରି କରିଥିଲେ । ଏଥିରେ ଘୃଣା ହିଂସାର ଏତଲା ରୁଜୁ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### ସରକାରଙ୍କୁ ବରୁଣ ଗାନ୍ଧୀଙ୍କ ସମାଲୋଚନା

## ନିଯୁକ୍ତି ବଦଳରେ ମିଳୁଛି ଅଟା, ଡାଲି

**ପିଲଭିତ, ୨୧ା୧୧ (ଏଜେନ୍ସି):**

ପିଲଭିତର ବିଜେପି ସାଂସଦ ବରୁଣ ଗାନ୍ଧୀ ବେକାରୀ ପ୍ରସଙ୍ଗକୁ ନେଇ ନିଜ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି । ଚାକିରି ବଦଳରେ ଅଟା,ଡାଲି ଏବଂ ଚଣା ଦିଆଯାଉଛି ବୋଲି କହିଛନ୍ତି । ଏବେ ଚୁକ୍ତି ଭିତ୍ତିରେ ୯୦ ପ୍ରତିଶତ ନିଯୁକ୍ତି ଦିଆଯାଉଛି । ଅର୍ଥାତ୍ ମନଇଚ୍ଛା ନିଯୁକ୍ତି କରି ବାହାର କରୁଛନ୍ତି । ବର୍ତ୍ତମାନ କୋଟିଏ ସରକାରୀ ପଦବୀ ଖାଲି ରହିଛି । କାରଣ ସରକାର ଟଙ୍କା ବଞ୍ଚାଇବାକୁ ଚାହୁଁଛନ୍ତି । ବ୍ୟବସାୟ କରିବା ସରକାରଙ୍କ କାମ ନୁହେଁ । ନିଜ ଗୋଡ଼ରେ ଛିଡା ହେବା ପାଇଁ ଦୁର୍ବଳ ଲୋକଙ୍କୁ ସହାୟତା କରିବା ସରକରଙ୍କ କାମ । ସରକାର ନୂଆ ନିଯୁକ୍ତି କଥା କହୁଛନ୍ତି, କିନ୍ତୁ କୋଟିଏ ପଦବୀର କ'ଣ ହେବ କହୁନାହାନ୍ତି । ପ୍ରକୃତରେ ଯେଉଁ ନିଯୁକ୍ତ ନ ଦେଲେ ଯେଉଁ ଅର୍ଥ ସଞ୍ଚୟ ହେବ, ସେଥିରେ ଅଟା,ଡାଲି ଏବଂ ଚଣା ବଣ୍ଟାଯିବ ।



**ୟୁପିରେ ୧୮ ଲକ୍ଷ ଲୋକଙ୍କୁ ଚାକିରିରୁ ହଟାଯାଇଛି**

**୭ ବର୍ଷରେ ମାତ୍ର ୭ ଲକ୍ଷଙ୍କୁ ଚାକିରି ଦିଆଯାଇଛି**

**କୋଟିଏ ସରକାରୀ ପଦବୀ ଖାଲି ରହିଛି**

ନିଜ ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବରୁଣ କହିଛନ୍ତି ଯେ ଘରୋଇକରଣ ଯୋଗୁଁ ଗତ ୫ ବର୍ଷରେ ୧୮ ଲକ୍ଷ ଲୋକଙ୍କୁ ଚାକିରିରୁ ହଟା ଯାଇଛି । ପୂର୍ବରୁ ୟୁପି ବେକାରୀ ସମସ୍ୟା ରହିଥିଲା । ଏବେ ଏଥିରେ ଆଉ ୧୮ ଲକ୍ଷ ବୃଦ୍ଧି ପାଇଛି । ପୂର୍ବରୁ ସାଧାରଣ ଲୋକଙ୍କୁ ସହଜରେ ସରକାରୀ ଚାକିରି ମିଳି ଯାଉଥିଲା । କିନ୍ତୁ ଘରୋଇକରଣ ହେବା ଯୋଗୁଁ ଚାକିରି ବିଷୟରେ ଭାବିବା କଠିନ ହୋଇଯାଇଛି । ଏଥିଯୋଗୁଁ ଭାରତ ୨ ଭାଗରେ ବିଭକ୍ତ ହୋଇଯାଇଛି । ଗୋଟିଏ ଭାରତରେ ଲୋକ ସହଜରେ ରହୁଛନ୍ତି । ଅନ୍ୟଟିରେ ଭାରତର ଚୁଲି ମନ୍ଥର ଗତିରେ ଚାଲିଛି । ଗତ ୭ ବର୍ଷରେ ସରକାରୀ ଚାକିରି ପାଇଁ ୨୮ କୋଟି ଲୋକ ପରୀକ୍ଷା ଦେଇଛନ୍ତି । କିନ୍ତୁ ମାତ୍ର ୭ ଲକ୍ଷ ଲୋକଙ୍କୁ ଚାକିରି ମିଳିଛି । ପ୍ରତ୍ୟେକ ବର୍ଷ ୧୫ ଲକ୍ଷ ଇଞ୍ଜିନିୟର ବାହାରୁଛନ୍ତି । ତେବେ ଏଥିରୁ ମାତ୍ର ୧୫ ପ୍ରତିଶତଙ୍କୁ ଚାକିରି ମିଳୁଛି । ଗୋଟେ ଗାଁରେ ଚାଷୀ ଋଣ ନେଇ ନିଜ ପୁଅକୁ ପଢାଉଛି । କିନ୍ତୁ ଚାକିରି ନ ମିଳିବାରୁ ସେହି ଚାଷୀର ଅବସ୍ଥା କ'ଣ ହେଉଥିବ ତାହା ଚିନ୍ତା କରିବାକୁ କହିଛନ୍ତି । ବର୍ତ୍ତମାନ ସମୟରେ ଋଣ ନେଇ ପାଠ ପଢ଼ାଇବା ସହଜ ନୁହେଁ ।

ପିଲିଭିତ ସାଂସଦ ଅଗ୍ନିବୀର ଯୋଜନାକୁ ମଧ୍ୟ ସମାଲୋଚନା କରିଛନ୍ତି । ଜଣେ ଅଧିକାରୀ କିମ୍ବା ସେନାର ଯୋଦ୍ଧା ବନିବା ପାଇଁ ପିଲା କଠୋର ପରିଶ୍ରମ କରୁଛନ୍ତି । କିନ୍ତୁ ପାଞ୍ଚ ବର୍ଷରେ ଅଗ୍ନିବୀରଙ୍କୁ ବାହାର କରିଦିଆଯିବ । ଘରକୁ ଫେରିବା ପରେ କାମ ନ ମିଳିଲେ ସେ କ'ଣ କରିବ । ଏହା କ'ଣ ସେନାର ଅପମାନ ନୁହେଁ କି?

## ପୁରୁଣା ପେନ୍‌ସନ ସ୍କିମ୍ ପାଇଁ ବିକ୍ଷୋଭ

ତୁରେକେଲା, ୨୧।୧୧(ସମିସ): ପୁରୁଣା ପେନସନ ସ୍କିମ୍ ଲାଗୁ କରିବା ପାଇଁ ଚାଲିଥିବା ଆନ୍ଦୋଳନରେ କଣ୍ଟାବାଞ୍ଜି ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ କଣ୍ଟାବାଞ୍ଜି ଶାଖା ଏହି ଆନ୍ଦୋଳନରେ ସାମିଲ ହୋଇଛି। ଏହି ଆନ୍ଦୋଳନ ୨୦ ଏବଂ ୨୧ ନଭେମ୍ବର ୨ ଦିନ ଧରି ଚାଲିବ। ନେସନାଲ ପେନସନ ସ୍କିମକୁ ହଟାଇ ପୁରୁଣା ପେନସନ ସ୍କିମ ବ୍ୟବସ୍ଥା ପୁଣି ଲାଗୁ କରାଯାଉ ବୋଲି ଏହି ଆନ୍ଦୋଳନ କରାଯାଉଥିବା କଣ୍ଟାବାଞ୍ଜି ଶାଖା ସମ୍ପାଦକ ଏନ୍ ସୁଧାକର ରାଓ କହିଛନ୍ତି। ଏହି ଆନ୍ଦୋଳନରେ ସଭାପତି କେ ଏନ୍ ରାଓ, ସନ୍ତୋଷ ଭୁତେକ୍, ପ୍ରିନ୍ସ ଭାଟି ସହ ଅନେକ ରେଳବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ପଶ୍ଚିମ ଓଡ଼ିଶା ସେବା ସଂଘର ଦାବି

ବଲାଙ୍ଗିର, ୨୧।୧୧(ସମିସ): ବିଭିନ୍ନ ୮ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦ୍ୱାରସ୍ଥ ହୋଇଛି ଭେଟିଛି ପଶ୍ଚିମ ଓଡ଼ିଶା ସେବା ସଂଘ। ସଂଘର ସଭାପତି ରାଜେଶ ବଗର୍ତ୍ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦେଓଗାଁରେ ବନ୍ଦ ପଡ଼ିଥିବା ଚିନି କଳକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ବଲାଙ୍ଗିର ଜିଲ୍ଲା ସମସ୍ତ ଗ୍ରାମପଞ୍ଚାୟତର ଭୂମିହୀନଙ୍କୁ ପଟ୍ଟା ଦେବା, ଧାନ କିଣା ବେଳେ କଟନୀ ଛଟନୀ ବନ୍ଦ କରାଯାଉ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଯେତେ କୃଷକ ପଟ୍ଟାରେ ଜାଲିଆତି ହୋଇଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି।

## ଜବରଦଖଲ ଉଚ୍ଛେଦ ଆଉ କେବେ

ତୁଷୁରା, ୨୧।୧୧ (ସମିସ): ତୁଷୁରା ସହର ଗୋଟିଏ ଜନଗହଳି ସହର। ସହର ଭିତର ରାସ୍ତାଗୁଡିକ ଅଓସାରିଆ ହୋଇଥିବାରୁ ଟ୍ରାଫିକ ସମସ୍ୟା ସବୁବେଳେ ଲାଗି ରହିଥାଏ। ଅନେକଥର ତୁଷୁରା ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବା ପାଇଁ ସହରସାରା ଛକି ଚିହ୍ନ ଦେଇ ଜବରଦଖଲକୁ ଅକ୍ତିଆର କରିବାକୁ ଭୁଲି ଯାଉଛି। ଛକି ଚିହ୍ନ ଦେବା ସମୟରେ ମଧ୍ୟ ପାଗର ଅନ୍ତର କରୁଛି ଯାହାର ଜଳନ୍ତ ଉଦାହରଣ ପୁରୁଣା ଛକି ଚିହ୍ନ ଓ ନୂତନ ଛକି ଚିହ୍ନରୁ ବାରି ହୋଇଥାଏ। ଟ୍ରାଫିକ ଜାମ ପାଇଁ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ସହର ଜବରଦଖଲକୁ ଭୁଲି ଆଶ୍ଚର୍ଯ୍ୟ ଭାବେ ପ୍ରଶାସନ ଗାଁ ଗୁଡ଼ିକୁ ଯାଇ ଜବରଦଖଲ ନାଁରେ ଗରିବ ଲୋକଙ୍କ ଘର ଦ୍ୱାର ଭାଙ୍ଗି ବାହାବା ପଣିଆ ନେଉଛି। ସହର ଭିତର ଜବରଦଖଲ ଉଚ୍ଛେଦ କରିବାକୁ ଦୀର୍ଘ ଦିନର ଦାବିକୁ ଅଣଦେଖା କରାଯାଉଛି। ତୁରନ୍ତ ତୁଷୁରା ସହରରେ ଥିବା ଜବରଦଖଲଗୁଡ଼ିକ ଉଚ୍ଛେଦ କରି ରାସ୍ତା ଓସାରିଆ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟିଲା ସାମ୍ବାଦିକ ସଂଘ

ନର୍ଲା, ୨୧।୧୧(ସମିସ): ମଙ୍ଗଳବାର ଅପରାହ୍ନରେ ନର୍ଲା ସାମ୍ବାଦିକ ସଂଘର ସଭାପତି ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳ କଳାହାଣ୍ଡି ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ନର୍ଲା ଅଞ୍ଚଳର ଛତିକୁଡ଼ା ନର୍ଲା ରୁ ମ-ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଅହେତୁକ ବିଳମ୍ବ ଏବଂ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅବଗତ କରାଇଛନ୍ତି। ଅପର ପକ୍ଷରେ ଏହି ବିଷୟଟିକୁ ଜିଲ୍ଲାପାଳ ଗୁରୁତ୍ୱ ସହ ଏହାର ତଦନ୍ତ କରାଯାଇ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ କରିଛନ୍ତି।

## ଡିସେମ୍ବର ପାଇଁ ଯୁଗ୍ମ ଜନଅଭିଯୋଗ ଓ ପଞ୍ଚାୟତ ଲୋକସେବା ଶିବିର

ବଲାଙ୍ଗିର, ୨୧।୧୧(ସସିସ): ଡିସେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଓ ପଞ୍ଚାୟତ ଲୋକସେବା ଶିବିର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଡିସେମ୍ବର ୪ ତାରିଖ ସୋମବାର ସକାଳ ୧୦.୩୦ରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପୁରୁଣା ସମ୍ମିଳନୀ କକ୍ଷ, ଡିସେମ୍ବର ୧୧ ତାରିଖ ସୋମବାର ସକାଳ ୧୦.୩୦ରେ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ୧୮ ତାରିଖ ସୋମବାର ୧୦.୩୦ ରେ ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟ ଏବଂ ୨୬ ତାରିଖ ସୋମବାର ୧୦.୩୦ରେ ପାଟଣାଗଡ ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହେବ। ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଏହି ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ନିଜ ନିଜର ଅଭିଯୋଗ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଜରାସିଂହାରେ ନୂତନ ସାଇସେବା ସମିତି ଉଦ୍‌ଘାଟିତ

ଦେଓଗାଁ ୨୧।୧୧ (ସମିସ): ଦେଓଗାଁ ବ୍ଲକ ଜରାସିଂହାଠାରେ ସତ୍ୟସାଇ ସେବା ସଂଗଠନ ତରଫରୁ ନୂତନ ସାଇସେବା ସମିତି ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ସଂଯୋଜକ ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଲ, ମୁଖ୍ୟବକ୍ତା ଭାବେ ସାଇସେବା ସଂଗଠନର ଜିଲ୍ଲା ସଭାପତି ମନୋଜ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ଡ. ରସରାଜ ଠାକୁର ଏହାକୁ ଉଦଘାଟନ କରିଥିଲେ। ଏ ପରିପେକ୍ଷୀରେ ଜିଲ୍ଲାସ୍ତରୀୟ ଆନନ୍ଦ ମହୋତ୍ସବ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାଇସେବା ସଂଗଠନର ତୁଷୁରା ସମିତି ଆବାହକ ପ୍ରଦୀପ୍ତ କିଶୋର ସାହୁ ଧନ୍ୟବାଦ ଦେଇଥିଲେ। ସାଇସେବା ସମିତିର ସମସ୍ତ ସଭ୍ୟ ସହଯୋଗ କରିଥଲେ।

## ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୨୧।୧୧(ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛତାପିପଲରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନଶିକ୍ଷକ କୃଷ୍ଣଚନ୍ଦ୍ର ନାଏକ ଭାରତ ସରକାରଙ୍କ ବିଜ୍ଞାନ ପ୍ରଯୁକ୍ତି ଓ ଯୋଗାଯୋଗ ବିଭାଗ ଦ୍ୱାରା ପରିଚାଳିତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିବାରୁ ତାଙ୍କୁ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ନାଏକଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ୧୨ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ, ୩ ଜଣ କଲିକତାରେ ଅନୁଷ୍ଠିତ ପୂର୍ବ ଭାରତୀୟ ବିଜ୍ଞାନ ମେଳା ଓ ୨ ଜଣ ଛାତ୍ର ଭୋପାଳ ଓ ଗାନ୍ଧୀନଗରରେ ଅନୁଷ୍ଠିତ ସର୍ବଭାରତୀୟ ବିଜ୍ଞାନମେଳାରେ ଯୋଗଦାନ କରିପାରିଛନ୍ତି। କେବଳ ନିଜ ବିଦ୍ୟାଳୟ ନୁହେଁ ତାଙ୍କ ତତ୍ତ୍ୱାବଧାନରେ ମଲମୁଣ୍ଡା ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ବଲାଙ୍ଗିରର ଛାତ୍ରଛାତ୍ରୀ ମଧ୍ୟ ସଫଳତା ହାସଲ କରିଛନ୍ତି। ସେ ବର୍ତ୍ତମାନ ପୁଇଁତଲା ବ୍ଲକ ବିଜ୍ଞାନ ସଂଯୋଜକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ସଫଳତା ପାଇଁ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ସୁନା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାଜେଶ ମିଶ୍ର, ଜିଲ୍ଲା ସଂଯୋଜକ ଆନନ୍ଦ ବଡପଣ୍ଡା, ପ୍ରଧାନ ଶିକ୍ଷକ ଭାଗୀରଥି ବାଗ, ଶିକ୍ଷକ ଗୋବିନ୍ଦ ପଟେଲ, ଗୋବିନ୍ଦ ଥାଟି ଓ ଅନ୍ୟ ଶିକ୍ଷକ, ଅଭିଭାବକ ତଥା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

### ମାଠିଆ ପଦର ଗାଁରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

# ସମ୍ପୂର୍ଣ୍ଣ ବୁଡ଼ି ଘୋଷଣା ଦାବି ଆଶା ଉଜ୍ଜୀବିତ

**ନୂଆପଡ଼ା, ୨୧।୧୧(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଗ୍ରାମପଞ୍ଚାୟତର ମାଠିଆ ପଦର ଗାଁକୁ ସମ୍ପୂର୍ଣ୍ଣ ବୁଡି ଘୋଷଣା ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବାବେଳେ ପ୍ରଶାସନର ପ୍ରତିଶ୍ରୁତିପରେ ଓହରିଯାଇଥିଲେ। ତେବେ ସେହି ପ୍ରତିଶ୍ରୁତି ମୁତାବକ ମଙ୍ଗଳବାର ଜିଲ୍ଲାପ୍ରଶାସନର ଏକ ଟିମ ଗାଁକୁ ଯାଇ ଲୋକଙ୍କ ସ୍ଥିତି ବୁଲି ଦେଖିଛନ୍ତି। ଏହି ଉପସ୍ଥିତି ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।

ପ୍ରକାଶ ଯେ, ଖଡିଆଳ ଏବଂ କୋମନା ବ୍ଲକ ମଧ୍ୟ ଭାଗରେ ନିର୍ମିତ ହୋଇଥିବା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ମୋଟ ୩୧ଟି ଗାଁ ଆଂଶିକ ତଥା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ହେଲେ ଏହି ଡ୍ୟାମ ପାଣିରେ ରଜନା ଗ୍ରାମ ପଞ୍ଚାୟତର ମାଠିଆ ପଦର, ପେଣ୍ଡ୍ରାବନ୍ଧ ଗ୍ରାମପଞ୍ଚାୟତ ସଦର ଗାଁ ଭଳି ବହୁ ଗ୍ରାମବାସୀ ପ୍ରଭାବିତ ହୋଇ ରହିଛନ୍ତି। ଏମାନଙ୍କ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଦାବି କରିଆସିଥିଲେ ମଧ୍ୟ ଦଲାଲମାନେ ପ୍ରଶାସନକୁ ଭ୍ରମିତ କରୁଥିବାରୁ ଲୋକେ ସୁବିଧା ପାଇବାରୁ ବନଚିତ ରହୁଥିବା କୁହାଯାଉଛି। ଶେଷରେ



ମାଠିଆ ପଦର ଗ୍ରାମବାସୀମାନେ ଗତ ୧୯ତାରିଖଠାରୁ ଦୁଇ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ଜିଲ୍ଲାପ୍ରଶାସନ ତରଫରୁ ନଭେମ୍ବର ୨୧ତାରିଖ ଦିନ ଗାଁରେ ପ୍ରଶାସନିକ ଟିମ ଯାଇ ତଦନ୍ତକରିବବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ଅନୁସାରେ ଆଜି ଉପଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତାଙ୍କ ନେତୃତ୍ୱରେ ଏକ ଟିମ ଗାଁରେ ଯାଇପହଞ୍ଚିଥିଲା। ଏଥିରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାଲୋ ମାଝୀ, ନିର୍ବାହୀ ଯନ୍ତ୍ରୀ ସରୋଜ ସାହୁ, ସହକାରୀ ଯନ୍ତ୍ରୀ ଝୁନିଲାଲ ଲୋହାର, ଗରିବ ସେନା ତରଫରୁ ରବୀନ୍ଦ୍ର ମଙ୍ଗରାଜ ପ୍ରମୁଖ ଯାଇଥିଲେ। ଗ୍ରାମବାସୀଙ୍କୁ ଭେଟି ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଗାଁର ଭୌଗୋଳିକ ସ୍ଥିତି, ପାଣି କେତେଦୂର ପର୍ଯ୍ୟନ୍ତ ପ୍ରଭାବିତ କରୁଛି ତାହା ଦେଖିଥିଲେ। ଏହାକୁ ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହ ଟେକନିକାଲ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେଇ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ଡ୍ୟାମରେ ପାଣି ଭର୍ତି କରି ଲୋକଙ୍କୁ ଜଳ ସେଚନର ସୁବିଧା ଯୋଗାଇଦେବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କଲାବେଳକୁ ଏପଟେ ଡ୍ୟାମର ସର୍ଭେକର୍ତାମାନଙ୍କ ଭୁଲ ନିଷ୍ପତି ଯୋଗୁଁ ଗୋଟିକ ପରେ ଗୋଟିଏ ଗାଁର ଲୋକଙ୍କ ଚରମ ସୀମାକୁ ଛୁଉଁଥିବା ଦୃଶ୍ୟମାନ ହେଉଛି। ବେଳହୁଁ ଏସବୁ ଉପରେ ସମାଧାନ ନକଲେ ଆଗାମୀ ଦିନରେ ଲୋକଙ୍କ ସମସ୍ୟା ଗୁରୁତର ହେବ ଏଥିରେ କୌଣସି ସନ୍ଦେହ ନାହିଁ।

## ଖଡ଼ିଆଳ ଗଜଲକ୍ଷ୍ମୀ ପୂଜା କମିଟିର ବନ୍ଧୁମିଳନ

**ଖଡ଼ିଆଳ, ୨୧।୧୧(ସମିସ) :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପୁତୁପଡ଼ା ଖେଳ ପଡ଼ିଆ ଠାରେ ଲକ୍ଷ୍ମୀପୂଜା କମିଟି ର ଏକ ବନ୍ଧୁମିକାନ କାର୍ଯ୍ୟକ୍ରମ ରବିବାର ଆନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇ ଥିଲେ। ଏଥିରେ ଚଳିତ ବର୍ଷ ପୂଜା କାର୍ଯ୍ୟକ୍ରମର ବିସ୍ତୃତ ଭାବେ ଆଲୋଚନା କରିବା ସହ ଆଗାମୀ ବର୍ଷ ପାଉଁ ମାଁ ଗଜଲକ୍ଷ୍ମୀଙ୍କ ପୂଜା କୁ କିପରି ଆହୁରି ଆଡମ୍ବରପୂର୍ଣ୍ଣ କରାଯାଇ ପାରିବ ସେ ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଆଶୁତୋଷ ଯୋଶୀ, ଆଶିଷ ମୁଣ୍ଡ, ପ୍ରଦୀପ ମହାନା, ବିଦ୍ୟୁତ ପ୍ରକାଶ ମୁଣ୍ଡ, ଅରବିନ୍ଦ ଯୋଶୀ, ସୁନୀଲ କୁମାର ନାଗ, ଦୁର୍ବା ରଞ୍ଜନ ଖମାରି, ଶ୍ରଦକର ଠେଲା, ମଣ୍ଟୁ ଠାକୁର, ନିର୍ମଳ ଦଣ୍ଡସେନା, ଗଜିନ ଭୋଇ, ହରେକୃଷ୍ଣ ପାଣିଗ୍ରହୀ, ବିଟୁ ବୈଠରୁ, ସମ୍ପଦ ପଣ୍ଡା, ନିରଞ୍ଜନ ମହାଉତି, ନରେନ୍ଦ୍ର ଶବର, ମନଦଣ୍ଡସେନା, ବିଶି ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଲଣ୍ଡାପଥର ଅସୁରମରାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**ଦେଓଗାଁ, ୨୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଲଣ୍ଡାପଥରରୁ ଝିଙ୍କେରମାଲ ଯିବା ରାସ୍ତାରେ ଥିବା ଅସୁରମରାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଉନ୍ନତିକରଣ କରିବାପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଅସୁରମରାକୁ ଶୀତଋତୁରେ ବହୁ ଲୋକ ପରିଦର୍ଶନରେ ଯାଆନ୍ତି। ପଥରର ଅସୁର, ବୁଢା ସାପ, ଭୀମଙ୍କ ପାଦଚିହ୍ନ, ଭୀମ ମଡୋ, ଅସୁରର ଘନା ହାଣ୍ଡି, ଲେଖା ପଥର ଓ ପୂର୍ବକାଳରେ ରହୁଥିବା ବାବାଙ୍କ ମଠ ଏଭଳି ଅନେକ ପଥରର ସୁନ୍ଦର ପ୍ରକୃତି ରହିଛି। ଦୁଇ ଏକର ପରିମିତ ଚଟାଣ ପାହାଡ଼ ରହିଥିବାବେଳେ ସେଠାରେ ଏକ ସୁନ୍ଦର ୧୦ ଏକର ପରିମିତ ଅସୁରମରା ବନ୍ଧ ରହିଛି। ଏହି ସ୍ଥାନକୁ ବଲାଙ୍ଗିର ଜଙ୍ଗଲ ବିଭାଗ ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ବିଭାଗର ଏସିଏଫ ଜିତେନ୍ଦ୍ର ସାହୁ, ସଇଁନ୍ତଲା ରେଞ୍ଜର ସଂଘମିତ୍ରା



ଭୋଇ ଓ ଘନଶ୍ୟାମ ମହନ୍ତ, ସ୍ଥାନୀୟ ଫରେଷ୍ଟର ସୁଶୀଲ ପୁଟା ପରିଦର୍ଶନରେ ଯାଇଥିଲେ। ସ୍ଥାନୀୟ ସରପଞ୍ଚ ଦେବାନ୍ତି କ୍ଷେତି ଏହାର ଉନ୍ନତିକରଣ ଓ ବିକାଶ ଦିଗରେ ଜଙ୍ଗଲ ବିଭାଗ ପଦକ୍ଷେପ ନେବା ଓ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଗରେ ବିଭାଗୀୟ ସ୍ତରରେ ଉଦ୍ୟମ କରିବାପାଇଁ ଏକ ଦାବିପତ୍ର ଏସିଏଫଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଓ ବଲାଙ୍ଗିର ଜିଲ୍ଲାପାଳ ସମେତ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି।

### ସୋନଗଡ଼ ଅନୁଦାନକୁ ନେଇ ସାମ୍ବାଦିକ ସମ୍ମିଳନୀ

## ସିକୁଆଁ ବ୍ୟାରେଜ ମଞ୍ଜୁର ପରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

**ଦେଓଗାଁ, ୨୧।୧୧(ସମିସ):** ଦୀର୍ଘ ଦୁଇ ଦଶନ୍ଧିର ଦାବି ସୋନଗଡ଼ ବ୍ୟାରେଜ ବା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ ରାଜ୍ୟ ସରକାରଙ୍କ ଦ୍ୱାରା ୪୯ କୋଟି ଟଙ୍କାରେ ମଞ୍ଜୁରୀ ମିଳିଛି। ଏନେଇ ମଙ୍ଗଳବାର ସୋନଗଡ଼ ନଦୀ ଖଣ୍ଡିରେ ବରିଷ୍ଠ ବିଜେଡି ନେତା ତଥା ସୋନଗଡ଼ ସିକୁଆଁ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଲକ୍ଷ୍ମଣ ମେହେରଙ୍କ ନେତୃତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କମିଟିର ସମ୍ପାଦକ ପବିତ୍ର ପଧାନ, ସଦସ୍ୟ ପ୍ରମୋଦ ବହିଦାର, ସଞ୍ଜୀବ ପଧାନ, ସୁଶାନ୍ତ ସାହୁ, ଟିଟୁ ପଧାନ ସମେତ ଦେଓଗାଁ ଓ ବଲାଙ୍ଗିର ବ୍ଲକର ଚାଷୀମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ୫-ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦେଓଗାଁ, ଗୁଡଭେଲା, ବଲାଙ୍ଗିର ବ୍ଲକର ୨୬ଟି ଗାଁର ଚାଷୀଙ୍କ ୨୧୨୧ ହେକ୍ଟର ଚାଷ ଜମି ଜଳସେଚିତ ହେବ ବୋଲି ଶ୍ରୀ ମେହେର ସୂଚନା ଦେଇଥିଲେ। ୫୬ କୋଟି ବ୍ୟୟ ଅଟକଳରେ ବୃହତ ଉଠାମେଗା ଜଳସେଚନ ପ୍ରକଳ୍ପ ପାଇଁ ଚାଷୀମାନେ ଦାବି କରିଆସୁଥିବାବେଳେ ତାହା ମଧ୍ୟ ସରକାରୀ ସ୍ତରରେ ସବୁଜ ସଙ୍କେତ ମିଳିସାରିଛି ବୋଲି ସୂଚନା ଦେଇଥିଲେ। ସୋନଗଡ଼ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ଶୈଳେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**କଣ୍ଟାବାଞ୍ଜି, ୨୧।୧୧(ସମିସ):** କଣ୍ଟାବାଞ୍ଜି ବାଳିକା ଉଚ୍ଚ ବିଦ୍ୟାଳୟରେ ତୁରେକେଲା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକର ପ୍ରାଥମିକ ସ୍ତରରୁ ୬୦ଟି ଓ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରର ୧୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତୁରେକେଲା ବ୍ଲକ ଶିକ୍ଷାଧିକାରୀ ଜୟନ୍ତ ପ୍ରଧାନ ବିଜ୍ଞାନ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଫକୀର ଚରଣ ବିଶି, ବିଜ୍ଞାନ ଆବାହକ ନିହାରିକା ନାଗ, ଆଂଚଳିକ ସାଧନ କେନ୍ଦ୍ର କର୍ମୀ ଦିନେଶ ମହାନନ୍ଦ, ପ୍ରଧାନଶିକ୍ଷକ ବିଭୂଦତ ସାହୁ, ବିଜ୍ଞାନ ସଂଯୋଜକ ଆଶିଷ ମିଶ୍ର, ପ୍ରଧାନଶିକ୍ଷକ ଅଶୋକ ତରିଆ ଉପସ୍ଥିତ ଥିଲେ। ଶିକ୍ଷକ ସୁଧୀର ସଗରିଆ ଓ ଶିକ୍ଷୟିତ୍ରୀ ରିନା ମେହେର ମଞ୍ଚ ପରିଚାଳନା କରିଥିଲେ। ଅରୁଣ ମହାପାତ୍ର ଓ କୁଳମଣି ପାଢ଼ୀ ବିଚାରକ ଥିଲେ। ୨ୟ ଅଧିବେଶନରେ କଣ୍ଟାବାଞ୍ଜି ନଗରପାଳ ବରୀୟମ୍ ସିଂ ସାଲୁଜା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଶିଶୁ ବିଶେଷଜ୍ଞ ଡ. ଜ୍ୟୋତିପ୍ରକାଶ ରାମ, ସମ୍ମାନିତ ଅତିଥି ରୂପେ ୱାର୍ଡସଭ୍ୟ ମନିଷ ଅଗ୍ରୱାଲ, ନିରୀକ୍ଷକ ରାମଗୋପାଲ ଖମାରୀ ମଞ୍ଚାସୀନ ଥିଲେ। ନିରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ତରଭା, ୨୧।୧୧ (ସମିସ) :** ତରଭା ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜାମକାନୀଠାରେ ତରଭା ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତରଭା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର




ରମେଶ ପତ୍ରୀ, ସମ୍ମାନୀତ ଅତିଥିରୂପେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ରଥ, ଏ.ବି.ଇ.ଓ. ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଆଦର୍ଶ ବିଦ୍ୟାଳୟ ଜାମକାନୀର ଅଧକ୍ଷ ପଞ୍ଚାନନ ପଧାନ ଯୋଗଦାନ କରିଥିଲେ।ଶିକ୍ଷକ ଉଦୟ ନାଗ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜ୍ଞାନ ଶିକ୍ଷକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରୋବେଷଣ କରିଥିବାବେଳେ ଆଦର୍ଶ ବିଦ୍ୟାଳୟ, ଜାମକାନୀର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଚଳିତ ବର୍ଷର ବିଜ୍ଞାନ ମେଳାର ଥିମ୍ ଥିଲା ସମାଜ ପାଇଁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ।ସ୍ୱାସ୍ଥ୍ୟ, ପରିବେଶ ପାଇଁ ଜୀବନଶୈଳୀ, କୃଷି, ଯୋଗାଯୋଗ ଓ ପରିବହନ ତଥା ଗଣନ ସମ୍ବନ୍ଧୀୟ ବିଚାର ଆଦି ଉପବିଷୟବସ୍ତୁ ଉପରେ କନିଷ୍ଠ ବିଭାଗରେ ୮୬ଟି ଓ ବରିଷ୍ଠ ବିଭାଗରେ ୩୭ଟି ପ୍ରକଳ୍ପ ଏହିପରି ସର୍ବମୋଟ ୧୨୩ଟି ପ୍ରକଳ୍ପ ଆସିଥିଲା। ଏଥିରୁ ଉଭୟ ବିଭାଗରୁ ଶ୍ରେଷ୍ଠ ୮ଟି ଲେଖାଏଁ ସର୍ବମୋଟ ୧୬ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ଯିବାପାଇଁ ମନୋନୀତ ହୋଇଅଛି।ବିଚାରକରୂପେ କୁଶଲେଶ୍ୱର ଉଚ୍ଚ ବିଦ୍ୟାଳୟ, ଡୁଙ୍ଗୁରିପାଲିର ବିଜ୍ଞାନ ଶିକ୍ଷକ ଚକାନୟନ ମେହେର ଓ ପିପଲିପାଲି ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭୋଜରାଜ ମେହେର ଯୋଗଦାନ କରିଥିଲେ। ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିଲେ ଓ.ଏ.ଭି, ଜାମକାନୀର ଅଧକ୍ଷ ପଞ୍ଚାନନ ପଧାନ ଏବଂ ମୁଖ୍ୟ ଅତିଥିରୂପେ ଶିଶୁ ସାହିତ୍ୟିକ ଡ.ରମେଶ ପତ୍ରୀ।ସମ୍ମାନୀତ ଅତିଥିରୂପେ ତରଭା ଏ.ବି.ଇ.ଓ. ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ବ୍ଲକ ବିଜ୍ଞାନ ସୁପରଭାଇଜର ସୁରଜ କୁମାର ସେଠି ଓ ଶିକ୍ଷାବିତ ମୀନକେତନ ରଣା ପ୍ରମୁଖ ମଞ୍ଚାସିନ ରହି କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ଶିକ୍ଷକ ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀଗଣ, ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଗଣ ଓ ଓ.ଏ.ଭି ଜାମକାନୀର ଛାତ୍ରଛାତ୍ରୀମାନେ ବିଜ୍ଞାନ ସମ୍ବନ୍ଧୀୟ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଧ୍ରୁବଲ ପଧାନ, ଦିଲିପ ଦଣ୍ଡିଆ, ଡବଲୁ ସାହୁ, ରଶ୍ମୀରଞ୍ଜନ ଦାସ, ରୋହିତ ରଞ୍ଜନ ସାହୁ, ସୁନୟନା ମଲ୍ଲିକ, ଯୋଗେଶ ମାଝୀ, ଶରତ ସୁନା, ସୁରେଶ ଚନ୍ଦ୍ର ପାଣ୍ଡେ, ମନୋରଞ୍ଜନ ଚୌହାନ, ନିଳାଞ୍ଚଳ ଭୋଇ, ସୁରେଶ ଘିବେଲା, ପ୍ରହଲ୍ଲାଦ ଚୌହାନ, ସୁଶାନ୍ତ ମେହେର, ସୁବାସ ଚନ୍ଦ୍ର ପଧାନ, ନାରାୟଣ ବାଗ ପ୍ରମୁଖ ସହଯୋଗ କରିଥିଲେ।।ଶେଷରେ ଶିକ୍ଷକ ପ୍ରଜ୍ଞାମୟ ଦାସ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଟିଲାଗଡ଼ରୁ ଯୁବକଙ୍କ ଅଯୋଧ୍ୟା ପଦଯାତ୍ରା

**କୋମନା, ୨୧।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ର ୨ ଯୁବକ ପିଣ୍ଟୁ ଛତ୍ରିଆ(୨୨) ଓ ଶିବା ସୁନା(୨୬) ଉଭୟ ଆସନ୍ତା ୨୦୨୪ ଜାନୁଆରୀ ୨୨ ରେ ଅଯୋଧ୍ୟାରେ ଅନୁଷ୍ଠିତ ଶ୍ରୀରାମ ମହାପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମରେ ସେବା କରିବା ନିମନ୍ତେ ଗତ ୧୯ ରବିବାର ଦିନଠାରୁ ଟିଟିଲାଗଡ଼ରୁ ପଦଯାତ୍ରାରେ ବାହାରିଛନ୍ତି। ବଜରଙ୍ଗ ଦଳର ଏହି ଦୁଇ କାର୍ଯ୍ୟକର୍ତା ପଦଯାତ୍ରାରେ ବାହାରି ବିଭିନ୍ନ ସ୍ଥାନ ମାନଙ୍କରେ ମହାପ୍ରଭୁଙ୍କ ଗୁଣଗାନ କରିବା ସହ ମନ୍ଦିର ଦର୍ଶନ କରି ପଦଯାତ୍ରାରେ ଆଗକୁ ବଢୁଛନ୍ତି। ଏହି କ୍ରମରେ କୋମନା ସହରରେ ଉଭୟଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି।



# ବାସନ୍ଦ ପରିବାରକୁ ନ୍ୟାୟ ଦେବା ପାଇଁ ଗ୍ରାମରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

**ଡୁଙ୍ଗୁରିପାଲି, ୨୧।୧୧(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ହରିହର ନଗର ଗାଁର ବୃଷଭ ସାହୁଙ୍କ ପରିବାରବର୍ଗଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗତ ଅକ୍ଟୋବର ଆଠ ତାରିଖରୁ ବୃଷଭଙ୍କ ପରିବାରକୁ ଗାଁର ନିଆଁ, ପାଣି, ରାସ୍ତା ଘାଟ ସହିତ ଦୋକାନ ବଜାରରୁ ବି ବାସନ୍ଦ କରାଯାଇଛି। ଆଜି ବୃଷଭ ସପରିବାର ଜିଲ୍ଲାପାଳଙ୍କୁ ଦ୍ୱିତୀୟ ବାର ସାକ୍ଷାତ କରି ତାଙ୍କ ଦୁଃଖଦ କାହାଣୀ ଉପସ୍ଥାପନ କରିବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ଗତ ଅକ୍ଟୋବର ନଅ ତାରିଖରେ ବି ଡୁଂଗୁରିପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣୀ ଶିବିରରେ ଉଭୟ ଅଧିକାରୀଙ୍କୁ ଅନୁଗ୍ରହ ପୂର୍ବକ ଲିଖିତ ଅଭିଯୋଗ କରିଥିଲେ।ଜିଲ୍ଲାପାଳ ଅଧସ୍ତନ ରାଜସ୍ୱ ଅଧିକାରୀ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡୁଂଗୁରିପାଲି ଥାନା ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ବି ଦେଇଥିଲେ। ହେଲେ



ଘଟଣାର ସମାଧାନ ନ ହେବା ସହିତ ଗାଁ ଲୋକେ ଶତ୍ରୁତା ଆଚରଣ କରି ସାମାଜିକ ବାସନ୍ଦ ବଜାୟ ରଖିବାରୁ ଆଜି ପୁଣି ବୃଷଭ ଜିଲ୍ଲାପାଳଙ୍କ ଆଗରେ ନିଜ ଦାବି ଉପସ୍ଥାପନ କରିଛନ୍ତି।ଗାଁରେ ନିର୍ମାଣାଧିକ କଲ୍ୟାଣ ମଣ୍ଡପ ଜାଗାକୁ ନେଇ ଗାଁଲୋକଙ୍କ ସହିତ ବୃଷଭଙ୍କ ବିବାଦ ହୋଇଥିଲା।ବୃଷଭଙ୍କ ଅଭିଯୋଗ ଅନୁଯାୟୀ ନିଜ ପୈତୃକ ଚାରି ଡିସିମିଲ ଜମି କଲ୍ୟାଣ ମଣ୍ଡପ ପାଇଁ ଗାଁ ଲୋକେ ତଥା କଲ୍ୟାଣ ମଣ୍ଡପ ଠିକାଦାର ମାଡି ବସିବାକୁ ନେଇ ବିବାଦ ଦେଖା ଦେଇଥିଲା।ବୃଷଭ ନିଜ ଜମିରେ ଘର ତିଆରି କରିବା ପାଇଁ ଯୋଜନା କରିଥିବା ବେଳେ ଗାଁର ପ୍ରାୟ ୨୦ରୁ ଅଧିକ ଲୋକ ଜୋର ଜବରଦସ୍ତି ବୃଷଭଙ୍କ ଜାଗାରେ କଲ୍ୟାଣ ମଣ୍ଡପ ତିଆରି କରିବା ଆରମ୍ଭ କରିଛନ୍ତି।ବୃଷଭ ଏହି ବେଆଇନ କାର୍ଯ୍ୟକୁ ପ୍ରତିବାଦ କରିବାରୁ ଗାଁ ଲୋକେ ବୃଷଭଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିବା ଅଭିଯୋଗ ହୋଇଛି। ଏପରିକି ବୃଷଭଙ୍କ ପିଲାଛୁଆଙ୍କୁ ଗାଁରେ ଟିଉସନ ପଢ଼ାଇବା ଠାରୁ ଆରମ୍ଭ କରି ଗାଁ ଦୋକାନରୁ ଚକୋଲେଟ ବିସ୍କୁଟ ଆଦି କିଣିବା ପାଇଁ ମନା କରାଯାଇଥିବା ବୃଷଭ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।ବୃଷଭ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ପ୍ରତିବାଦରେ ଡୁଂଗୁରିପାଲି ଥାନାରେ ୨୨ ଜଣଙ୍କ ନାଁରେ ଲିଖିତ ଏତାଲା ଦାୟର କରିଛନ୍ତି। ସେହିପରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଭୂମୀ ବାରଣ ପାଇଁ ଦରଖାସ୍ତ କରିଛନ୍ତି।ତାଙ୍କ ପରିବାର ପ୍ରତି ହେଉଥିବା ଅମାନବୀୟ ବ୍ୟବହାର ପ୍ରତିବାଦରେ ଜିଲ୍ଲାପାଳ.ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ପୋଲିସ ଡିଜି, ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ ଘର ଉପରେ ଗାଁର କିଛି ଲୋକ ଢେଲା ପଥର ମାଡ କରିବା ସହିତ ଘର ଭାଂଗି ଦେଇଛନ୍ତି ଓ ଦିନ ଦ୍ୱିପ୍ରହରରେ ତାଙ୍କ ଘରୁ ଆସବାପତ୍ର ସହିତ ରୋଷେଇ ସାମଗ୍ରୀ ବି ଲୁଟ କରି ନେଇଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହି ସମ୍ବେଦନଶୀଳ ପ୍ରସଂଗକୁ ନେଇ ଅଧସ୍ତନ କର୍ମଚାରୀଙ୍କୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି। ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ତହସିଲଦାର, ବିଡିଓ ଓ ଡୁଙ୍ଗୁରିପାଲି ଥାନା ଅଧିକାରୀ ହରିହରନଗର ଗାଁ ରେ ପହଞ୍ଚିଥିଲେ। ଗ୍ରାମବାସୀ, ଜିଲ୍ଲା ପ୍ରଶାସନ ଏବଂ ପରିବାର ବର୍ଗ ଙ୍କ ସହିତ ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା।

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com



**ଆଜି ଆସିଥିଲେ...**

# ଶହୀଦ ଲକ୍ଷ୍ମଣ ନାୟକ



ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଥିଲେ ଶହୀଦ ଲକ୍ଷ୍ମଣ ନାୟକ। ସଂକଳ୍ପ ଓ ଦେଶପ୍ରେମର ସେ ଥିଲେ ଉଦ୍ଦାତ୍ତ ଉଚ୍ଚାରଣ। ମହାତ୍ମା ଗାନ୍ଧୀଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନରେ ଉଦ୍‌ବୁଦ୍ଧ ଲକ୍ଷ୍ମଣଙ୍କ ଆନ୍ଦୋଳନ ଇଂରେଜ ସରକାର ଓ ଜମିଦାରଙ୍କ ଶୋଷଣ ଏବଂ ଆଦିବାସୀମାନଙ୍କ ପ୍ରତି ଅନ୍ୟାୟ ବିରୋଧରେ ଉଦ୍ଦିଷ୍ଟ ଥିଲା। ନିସ୍ୱାର୍ଥ, ଦୃଢ଼ ମନୋବଳ ଓ ନିର୍ଭୀକ ଜନସେବା ଯୋଗୁଁ ସେ ଲୋକଙ୍କର ନିକଟତର ହୋଇ ପାରିଥିଲେ। ଆଦିବାସୀଙ୍କ ଉପରେ ହେଉଥିବା ଶୋଷଣ, ଅତ୍ୟାଚାରର ଅବସାନ ନିମନ୍ତେ ଜୀବନର ଶେଷ ପର୍ଯ୍ୟନ୍ତ ସେ ସ୍ୱର ଉତ୍ତୋଳନ କରିଥିଲେ।

ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ପଦଲାମ ନାୟକ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ହୋଇ ଜୟପୁରର ରାଜାଙ୍କ ଦ୍ୱାରା ତେନ୍ତୁଳିଗୁମ୍ମା ସମେତ ବେଜୁଣୀଗୁଡ଼ା, ଲେକିଗୁଡ଼ା ଓ ଅଁଳାଗୁଡ଼ାର ମୁସ୍ତାଦାର ଭାବେ କାମ କରୁଥିଲେ। ୧୯ ବର୍ଷ ବୟସରେ ଲକ୍ଷ୍ମଣ ନାୟକ ସାନଗୁମ୍ମାର ଘାସି ଭୂମିଆଙ୍କ କନ୍ୟା ମଙ୍ଗୁଳି ଭୂମିଆଙ୍କୁ ସେ ବିବାହ କରିଥିଲେ। ୧୯୨୧ ମସିହାରେ ମହାତ୍ମା ଗାନ୍ଧୀ ଯେତେବେଳେ ଅସହଯୋଗ ଆନ୍ଦୋଳନ ଡାକରା ଦେଇଥିଲେ, ସେତେବେଳେ ବଣଜଙ୍ଗଲରେ ଲୁଚିଛପି ସଶସ୍ତ୍ର ଆକ୍ରମଣ କରିବା ଫଳରେ ବହୁ ଇଂରେଜଙ୍କର ମୃତ୍ୟୁ ଘଟିଥିଲା। ୧୯୩୦ ମସିହାରେ ବାପାଙ୍କଠାରୁ ମୁସ୍ତାଦାର ଦାୟିତ୍ୱ ଗ୍ରହଣ କରନ୍ତି ଲକ୍ଷ୍ମଣ। ଆଦିବାସୀମାନେ କିପରି ଜମିଦାର, ସରକାରୀ କର୍ମଚାରୀ ଏବଂ ପୋଲିସର ଅତ୍ୟାଚାର ଓ ଶୋଷଣର ଶିକାର ହେଉଛନ୍ତି, ତାହା ମୁସ୍ତାଦାର ଭାବରେ ପ୍ରତ୍ୟକ୍ଷ ଅନୁଭବ କରନ୍ତି ଲକ୍ଷ୍ମଣ। ଏହାହିଁ ପ୍ରେରିତ କରେ ତାଙ୍କୁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ। ନିଜର ସ୍ୱାଧୀନ ମନୋବୃତ୍ତି ଓ ନ୍ୟାୟ ନିଷ୍ଠା ପାଇଁ ଶେଷରେ ମୁସ୍ତାଦାରୀ ହରାନ୍ତି ଲକ୍ଷ୍ମଣ। ଏହା ପରେ ଗତିପଥ ବଦଳି ଯାଏ, ଓଡ଼ିଆ ମାଟିର ଏହି ତେଜସ୍ୱୀ ବିପ୍ଳବୀଙ୍କ। ସେ ଚାହିଁଥିଲେ ଅନ୍ୟ ମୁସ୍ତାଦାରମାନଙ୍କ ଭଳି ନିଷ୍କର ଜମି ଭୋଗ କରି ଏବଂ ଲୋକଙ୍କୁ ଶୋଷଣ କରି ଆରାମରେ ଜୀବନ କଟାଇ ପାରିଥାନ୍ତେ । ଅଧିକନ୍ତୁ, ସ୍ୱାଧୀନଚେତା ଲକ୍ଷ୍ମଣ ନାଏକ ଆରମ୍ଭ କରିଥିଲେ ଇଂରେଜ ବିରୋଧୀ ଆନ୍ଦୋଳନ। ୧୯୩୬ ମସିହାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୩୭-୩୮ ମସିହାରେ ଜୟପୁର ନିକଟସ୍ଥ ନୂଆପୁଟରେ ଖୋଲିଥିବା ତାଲିମ ଶିବିରରେ ସେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଶୃଙ୍ଖଳିତ ଜୀବନଯାପନ ବିଷୟରେ ଶିକ୍ଷାଲାଭ କରିଥିଲେ । ସେ ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବାକୁ କହିବା ସହ ସରକାରଙ୍କୁ ଟିକସ ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା ତଥା ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନ ଧାରଣ କରିବା ନିମନ୍ତେ ପ୍ରଚାର କରୁଥିଲେ । ପ୍ରଥମେ ସେ ସାଧାରଣ କଂଗ୍ରେସ ସଭ୍ୟ ହୋଇଥିଲେ । ପରେ ତେନ୍ତୁଳିଗୁମ୍ମା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଓ ପରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଜଣେ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ । ପରେ ପରେ ସେ କଂଗ୍ରେସ ବାର୍ତ୍ତା ଏପରି ଭାବରେ ପ୍ରଚାର କରିଥିଲେ ଯେ, ତାଙ୍କୁ "ମାଲକାନଗିରି ଗାନ୍ଧୀ" ବୋଲି କୁହାଯାଉଥିଲା । ୧୯୪୨ ମସିହାରେ କଂଗ୍ରେସ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲା । ଲକ୍ଷ୍ମଣ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଦ୍ୱାରା ଲଢ଼େଇର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏକ ଜନ ଆନ୍ଦୋଳନରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ । ସେମାନଙ୍କର ଲକ୍ଷ୍ୟ ଥିଲା ଅହିଂସା ଆଚରଣ କରି ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା। ଏହି ଆନ୍ଦୋଳନର ଦମନ ନିମନ୍ତେ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲକ୍ଷ୍ମଣ ନାୟକଙ୍କୁ ସମସ୍ତଙ୍କ ଦ୍ୱାରା ଦେଖିଲା ପରି ସ୍ଥାନକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ । ମାତ୍ର ଏତାଦୃଶ ଅତ୍ୟାଚାର ପରେ ମଧ କର୍ମୀମାନେ ଆଗକୁ ବଢ଼ିଚାଲିବାରୁ ପୁଲିସ ସେମାନଙ୍କ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଥିଲା। ଯାହାର ଫଳସ୍ୱରୂପ ଅନେକ କର୍ମୀ ମୃତାହତ ହୋଇଥିଲେ । ଏ ଗୁଳିକାଣ୍ଡରେ ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା । ଆନ୍ଦୋଳନକୁ ଦମନ କରିବା ପରେ ପୁଲିସ ଲକ୍ଷ୍ମଣ ନାୟକଙ୍କ ଅଚେତ ଶରୀରକୁ ମୃତ ମନେକରି ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା । ଚେତା ଫେରିପାଇବା ପରେ ସେ ତେନ୍ତୁଳିଗୁମ୍ମାକୁ ଫେରି ଆସି ସଂଘର୍ଷ ଜାରି ରଖିଥିଲେ । ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖରେ ତେନ୍ତୁଳିଗୁମ୍ମାରୁ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଜି. ରାମୟାର ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ଲକ୍ଷ୍ମଣଙ୍କୁ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦିଆଯାଇଥିଲା ।

# ପ୍ରିୟଙ୍କାଙ୍କ ଗ୍ରୀନ୍ ସିଗ୍‌ନାଲ୍‌କୁ ଅପେକ୍ଷା



ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଫରହାନ୍ ଅଖତାର୍ ନିକଟରେ 'ଡନ୍' ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମ 'ଡନ୍-୩' ବିଷୟରେ ଘୋଷଣା କରିଛନ୍ତି। ଏହି ଫ୍ରାଞ୍ଚାଇଜ୍‌ର ଆରମ୍ଭ ୧୯୭୮ରେ ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନଙ୍କ ଫିଲ୍ମ 'ଡନ୍'ର ରିମେକ୍ 'ଡନ୍: ଦ ଚେଜ୍ ବିଗିନ୍ସ ଏଗେନ୍'ରୁ ହୋଇଥିଲା। ଏହି ଫ୍ରାଞ୍ଚାଇଜ୍‌ର ପ୍ରଥମ ଦୁଇଟି ଫିଲ୍ମ 'ଡନ୍: ଦ ଚେଜ୍ ବିଗିନ୍ସ ଏଗେନ୍'(୨୦୦୬) ଓ 'ଡନ୍-୨'(୨୦୧୧)ରେ ଶାହାରୁଖ୍ ଖାନ୍ ଲିଡ୍ ରୋଲରେ ନଜର ଆସିଥିଲେ। ଏଥିରେ ପ୍ରିୟଙ୍କା ଚୋପ୍ରା ରୋମା ଭଗତ ଭୂମିକାରେ ଦେଖାଯାଇଥିଲେ। ଯଦିଓ ଏବେ 'ଡନ୍-୩'ରେ ଡନ୍ ଭୂମିକାରେ ରଣବୀର ସିଂହ ନଜର ଆସିବେ, କିନ୍ତୁ ରୋମା ଭୂମିକାରେ ପୁଣି ଥରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ। ଏବେ ପ୍ରିୟଙ୍କା ଅନେକ ହଲିଉଡ୍ ପ୍ରୋଜେକ୍ଟରେ କାମ କରୁଛନ୍ତି। ତେବେ 'ଡନ୍'ର ନିର୍ମାତା ପ୍ରିୟଙ୍କାଙ୍କୁ ଯୋଗାଯୋଗ କରିବାରୁ ସେ ଫିଲ୍ମରେ କାମ କରିବା ପାଇଁ ଆଗ୍ରହ ଦେଖାଇଥିବା ଜଣାଯାଇଛି। ଅବଶ୍ୟ ଏଯାଏଁ ପ୍ରିୟଙ୍କା ଡେଟ୍ ଦେଇ ନାହାନ୍ତି। ଯଦି ପ୍ରିୟଙ୍କା ଗ୍ରୀନ୍ ସିଗ୍‌ନାଲ ଦିଅନ୍ତି ତେବେ ଏହି ଫିଲ୍ମର ସୁଟିଂ ୨୦୨୪ରେ ଆରମ୍ଭ ହୋଇପାରେ ।

# ବୁଲାକୁକୁରଙ୍କୁ ୫ଟଙ୍କିଆ ପୌଷ୍ଟିକ ଖାଦ୍ୟ



ସମାଜରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ହାତରୁ ବୁଲା କୁକୁର, ଷଣ୍ଢ ଆଦିଙ୍କୁ ନିୟମିତ ଖାଇବାକୁ ଦିଅନ୍ତି। ଅଧିକାଂଶ ଲୋକ ବୁଲା କୁକୁରମାନଙ୍କୁ ୫ଟଙ୍କିଆ ବିସ୍କୁଟ ପ୍ୟାକେଟ୍ ଦେଇଥାନ୍ତି। ତେବେ ଏହି ବିସ୍କୁଟ୍ କେବଳ ପ୍ରାଣୀଙ୍କ ଭୋକ ମେଣ୍ଟାଉଥିବାବେଳେ ଏଥିରୁ ସେମାନଙ୍କୁ ଉପଯୁକ୍ତ ପୌଷ୍ଟିକ ତତ୍ତ୍ୱ ମିଳିପାରେ ନାହିଁ। ଏହାକୁ ଦୃଷ୍ଟି ଦେଇ ନିରୀହ ପ୍ରାଣୀଙ୍କୁ ପାଞ୍ଚ ଟଙ୍କାରେ ପୌଷ୍ଟିକ ଖାଦ୍ୟ ଯୋଗାଇ ଦେବାକୁ ଆଗେଇ ଆସିଛନ୍ତି ଜୟପୁର ଗଜରାଜ ସିଂହ। କିଛି ବର୍ଷ ପୂର୍ବରୁ ଗଜରାଜ ଜଣେ ବ୍ୟକ୍ତିଙ୍କୁ ଏକ ଚା' ଦୋକାନ ନିକଟରେ ବୁଲା କୁକୁରମାନଙ୍କୁ ପାଞ୍ଚ ଟଙ୍କିଆ ବିସ୍କୁଟ୍ ପ୍ୟାକେଟ୍ ଦେଉଥିବାର ଦେଖିଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଗଜରାଜ ଅଟକାଇ କହିଥିଲେ, ଏହି ବିସ୍କୁଟ କେବଳ ଅଟା, ଚିନିରେ ତିଆରି। ଏହାଦ୍ୱାରା ଏହି ବୁଲା କୁକୁରମାନଙ୍କ ଭୋକ ମେଣ୍ଟୁଛି ସତ, କିନ୍ତୁ ଏଥିରୁ ସେମାନଙ୍କୁ ପୋଷକତତ୍ତ୍ୱ ମିଳିପାରୁନି। ଏହାର ଉତ୍ତରରେ ବ୍ୟକ୍ତି ଜଣକ କହିଥିଲେ, ମାତ୍ର ପାଞ୍ଚ ଟଙ୍କା ଖର୍ଚ୍ଚ କରି ମୁଁ କେବଳ ଏହି ବିସ୍କୁଟ ପ୍ୟାକେଟ୍ କିଣିପାରିବି। ଏହି କଥା ଗଜରାଜଙ୍କୁ ଭାବିବାକୁ ଦେଇଥିଲା। ଗଜରାଜଙ୍କର ଜୟପୁରରେ ଏକ ରେସ୍ତୋରାଁ ରହିଥିଲା। ଏହାପରେ ସେ ତାଙ୍କ ରେସ୍ତୋରାଁରେ ବଳକା ଖାଦ୍ୟକୁ ଅଳିଆଗଦାରେ ନ ଫୋପାଡ଼ି ଏହାର ସୁବିନିଯୋଗ କରିବା ପାଇଁ ନିଷ୍ପତ୍ତି ନେଲେ। ତେଣୁ ସେ ରେସ୍ତୋରାଁରେ ବଳି ଯାଉଥିବା ଭାତ କିମ୍ବା ରୁଟି ସହିତ ଅଣ୍ଡା, ପନିର, ସୋୟା ଆଦି ସାମଗ୍ରୀ ମିଶାଇ ୪୦୦ ଗ୍ରାମ୍‌ର ଛୋଟ ଛୋଟ ପ୍ୟାକେଟ୍ ତିଆରି କରିବା ଆରମ୍ଭ କଲେ। ଏହି ପ୍ୟାକେଟ୍‌କୁ ବିକ୍ରି କରିବାକୁ ସେ ଆରମ୍ଭ କଲେ 'ବେଜୁୱାନ୍ କି ରୋଷେଇ'। ଏହି ଷ୍ଟଲ୍‌ଟି ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ଏଠାରେ ଲୋକେ ପାଞ୍ଚ ଟଙ୍କାରେ ପୌଷ୍ଟିକ ଖାଦ୍ୟ କିଣିପାରିଲେ। ଏନେଇ ଗଜରାଜ କୁହନ୍ତି, ଅଧିକାଂଶ ଲୋକ ନିୟମିତ ରୂପେ କୁକୁରଙ୍କୁ ଖାଇବାକୁ ଦେବା ପାଇଁ ତାଙ୍କ ଠାରୁ ଏହି ପ୍ୟାକେଟ୍ କିଣିଥାନ୍ତି। ଏହାଦ୍ୱାରା ନିରୀହ ପ୍ରାଣୀଙ୍କୁ ସତେଜ ପୌଷ୍ଟିକ ଖାଦ୍ୟ ମିଳିପାରୁଛି। ଏବେ ସେ ଏହି ଷ୍ଟଲ୍ ମାଧ୍ୟମରେ ନିୟମିତ ୩୦୦୦ କୁକୁରଙ୍କୁ ଖାଦ୍ୟ ଯୋଗାଉଛନ୍ତି। ବାସ୍ତବରେ ଗଜରାଜଙ୍କ ଏହି ନିଆରା ପ୍ରୟାସ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି।

## ଆଜିର ଇତିହାସ

- ୧୯୬୩- ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଟେକ୍ସାସରେ ହତ୍ୟା ।
- ୧୯୬୮-ମାଡ୍ରାସର ନାମ ବଦଳାଇ ତାମିଲନାଡୁ ରଖାଗଲା।
- ୧୯୯୭- ଡାଏନା ହେଡେନ୍ ବିଶ୍ୱସୁନ୍ଦରୀ ହେଲେ।
- ୧୯୯୮-ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍‌ଙ୍କ ଢାକା ଅଦାଲତରେ ଆତ୍ମସମର୍ପଣ ।
- ୨୦୦୨- ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ ପ୍ରତିବାଦରେ ନାଇଜେରିଆରେ ହୋଇଥିବା ଦଙ୍ଗାରେ ଶତାଧିକ ଲୋକଙ୍କର ମୃତ୍ୟୁ ।
- ୨୦୦୫- ଏଞ୍ଜେଲା ମର୍କେଲ୍ ଜର୍ମାନୀର ପ୍ରଥମ ମହିଳା ଚାନ୍‌ସେଲର୍ ହେଲେ।



# ଜଳରେ ବାଳିକାଙ୍କ ଯାଦୁ ପ୍ରଦର୍ଶନ

## ତିନି ମିନିଟ୍‌ରେ ଦେଖାଇଲେ ୩୮ଟି କୌଶଳ

ସାଧାରଣତଃ ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ଲକ୍ଷ୍ୟ ରଖି ଲୋକମାନେ ବିଭିନ୍ନ ସମୟରେ ଅନେକ ଚମତ୍କାରିତା କରି ଦେଖାଉଛନ୍ତି। ଏହି କ୍ରମରେ ଆମେରିକାର ଜଣେ ୧୩ ବର୍ଷ ବୟସର ବାଳିକା ପାଣି ଭିତରେ ମ୍ୟାଜିକ୍ ବା ଯାଦୁ ଖେଳ ଦେଖାଇ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଆମେରିକାର ସ୍କୁବା ଡାଇଭର ଆଭରି ଇମରସନ ଫିସର୍ ପାଣି ଭିତରେ ତିନି ମିନିଟ୍‌ରେ ୩୮ ପ୍ରକାର ମ୍ୟାଜିକ ପ୍ରଦର୍ଶନ କରିଛନ୍ତି। ଏହାସହ ତାଙ୍କୁ 'ସ୍କୁବା ମ୍ୟାଜିସିଆନ୍'ର ପରିଚୟ ମିଳିଛି। ସେହିପରି ପାଣି ଭିତରେ ତାଙ୍କର ପ୍ରଭାବଶାଳୀ ଯାଦୁ ପ୍ରଦର୍ଶନ ସମସ୍ତଙ୍କୁ ବିସ୍ମିତ କରିଛି । ତେବେ ଇମରସନ ମ୍ୟାଜିକ୍ କଳାକୌଶଳକୁ ସାନଫ୍ରାନ୍ସିସ୍କୋର ଆକ୍ୱାରିୟମ୍ ଅଫ୍ ଦ ବେ'ରେ ସଫଳତା ପୂର୍ବକ କରି ଦେଖାଇଛନ୍ତି। ଇମରସନ ୧୦ ବର୍ଷ ବୟସରୁ ମ୍ୟାଜିକ୍ ଅଭ୍ୟାସ ଆରମ୍ଭ କରିଥିଲେ। ତେବେ ତାଙ୍କର ସବୁବେଳେ ସ୍କୁବା ଡାଇଭିଂ ପ୍ରତି ରୁଚି ରହିଆସିଛି। ଅବଶ୍ୟ ଏହା ପୂର୍ବରୁ ଯଦିଓ ସେ ଅନେକ ରେକର୍ଡ କରିଛନ୍ତି, ତଥାପି ଶେଷରେ ସେ ପାଣି ଭିତରେ ମ୍ୟାଜିକ୍ ପ୍ରଦର୍ଶନ କରିବା ନିଷ୍ପତ୍ତି ନେଲେ। ପ୍ରଥମେ ସେ ପାଣି ଭିତରେ ୫୦ଟି ଟ୍ରିକ୍ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଥିଲେ ମଧ ସେ ୩୮ଟି ମ୍ୟାଜିକ୍ କୌଶଳ ଶେଷରେ ପ୍ରଦର୍ଶନ କରିଥିଲେ। ଗିନିଜ୍ ବିଶ୍ୱ ରେକର୍ଡ ଇମରସନଙ୍କ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓରୁ ଦେଖିବାକୁ ମିଳିଛି, ସେ ସ୍କୁବା ଡାଇଭିଂ ଗିୟର୍ ପିନ୍ଧି ଖୁବ୍ ଚମତ୍କାର ଭାବେ ମ୍ୟାଜିକ୍ ଦେଖାଉଛନ୍ତି। ଖୁବ୍ କମ୍ ବୟସରେ ତାଙ୍କର ଏହି ଅଦ୍ଭୁତ କାରନାମାକୁ ଲୋକମାନେ ଖୁବ୍ ପ୍ରଶଂସା କରୁଛନ୍ତି।

# ସୌଭାଗ୍ୟ ଓ ଉନ୍ନତି ପାଇଁ ସୂର୍ଯ୍ୟ ପୂଜା

**ଶାସ୍ତ୍ରାନୁସାରେ, ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର। ସୂର୍ଯ୍ୟଙ୍କ ଉପାସନା କଲେ, ସୌଭାଗ୍ୟ ବୃଦ୍ଧି ହେବା ସହିତ ସାମାଜିକ ଉନ୍ନତି ଏବଂ ନୀରୋଗତା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ଆସନ୍ତୁ ଜାଣିବା, ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ପାଇଁ କ'ଣ ସବୁ ନୀତିନିୟମ ରହିଛି।**

- ସୂର୍ଯ୍ୟଙ୍କର ପ୍ରଥମ କିରଣରେ ଅର୍ଘ୍ୟ ଦେବା ସବୁଠାରୁ ଉତ୍ତମ ହୋଇଥାଏ।
- ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା ଉଚିତ।
- ସ୍ନାନ ପରେ ତମ୍ବା ପାତ୍ରରେ ଜଳ ଭର୍ତ୍ତି କରି ରକ୍ତଚନ୍ଦନ, ଲାଲ୍ ଫୁଲ ଓ ଚାଉଳ ପକାଇ ଅର୍ଘ୍ୟ ଦିଅନ୍ତୁ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସମୟରେ ସୂର୍ଯ୍ୟମନ୍ତ୍ରର ଜପ କରନ୍ତୁ।
- କୁଣ୍ଡଳିରେ ସୂର୍ଯ୍ୟ ଗ୍ରହ ମଜଭୁତ୍ ଥିଲେ, ବ୍ୟକ୍ତି ବିଜୟପ୍ରାପ୍ତି କରିଥାଏ। ତେଣୁ ସୂର୍ଯ୍ୟଙ୍କୁ ପ୍ରସନ୍ନ କରିବା ପାଇଁ ନିୟମିତ ପୂଜା କରିବା ଉଚିତ।
- ସୂର୍ଯ୍ୟୋଦୟ ଭଳି ସୂର୍ଯ୍ୟାସ୍ତ ସମୟରେ ମଧ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରି ନମସ୍କାର କରନ୍ତୁ।
- ରବିବାର ଦିନ ତେଲ ଓ ଲୁଣ ଖାଆନ୍ତୁ ନାହିଁ।
- ରବିବାର ଦିନ ଗୋଟିଏ ଥର ଭୋଜନ କରନ୍ତୁ।



# ସ୍ୱାମୀଙ୍କ ଦୌଡ଼ିବା ନିଶା ପାଇଁ ଛାଡ଼ପତ୍ର



'ଦୌଡ଼ିବା' ଏକ ଭଲ ଅଭ୍ୟାସ । ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକ ସ୍ତରରେ ଶାନ୍ତି ଦେଇଥାଏ। ଲୋକେ ଏବେ ଫିଟ୍ ରଖିବା ପାଇଁ ନିଜ ବ୍ୟସ୍ତ ଜୀବନଚର୍ଯ୍ୟାରୁ କିଛି ସମୟ ବାହାର କରି ଦୌଡ଼ୁଛନ୍ତି। କିନ୍ତୁ ନିକଟରେ ଏ ସମ୍ପର୍କିତ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଯେଉଁଥିରେ ଦୌଡ଼ିବା ଅଭ୍ୟାସ ପାଇଁ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ଏହି ବିଚିତ୍ର ଘଟଣାଟି ଚୀନର ହୁନାନ୍ ସହରରୁ ଆସିଛି। ଝାଓ ନାମ୍ନୀ ଏହି ମହିଳାଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ପେଙ୍ଗ୍ ଦୌଡ଼ିବା ନିଶା ଏବେ ତାଙ୍କ ପାଇଁ କାଳ ହୋଇଯାଇଛି। ତେଣୁ ସେ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପେଙ୍ଗ୍ ନିୟମିତ ଭାବେ ଦୌଡ଼ିବାକୁ ପସନ୍ଦ କରନ୍ତି । ଏହାକୁ ସେ ନିଜ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ଭାବି ନେଇଥିଲେ। ସବୁବେଳେ ପେଙ୍ଗ୍‌କୁ ଦୌଡ଼ିବା ନିଶା ଘାରିଥିଲା । ଏପରିକି ଥରେ ସେ ନିଜ ୫ବର୍ଷର ଝିଅକୁ କାର୍‌ରେ ବନ୍ଦ କରି ଦୌଡ଼ିବାକୁ ବାହାରକୁ ଚାଲିଯାଇଥିଲେ । ପେଙ୍ଗ୍ ତାକୁ ଜଳଖିଆ ଖାଇବାକୁ ଦେବା ସହ ବୋର୍ ନ ହେବା ପାଇଁ ମୋବାଇଲ୍ ଫୋନ୍ ଦେଇଯାଇଥିଲେ। ଛୋଟ ଝିଅଟି ଅନେକ ସମୟ ଧରି କାର୍ ଭିତରେ ବନ୍ଦ ରହିଥିଲା। ପରେ ଝିଅଟି ଘରକୁ ଆସି ଏବାବଦରେ କହିବାରୁ ମା' ଝାଓ ରାଗି ଯାଇଥିଲେ। ସ୍ୱାମୀଙ୍କ ଏପରି ଦାୟିତ୍ୱହୀନ କାମ ବିଷୟରେ ଜାଣି ଝାଓ ତାଙ୍କୁ ଛାଡ଼ପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ । ଏନେଇ ଝାଓ କହିଛନ୍ତି ଯେ, 'ତାଙ୍କ ସ୍ୱାମୀର ଦୌଡ଼ିବା ନିଶା ହିଁ ତାଙ୍କ ସମ୍ପର୍କକୁ ନଷ୍ଟ କରିଦେଲା ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା

# କଳିଙ୍ଗରେ କତାରକୁ ହରାଇପାରିଲାନି ଭାରତ

ଭୁବନେଶ୍ୱର, ୨୧।୧୧ (ସମିସ): ସୁନୀଲ ଛେତ୍ରୀଙ୍କ କୌଶଳ କିମ୍ବା ଘରୋଇ ଦର୍ଶକଙ୍କ ସମର୍ଥନ ଭାରତକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇନାହିଁ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ ମୁକାବିଲାରେ କତାର ୩-୦ ଗୋଲରେ ଭାରତୀୟ ଫୁଟ୍‌ବଲ ଦଳକୁ ପରାସ୍ତ କରିଛି। ଏହା ଫଳରେ ଭାରତ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାର ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଜୟୀ ଏସୀୟ ଚାମ୍ପିଅନ କତାର ପକ୍ଷରୁ ଖେଳର ଚତୁର୍ଥ ମିନିଟ୍‌ରେ ମୁସ୍ତାଫା ତାରକ ମେଶାଲ, ୪୬ତମ ମିନିଟ୍‌ରେ ତାରକା ଫରୱାର୍ଡ ଖେଳାଳି ଅଲମୋଇଜ୍ ଅଲୀ ଓ ୮୬ତମ ମିନିଟ୍‌ରେ ୟୁସୁଫ ଅବଦୁରୀସାଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍ ପରେ କତାର ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଭାରତ ଦୁଇଟି ମ୍ୟାଚ୍ ଖେଳି ଗୋଟିକରେ ଜିତିଥିଲାବେଳେ ଏଠାରେ ମ୍ୟାଚ୍ ହାରିଯାଇଛି। ଯୋଗ୍ୟତାପର୍ଯ୍ୟାୟ ଗ୍ରୁପ୍ ମୁକାବିଲାରେ ପ୍ରତ୍ୟେକ ଦଳ ୬ଟି ଲେଖାଏଁ ମ୍ୟାଚ ଖେଳିବେ। ଗୋଟିଏ ଦଳ ଅନ୍ୟସହ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହି ମ୍ୟାଚ୍‌ରେ ଭାରତ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେବାରେ ସମର୍ଥ ହୋଇପାରିନାହିଁ। ଯାହା ଫଳରେ ଭାରତକୁ ଘରୋଇ ମାଟିରେ ଚଳିତ ସିଜନରେ ପ୍ରଥମ ପରାଜୟବରଣ କରିଛି। ଭାରତ ପକ୍ଷରୁ ପ୍ରଥମାର୍ଦ୍ଧରେ ଲାଲେଙ୍ଗମାୱିଆ ଅପୁଇଆ, ଅନିରୁଦ୍ଧ ଥାପ୍ପା, ଦ୍ୱିତୀୟାର୍ଦ୍ଧରେ ନିଖିଲ ଚନ୍ଦ୍ରଶେଖର ପୂଜାରୀ, ମହେଶ ସିଂ ସହଜ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରିବାରେ ସମର୍ଥ ହୋଇ ନଥିଲେ।

ପ୍ରଥମାର୍ଦ୍ଧରେ ନିରାଶାଜନକ ଖେଳିଥିବା ଭାରତ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ପ୍ରଦର୍ଶନ ଦୋହରାଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବା ମାତ୍ରେ ଅଲମୋଇଜ୍ ଅଲି ଓ ୮୬ତମ ମିନିଟ୍‌ରେ ହେଡର ଜରିଆରେ ଆଉ ଦୁଇଟି ଗୋଲ ସ୍କୋର କରିଥିଲେ। ଏସିଆ ଚାମ୍ପିଅନ କତାର ଏଠାରେ ସୁଯୋଗ ସୃଷ୍ଟି କରିବା ସହ ଭଲ ଖେଳିଥିଲା।




### ସୁଯୋଗ ହାତଛଡ଼ା କଲା ଭାରତ

ଖେଳ ଆରମ୍ଭ ହେବା ମାତ୍ରେ କତାର ଖେଳାଳିମାନେ ଆଟାକିଂ ପ୍ରଦର୍ଶନ କରିଥିଲେ। କିନ୍ତୁ ଭାରତୀୟ ଖେଳାଳିମାନେ ଆରମ୍ଭରୁ ଅଳସୁଆ ହୋଇଯାଇଥିଲେ। ଦ୍ୱିତୀୟ ମିନିଟ୍‌ରେ ଭ୍ରମଣକାରୀ ଦଳ ଗୋଲ ଦେବାର ଏକ ସୁଯୋଗ ପାଇଥିଲା। କିନ୍ତୁ ତାହାକୁ ଗୋଲ ରକ୍ଷକ ବ୍ୟର୍ଥ କରିଦେଇଥିଲେ। କିନ୍ତୁ ଚତୁର୍ଥ ମିନିଟ୍‌ରେ କତାର ଅଗ୍ରଭାଗ ଖେଳାଳି ମୁସ୍ତାଫା ତାରକ ମେଶାଲ ଗୋଲ ପୋଷ୍ଟ ଏରିଆରେ ପାଇଥିବା ସୁଯୋଗକୁ କାର୍ଯ୍ୟକାରୀ କରାଇ ନିଜ ଦଳ ପକ୍ଷରୁ ତଥା ଏହି ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଅବଶ୍ୟ ଭାରତୀୟ ଦଳ ଉତ୍ତମ ବୁଝାମଣା ରକ୍ଷା କରି ଖେଳିଥିଲେ। ଉଭୟ ଦଳ ମଧ୍ୟ ଗୋଲ ଦେବାର କିଛି ସୁଯୋଗ ପାଇଥିଲେ। କିନ୍ତୁ ସବୁଠାରୁ ଅବସୋସର କଥା ହେଲା ଭାରତୀୟ ଦଳ ପାଇଥିବା ସୁଯୋଗକୁ କାର୍ଯ୍ୟକାରୀ କରିପାରି ନ ଥିଲା। ଏପରିକି ପ୍ରଥମାର୍ଦ୍ଧରେ ଭାରତ ଅତିକମ୍‌ରେ ୩ଟି ସୁଯୋଗକୁ ହାତଛଡ଼ା କରିଥିଲା। ପ୍ରଥମେ ଅଧିନାୟକ ସୁନୀଲ ଛେତ୍ରୀ, ୩୬ତମ ମିନିଟ୍‌ରେ ଲାଲେଙ୍ଗମାୱା ଅପୁଇଆ ଓ ୪୨ତମ ମିନିଟ୍‌ରେ ଅନିରୁଦ୍ଧ ଥାପ୍ପା ପାଇଥିବା ଅତ୍ୟନ୍ତ ସହଜ ସୁଯୋଗକୁ ହାତଛଡ଼ା କରିଥିଲେ। ଭାରତ ପକ୍ଷରୁ ଗୋଲରକ୍ଷକ ଅମରିନ୍ଦର ସିଂଙ୍କ ଚମତ୍କାରିତା ଲାଗି ଦଳ ପ୍ରଥମାର୍ଦ୍ଧରେ ଅଧିକ ଗୋଲ ବରଣ କରିବାରୁ ବଞ୍ଚିତ ହୋଇଥିଲା। ରକ୍ଷଣଭାଗରେ ରାହୁଲ ଭେକେଙ୍କ ଖେଳ ବେଶ ପ୍ରଶଂସନୀୟ ହୋଇଥିଲାବେଳେ ବାମପଟେ ଲାଲିଆଞ୍ଜୁଆଲା ଚାଙ୍ଗଟେ ଅନେକ ପାସ୍ ମିସ୍ କରିଥିଲେ। ଏଭଳି ଖେଳରେ କେହି ମ୍ୟାଚ୍ ଜିତିବା କଷ୍ଟକର।

## ବିଶ୍ୱ ମହାବିଦ୍ୟାଳୟ କୁସ୍ତିରେ ଅଜିତ୍‌ଙ୍କୁ କାଂସ୍ୟ

ଭୁବନେଶ୍ୱର, ୨୧।୧୧ (ସମିସ): ହରିୟାଣାର ରୋହତକ୍‌ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ବିଶ୍ୱ ମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ ଓଡ଼ିଶାର ଅଜିତ ଭୂୟାଁ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଜିତ ୫୭ କିଗ୍ରା ବର୍ଗରେ ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଏହି ସଫଳତା ଆଣିଛନ୍ତି। ପୁରୀର ଗୋପୀନାଥ ଦେବ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଅଜିତ୍ ପଞ୍ଚମୁଖୀ ଜିମ୍ନାସିୟମରେ ଅଭ୍ୟାସ କରନ୍ତି। ଏହି ସଫଳତା ଲାଗି ତାଙ୍କୁ ପୁରୀ କୁସ୍ତି ମହାସଂଘର ସଭାପତି ଜୟନ୍ତ ଷଡ଼ଙ୍ଗୀ, ଓଡ଼ିଶା କୁସ୍ତି ସଂଘ ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସାଧାରଣ ସମ୍ପାଦକ କିଶୋର ବେହେରା, ସନ୍ତୋଷ କୁମାର ଦାସ, ଓଡ଼ିଶା ରେସଲିଂ ସଂଘର କୋଷାଧକ୍ଷ କୁମାର ରାୟ ପ୍ରମୁଖ ଅଜିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



● ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍

## ଶ୍ରୀଲଙ୍କାରୁ ଦକ୍ଷିଣ ଆଫ୍ରିକା ସ୍ଥାନାନ୍ତର

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଆସନ୍ତା ଜାନୁଆରୀରେ ଶ୍ରୀଲଙ୍କାରେ ଆୟୋଜନ ହେବାକୁ ଥିବା ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର ହୋଇଛି। ମଙ୍ଗଳବରେ ଆଇସିସି ତା'ର ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନେଇଛି। ସରକାରଙ୍କ ଅବାଞ୍ଛିତ ହସ୍ତକ୍ଷେପ କାରଣରୁ ଆଇସିସି ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)କୁ ନଭେମ୍ବର ୧୦ ତାରିଖରେ ସସ୍‌ପେଣ୍ଡ କରିଥିଲା। ବୋର୍ଡକୁ ନିଲମ୍ବନ କରାଯାଇଥିବାରୁ ଏହି ନିଷ୍ପତ୍ତି ନେବାକୁ ହେଲା ବୋଲି ଆଇସିସି ତରଫରୁ କୁହାଯାଇଛି। ତେବେ ଶ୍ରୀଲଙ୍କା କ୍ରିକେଟ ଉପରେ ଏହି ନିଷ୍ପତ୍ତି ପ୍ରଭାବ ପକାଇବ ନାହିଁ। ଶ୍ରୀଲଙ୍କା କ୍ରିକେଟ ଦଳ ପୂର୍ବପରି ଦ୍ୱିପାକ୍ଷିକ ସିରିଜ ଓ ଆଇସିସି ଟୁର୍ଣ୍ଣାମେଣ୍ଟଗୁଡିକରେ ଅଂଶଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ଆଇସିସି କହିଛି।

## ୨୮ତମ ଜାତୀୟ ମହିଳା ଫୁଟବଲ

# ଫାଇନାଲ ରାଉଣ୍ଡରେ ଓଡ଼ିଶା

ସୁନ୍ଦରଗଡ଼, ୨୧।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଏସୋସିଏସନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମ ଚାଲିଥିବା ୨୮ ତମ ଜାତୀୟ ମହିଳା ଫୁଟବଲ ଚାମ୍ପିଅନସିପ୍ ମଙ୍ଗଳବାର ଉଦଯାପିତ ହୋଇ ଯାଇଛି। ପୂର୍ବାହ୍ନରେ ଅରୁଣାଚଳ ପ୍ରଦେଶ ଓ ଗୁଜରାଟ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ଅରୁଣାଚଳ ପ୍ରଦେଶ ୩-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଅପରାହ୍ନରେ ଓଡ଼ିଶା ଓ ଗୋଆ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ବିଜୟୀ ହୋଇଥିଲା। ଓଡ଼ିଶା ଦଳର ଯଶୋଦା ମୁଣ୍ଡା ଓ ମାଳତୀ ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ କରିବାରେ ସକ୍ଷମ ହୋଇଥିଲେ। ଏଥିସହ ସର୍ବାଧିକ ୧୨ ପଏଣ୍ଟ ହାସଲ କରିବା ସହ ଗ୍ରୁପ୍ ଚାମ୍ପିଅନ ହୋଇ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ହାସଲ କରିଛି।

ଉଦଯାପନୀ ଦିବସରେ ସ୍ଥାନୀୟ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ନାରାୟଣ ପଟେଲ ମୁଖ୍ୟ ଅତିଥି ଏବଂ ସରକାରୀ କଲେଜ ଅଧକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ, ସେଣ୍ଟ ଥେରେସା ଇଂରାଜୀ ସ୍କୁଲ ଅଧକ୍ଷା ପି. ସେଲଭି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧକ୍ଷ ଦୁର୍ଗା ମାଧବ ନାଏକ, ଉପସଭାପତି ମେରୀ ଜନ ବାଗେ, ପୌଷ ଚନ୍ଦ୍ର ପଟେଲ, ବିମଳ ବୋଷ, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ବିଶ୍ୱ ରଞ୍ଜନ ହୋତା, ସୁଶିଲ ପଟେଲ, ରବି ମହାପାତ୍ର, ଆଶିଷ ଦେ, ବୀରମିତ୍ର କାଲୋ, ଶିଶିର ପଟେଲ, ଶ୍ୟାମ ନନ୍ଦନ ସହାୟ, ପ୍ରସାଦ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସୁନ୍ଦରଗଡ଼ ଷ୍ଟାଡିୟମ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଏକ ଜାତୀୟ ଫୁଟବଲ ପ୍ରତିଯୋଗିତା ଆୟୋଜନର ସୁଯୋଗ ଦେଇ ଥିବାରୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କୁ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।




## ୫ ରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ ଲାଗି ୩୪ ସମ୍ଭାବ୍ୟ ଖେଳାଳି

# ଓଡ଼ିଶାରୁ ଦୀପ୍, ମାରିଆନା, ଆଜମିନା ଓ ସୁନେଲିତା

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ସ୍ପେନର ଭାଲେନ୍ସିଆଠାରେ ହେବାକୁ ଥିବା ୫ ରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଲାଗି ଭାରତର ୩୪ ଜଣିଆ ମହିଳା ଦଳ ଚୟନ କରାଯାଇଛି। ବେଙ୍ଗାଲୁରୁରେ ଏହି ଖେଳାଳିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଡିସେମ୍ବର ୧୫ରୁ ୨୨ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ଭାରତ ବ୍ୟତୀତ ଆୟର୍ଲାଣ୍ଡ, ଜର୍ମାନୀ, ବେଲଜିୟମ ଓ ଆୟୋଜକ ସ୍ପେନ୍ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ଭାରତ ଲାଗି ଅନେକ ଗୁରୁତ୍ୱ ରଖୁଛି। ରାଞ୍ଚିରେ ଜାନୁଆରୀ ୧୩ରୁ ଖେଳାଯିବ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି। ଏହି ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରିବା ଲାଗି ଭାଲେନ୍ସିଆ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତିରେ ବେଶ ସହାୟକ ହୋଇପାରିବ।

ଘୋଷିତ ୩୪ ଜଣିଆ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅଭିଜ୍ଞ ଦୀପ୍‌ଗ୍ରେସ୍ ଏକ୍କା, ମାରିଆନା କୁଜୁର, ଆଜମିନା କୁଜୁର ଓ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତରେ ଫିଟ୍ ଥିବା ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ଏହି କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଛି। ଏବେ ଶିବିର ପରେ ଚୂଡାନ୍ତ ଦଳ ଚୟନ କରାଯିବ ଓ ଏମାନେ ସ୍ପେନ୍ ଯିବେ। ମୁଖ୍ୟ ପ୍ରଶିକ୍ଷିକା ଜାନେକ୍ ସ୍କପ୍‌ମ୍ୟାନ୍‌ଙ୍କ ମତରେ ଆମେ ଗତ କିଛିମାସ ଧରି ଭଲ ଫର୍ମରେ ରହିଛୁ। ଦଳ ଚୀନ୍‌ରେ ଅନୁଷ୍ଠିତ ଏସିଆନ ଗେମ୍ସରେ କାଂସ୍ୟ ପଦକ ଜିତିଥିଲାବେଳେ ରାଞ୍ଚିରେ ଖେଳାଯାଇଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ଆମେ ଭଲ ପ୍ରଦର୍ଶନ କରିବା ଅର୍ଥ ଆସନ୍ତାବର୍ଷ ଖେଳାଯିବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଫର୍ମରେ ରହିବା। ସ୍ପେନ୍‌ରେ ଖେଳାଯିବାକୁ ଥିବା ୫ ଦେଶୀୟ ଟୁର୍ଣ୍ଣାମେଣ୍ଟରେ ଶକ୍ତିଶାଳୀ ୟୁରୋପୀୟ ଦଳଗୁଡ଼ିକ ଭାଗ ନେବେ। ଏଥିରୁ ଆମକୁ ଅନେକ କିଛି ଶିଖିବାର ସୁଯୋଗ ମିଳିବ।

● ସିନିଅର ଜାତୀୟ ପୁରୁଷ ହକି

## ଦିଲ୍ଲୀକୁ ୯-୧ ଗୋଲରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୧।୧୧(ସମିସ): ଚେନ୍ନାଇର ମେୟର ରାଧାକ୍ରିଷ୍ଣ ହକି ଷ୍ଟାଡିୟମରେ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ହକି ଇଣ୍ଡିଆ ବରିଷ୍ଠ ଜାତୀୟ ପୁରୁଷ ଚାମ୍ପିଅନସିପ୍‌ରେ ମଙ୍ଗଳବାର ଓଡ଼ିଶା ଦଳ ଆଉ ଏକ ବୃହତ୍ ବିଜୟ ହାସଲ କରିଛି। ଓଡ଼ିଶା ୯-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ସେହିପରି ଅନ୍ୟ ମ୍ୟାଚ୍‌ଗୁଡିକରେ ହରିୟାଣା ୧୩-୧ରେ ଛତିଶଗଡ଼କୁ, ପଞ୍ଜାବ ୪-୨ ଗୋଲରେ ମହାରାଷ୍ଟ୍ରକୁ, ଉତ୍ତରପ୍ରଦେଶ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଥିବା ବେଳେ କେରଳ- ରାଜସ୍ଥାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି।

ସମ୍ପୂର୍ଣ୍ଣ ଏକାପାଖିଆ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ତରଫରୁ ଅଭିଜ୍ଞ ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ସେ ପ୍ରଥମ, ଚତୁର୍ଥ ଓ ୩୩ତମ ମିନିଟରେ ଗୋଲ ଦେଇଥିଲେ। ସେହିପରି ରାଜିନ କାନ୍ଦୁଲନା ୧୩ତମ, ଅଶିଷ କୁମାର ଟୋପ୍ପୋ ୨୪ ଓ ୩୨ତମ ମିନିଟ୍‌ରେ ଦୁଇଟି, ଯୁବ ତାରକା ରକ୍ଷଣଭାଗ ଖେଳାଳି ନୀଳମ ସଞ୍ଜୀପ ଖେସ୍ ୩୭ ଓ ଅଗ୍ରଭାଗ ଖେଳାଳି ଶିଳାନନ୍ଦ ଲାକ୍ରା ୫୮ ଗୋଲ ସ୍କୋର କରିଥିଲେ। ଦିଲ୍ଲୀ ତରଫରୁ ଅମନ ଖାନ୍ ଏକାଦଶ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ।

## ଜାତୀୟ ବରିଷ୍ଠ ଆନ୍ତଃବିଭାଗୀୟ ମହିଳା ହକି

# ଆଇଓସି ଚାମ୍ପିଅନ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି) ହକି ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟ ବରିଷ୍ଠ ଆନ୍ତଃବିଭାଗୀୟ ମହିଳା ହକି ଚାମ୍ପିଅନ୍ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ଆଇଓସି ୩-୨ ପେନାଲ୍ଟି ସୁଟ୍‌ଆଉଟ୍‌ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି)କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୪ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହା ମଧ୍ୟରୁ ପରାଜିତ ରେଲୱେ ଦଳର ଅଧିନାୟିକା ବନ୍ଦନା କଟରିଆ ଏକାକୀ ୨ଟି ଗୋଲ ଦେଇଥିଲେ। ବିଜୟୀ ଦଳ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଆଜମିନା କୁଜୁର ମଧ୍ୟ ଗୋଟିଏ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଖେଳ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍‌ଆଉଟରେ ଆଇଓସି ପକ୍ଷରୁ ଦୀପିକା, ବଳଜିତ କୌର ଓ ଜ୍ୟୋତି ଗୋଲ ଦେବାରେ ସମର୍ଥ ହୋଇଥିଲେ। ଦଳର ଗୋଲରକ୍ଷକ ବିଚ୍ଛୁଦେବୀ ଖାରିବମ୍ ଚମତ୍କାର ଗୋଲରକ୍ଷା କରି ରେଲୱେର ୩ଟି ସଟ୍‌କୁ ବ୍ୟର୍ଥ କରିଦେଇଥିଲେ। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ସାଇ ୩-୨ ଗୋଲରେ ସଶସ୍ତ୍ର ସୀମା ସୁରକ୍ଷା ବାହିନୀକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି।




## ବିଶ୍ୱକପ୍‌ରେ ୮ ବର୍ଷର ରେକର୍ଡ ଭାଙ୍ଗିଲା ■ ୨୦୧୫ରେ ଦେଖିଥିଲେ ୧୦ ଲକ୍ଷ

# ଷ୍ଟାଡିୟମରେ ୧୨.୫ ଲକ୍ଷ ଦର୍ଶକ ମ୍ୟାଚ୍ ଦେଖିଲେ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ସଦ୍ୟ ସମାପ୍ତ ଦିନିକିଆ ବିଶ୍ୱକପ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଇତିହାସରେ ସଫଳତମ ବିବେଚିତ ହୋଇଛି। ଏଥର ରେକର୍ଡ ସଂଖ୍ୟକ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚ୍ ଦେଖିଛନ୍ତି। ଟି-୨୦ କ୍ରିକେଟର ଲୋକପ୍ରିୟତା ସଫଳତାର ଶୀର୍ଷକୁ ଛୁଇଁ ଥିବାବେଳେ ବିଶ୍ୱକପ୍‌ର ଏଭଳି ରେକର୍ଡ ହେବା ଦିନିକିଆ ଫର୍ମାଟ୍ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ଏଥର ବିଶ୍ୱକପ୍‌ର ସବୁ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମଗୁଡିକରେ ମୋଟ ୧୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ। ଏଥିସହ ୮ ବର୍ଷ ତଳର ପୁରଣା ରେକର୍ଡ ଭାଙ୍ଗିଛି। ପୂର୍ବରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୧୦୫ ବିଶ୍ୱକପ୍‌ରେ ଷ୍ଟାଡିୟମରେ ୧୦ ଲକ୍ଷ ୧୬ ହଜାର ୪୨୦ଜଣ ଦର୍ଶକ ଉପସ୍ଥିତ ରହି ମ୍ୟାଚ୍ ସବୁ ଉପଭୋଗ କରିଥିଲେ। ଆଇସିସି ମଙ୍ଗଳବାର ସମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏ ନେଇ ସୂଚାନ ଦେଇଛି।



### ୬ଟି ମ୍ୟାଚ୍ ବାକିଥାଇ ଦର୍ଶକ ସଂଖ୍ୟାରେ ୧୦ ଲକ୍ଷ ପାର

ଗତ ନଭେମ୍ବର ୧୯ ଅର୍ଥାତ ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ୬ଟି ମ୍ୟାଚ୍ ବାକିଥାଇ ଦର୍ଶକ ସଂଖ୍ୟା ୧୦ ଲକ୍ଷ ପାର ହୋଇଥିଲା ବୋଲି ଆଇସିସି ତରଫରୁ କୁହାଯାଇଛି। ଅକ୍ଟୋବର ୫ରେ ବିଶ୍ୱକପ୍ ଆରମ୍ଭ ହୋଇଥିଲା। ଆଇସିସିର ଅନ୍ୟ ଇଭେଣ୍ଟ ତୁଳନାରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ବୋଲି କୁହାଯାଇଛି। ଏହା ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି। ୨୦୧୯ରେ ଇଂଲଣ୍ଡରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ଷ୍ଟାଡିୟମଗୁଡିକର ଦର୍ଶକ ସଂଖ୍ୟା ୭.୫୨ ଲକ୍ଷ ଥିଲା।

### ଓଟିଟିରେ ମଧ୍ୟ ହୋଇଛି ନୂଆ ରେକର୍ଡ

ଭାରତ- ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭ୍ୟୁୟର୍ସିପ୍‌ରେ ରେକର୍ଡ ସୃଷ୍ଟି ହୋଇଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌କୁ ଓଟିଟି ପ୍ଲାଟଫର୍ମ ଡିଜନୀ ହଟ୍‌ଷ୍ଟାରରେ ରେକର୍ଡ ୫.୯ କୋଟିରୁ ଊର୍ଦ୍ଧ୍ୱ ପ୍ରଶଂସକ ଦେଖିଛନ୍ତି। ଓଟିଟିରେ କୌଣସି ଲାଇଭ୍ ମ୍ୟାଚ୍‌କୁ ପୂର୍ବରୁ ଏତେ ସଂଖ୍ୟାରେ ଦର୍ଶକ ଦେଖିନାହାନ୍ତି। ପୂର୍ବରୁ ନଭେମ୍ବର ୧୫ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ପାଖାପାଖି ୫.୩ କୋଟି ଲୋକ ଓଟିଟିରେ ଦେଖିଥିଲେ। ଫାଇନାଲ ମ୍ୟାଚ୍ ଦେଖିବାକୁ ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୧.୩ ଲକ୍ଷ ଲୋକ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ବେସାମରିକ ହକି

# ସେମିରେ ଓଡ଼ିଶା ସଚିବାଳୟ ମହିଳା ଦଳ

ଭୁବନେଶ୍ୱର, ୨୧।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ବେସାମରିକ ହକି ପ୍ରତିଯୋଗୀତାରେ ଓଡ଼ିଶା ସଚିବାଳୟର ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ସଚିବାଳୟ ଦଳ ୮-୧ ଗୋଲରେ ଗୁଜରାଟ୍‌କୁ ପରାସ୍ତ କରିଥିଲା। ବୁଧବାର ଅପରାହ୍ନ ୨:୩୦ରେ ଓଡ଼ିଶା ସଚିବାଳୟ ଓ ଉତ୍ତରାଖଣ୍ଡ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ଓଡ଼ିଶା ସଚିବାଳୟ ମହିଳା ହକି ଦଳ ଆନ୍ଧ୍ର ପ୍ରଦେଶକୁ ୬-୦ ଗୋଲ୍‌ରେ ପରାସ୍ତ କରି ନିଜ ପୁଲ୍‌ର ଶୀର୍ଷ ସ୍ଥାନରେ ରହି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହିଳା ଦଳ ଗୁରୁବାର ସେମିଫାଇନାଲ ଛତିଶଗଡ଼କୁ ଭେଟିବ। କେନ୍ଦ୍ରୀୟ ସଚିବାଳୟ ଓ ହରିୟାଣା ମଧ୍ୟରେ ଅନ୍ୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।

## ଚୀନ୍ ମାଷ୍ଟର୍ସ: ପ୍ରଣୟ, ଚିରାଗ-ସାତ୍ତ୍ୱିକଙ୍କ ଅଗ୍ରଗତି

ଶେନଝେନ, ୨୧।୧୧ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଏଚ୍‌ଏସ୍ ପ୍ରଣୟ ଏଠାରେ ଚାଲିଥିବା ଚୀନ ମାଷ୍ଟର୍ସ ପ୍ରତିଯୋଗିତାର ପୁରୁଷ ଏକକରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ପୁରୁଷ ଯୁଗଳରେ ମଧ୍ୟ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବିଶ୍ୱ ମାନ୍ୟତାର ୮ମ ସ୍ଥାନରେ ଥିବା ପ୍ରଣୟ ପ୍ରଥମ ରାଉଣ୍ଡରେ ଚାଇନିଜ ତାଇପେଇର ଚୋଉ ତିଏନ୍ ଚେନ୍‌ଙ୍କୁ ଭେଟିଥିଲେ। ଏହି ମ୍ୟାଚକୁ ପ୍ରଣୟ ୨୧-୧୮, ୨୨-୨୦ ସିଧାସଳଖ ଗେମ୍‌ରେ ଜିତି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ୨୧-୧୩, ୨୧-୧୦ ଗେମ୍‌ରେ ଇଂଲଣ୍ଡର ବେନ୍ ଲେନ୍ ଓ ସିନ୍ ଭେନ୍ଦି ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି।




■ ନୂଆ ଯୁଗରେ ପାଦ ଦେଲା ଓଡ଼ିଶା ଫୁଟବଲ୍

# ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧୧ (ସମିସ): ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଫୁଟବଲ ଏକାଡେମୀ ଲାଗି ମଙ୍ଗଳବାର ରାଜ୍ୟ ସରକାର ଓ ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହାକୁ ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ନାମରେ ନାମିତ କରାଯାଇଛି। ଖେଳକୁ ସର୍ବଦା ପ୍ରୋତ୍ସାହନ ଦେଇଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତ ଓ କତାର ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ମ୍ୟାଚ୍‌କୁ ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀର ଫଳକକୁ ଏଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। 'ଭାରତରେ ଖାସ୍ କରି ଯୁବପିଢି ମଧ୍ୟରେ ଫୁଟବଲ ଲୋକପ୍ରିୟ କ୍ରୀଡ଼ା ବିବେଚିତ ହେଉଛି। ଦେଶରେ ବହୁ ଫୁଟବଲ ପ୍ରତିଭା ରହିଥିଲେ ମଧ୍ୟ ଉଚ୍ଚକୋଟୀର ପ୍ରଶିକ୍ଷଣ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆମ ବିଭାଗ ଭବିଷ୍ୟତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଫିଫା ଓ ଏଆଇଏଫ୍‌ଏଫ୍‌ର ସହଭାଗିତାରେ ଏଭଳି ବିଶ୍ୱସ୍ତରୀୟ ଏକାଡେମୀ ସୃଷ୍ଟି କରିପାରିଥିବାରୁ ଆମେ ଆନନ୍ଦିତ। ଭାରତରେ ଫୁଟବଲର ଉନ୍ନତି, ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାର ଏଆଇଏଫ୍‌ଏଫ୍ ସହ ମିଳିତ ଭାବେ କାର୍ଯ୍ୟକରିବା ସହ ବିଭିନ୍ନ ଫୁଟବଲ ପ୍ରକଳ୍ପକୁ ସମର୍ଥନ କରିବ' ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଏହି ସମୟରେ ଫିଫା ଫୁଟବଲ ଉନ୍ନୟନ କମିଟିର ମୁଖ୍ୟ ଆର୍ସେନ ୱେଙ୍ଗର, ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ '୫-ଟି' ଓ 'ଆମ ଓଡ଼ିଶା' ଅଧ୍ୟକ୍ଷ ଭିକେ ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣାଙ୍କ ସହ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଏକାଡେମୀ ଭାରତ ତଥା ଓଡ଼ିଶାର ଫୁଟବଲ ମାନଚିତ୍ର ବଦଳାଇଦେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଛନ୍ତି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଭାରତ ଓ କତାର ଫୁଟ୍‌ବଲ ମ୍ୟାଚ୍ ଅବସରରେ 'ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ'କୁ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

ପୂର୍ବରୁ ମଙ୍ଗଳବାର ଅପରାହ୍ଣରେ ଫ୍ରାନ୍ସ ଫୁଟବଲର ପୂର୍ବତନ ମ୍ୟାନେଜର ତଥା ଫିଫାର ଗ୍ଲୋବାଲ ଫୁଟବଲ ଡେଭଲପମେଣ୍ଟ ମୁଖ୍ୟ ଆର୍ସେନ ୱେଙ୍ଗରଙ୍କ ଉପସ୍ଥିତିରେ ଏଆଇଏଫ୍‌ଏଫ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ 'ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ'କୁ ନେଇ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିସହ ଓଡ଼ିଶା ଫୁଟବଲରେ ଏବେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଭବିଷ୍ୟତରେ ଆମ ରାଜ୍ୟରୁ ଏବେ ବିଶ୍ୱସ୍ତରୀୟ ଫୁଟବଲର ସୃଷ୍ଟି ହେବାର ମୂଳଦୁଆ ପଡ଼ିଛି। ଭାରତରେ ଫୁଟବଲର ବିକାଶ ଓ ନୂଆ ଉପଲବ୍ଧି ହାସଲ କରିବାକୁ ସେ ଓ ତାଙ୍କ ଟିମ୍ ପ୍ରୟାସ ଜାରି ରଖିବେ ବୋଲି ଏହି ଅବସରରେ ୱେଙ୍ଗର କହିଛନ୍ତି।

ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର ଭିନୀଲ କ୍ରିଷ୍ଣା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଉପସ୍ଥିତ ଥିଲେ। ଭାରତୀୟ ଫୁଟବଲର ବିକାଶ ପାଇଁ ଯଥାସମ୍ଭବ ସହାୟତା ପ୍ରଦାନ କରିଥିବାରୁ ଚୌବେ ଫିଫା ଅଧ୍ୟକ୍ଷ ଓ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ୱେଙ୍ଗର ଉପସ୍ଥିତ ରହିବା ନିଶ୍ଚିତ ଭାବେ ଏକ ବଡ଼ କଥା। ୱେଙ୍ଗରଙ୍କ ମାର୍ଗ ଦର୍ଶନ, ନେତୃତ୍ୱ, ବୈଷୟିକ ଯୋଜନା ଓ ରଣନୀତି ଫୁଟବଲର ବିକାଶରେ ସହାୟହେବ ଓ ଏ ନେଇ ଭାରତର ସ୍ୱପ୍ନକୁ ସାକାରା କରିବ ବୋଲି ଚୌବେ କହିଛନ୍ତି।

## ବିଶ୍ୱ ମାନଚିତ୍ରରେ ଭାରତକୁ ନୂଆ ପରିଚୟ ଦେବା ଆମର ଲକ୍ଷ୍ୟ: ୱେଙ୍ଗର

ଭାରତରେ ମୁଁ ଓ ମୋ ଦଳ ବେଶ୍ ଖୁସି ଅନୁଭବ କରୁଛୁ ବୋଲି ୱେଙ୍ଗର କହିଛନ୍ତି। ଓଡ଼ିଶାରେ ଥିବା ଫୁଟବଲ ଭିତ୍ତିଭୂମି ଉଚ୍ଚକୋଟୀ। ବିଶ୍ୱର ୨୧୧ଟି ଦେଶରେ ଛୋଟ ପିଲାଙ୍କ ପାଇଁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ନାହିଁ। ଉନ୍ନତ ଦେଶଗୁଡିକରେ କିନ୍ତୁ ଉଚ୍ଚକୋଟୀର ଶିକ୍ଷା ଉପଲବ୍ଧ। ଭାରତରେ ପ୍ରତିଭା ଚିହ୍ନଟ କରିବାକୁ ହେଲେ ପିଲାମାନଙ୍କୁ ଉଚ୍ଚକୋଟୀର ପ୍ରତିଦ୍ୱନ୍ଦ୍ୱୀତା ଓ ଶିକ୍ଷା ଉପଲବ୍ଧ କରାଇବାର ଆବଶ୍ୟକତା ରହିଛି। ଏଥିପାଇଁ କେତେ ସମୟ ଲାଗିବ ତାହା କହିବା କଷ୍ଟକର। କିନ୍ତୁ ବିନା ଶିକ୍ଷାରେ ଆମେ ଯେଉଁଠି ଅଛୁ ସେଠାରେ ହିଁ ରହିଥିବୁ। ବିଶ୍ୱ ମାନଚିତ୍ରରେ ଭାରତକୁ ନୂଆ ପରିଚୟ ଦେବା ହେଉଛି ଆମର ଲକ୍ଷ୍ୟ। ୧୫ ବର୍ଷରେ ନୁହେଁ ୬ ବର୍ଷରେ ହିଁ ଫୁଟବଲ ଖେଳିବା ଆରମ୍ଭ କରିବାର ପ୍ରକୃଷ୍ଟ ସମୟ ବୋଲି ୱେଙ୍ଗର ଏହି ଅବସରରେ କହିଛନ୍ତି।

ସେହିପରି ଓଡ଼ିଶାରେ ୱେଙ୍ଗରଙ୍କ ଉପସ୍ଥିତି ଆମ ପାଇଁ ଗୌରବ ଆଣିଦେଇଛି। ସେ ହେଉଛନ୍ତି ବିଶ୍ୱ ଫୁଟବଲ ପାଇଁ ପ୍ରେରଣାର ଉତ୍ସ। ଏହି ବହୁ ପ୍ରତୀକ୍ଷିତ ଟାଲେଣ୍ଟ ଏକାଡେମୀ ଭୁବନେଶ୍ୱର ପ୍ରତିଷ୍ଠା କରିବାର ନିଷ୍ପତ୍ତି ନେଇଥିବାରୁ ଆମେ ଫିଫା ନିକଟରେ କୃତଜ୍ଞ ବୋଲି ଭିନିଲ କ୍ରିଷ୍ଣା କହିଛନ୍ତି। ଭାରତ ତଥା ରାଜ୍ୟରେ ପ୍ରଥମଥର ପାଇଁ ଏହି ବିଶ୍ୱସ୍ତରୀୟ ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି କ୍ରୀଡ଼ାମନ୍ତ୍ରୀ ତୁଷାର କହିଛନ୍ତି। ଏହା ଦ୍ୱାରା ଫୁଟବଲ ବିକାଶରେ ଓଡ଼ିଶା ଏକ ପେଣ୍ଠସ୍ଥଳୀ ପରିଣତ ହେବ। ଫିଫା ପ୍ରତିଭା ବିକାଶ କାର୍ଯ୍ୟକ୍ରମରେ ୱେଙ୍ଗର ଉଦୀୟମାନ ଫୁଟବଲରଙ୍କୁ ନୀରିକ୍ଷଣ କରିବା ନିଶ୍ଚିତ ଭାବେ ଏକ ବଡ଼ କଥା।

# ଜାତୀୟ ବେଞ୍ଚପ୍ରେସ୍‌ରେ ଭାଗନେବ ଓଡ଼ିଶା



ଭୁବନେଶ୍ୱର, ୨୧।୧୧ (ସମିସ): ବେଙ୍ଗାଲୁରୁଠାରେ ବୁଧବାରଠାରୁ ଉପକନିଷ୍ଠ, କନିଷ୍ଠ, ବରିଷ୍ଠ ଓ ମାଷ୍ଟର୍ସ ବିଭାଗରେ ଜାତୀୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ୨୦ଜଣିଆ ଓଡ଼ିଶା ଦଳ ମଙ୍ଗଳବାର ବେଙ୍ଗାଲୁରୁ ଅଭିମୁଖେ ଗସ୍ତ କରିଛି। ପୁରୁଷ ବିଭାଗରେ ଆଶୁତୋଷ ପଟ୍ଟନାୟକ, ମହେନ୍ଦ୍ର ରାଉତ, ଆୟୁଷ କୁମାର, ପି.ଶ୍ରୀନିବାସ, ଭୂପେନ ନନ୍ଦ ପାଢ଼ୀ, ଅସିତ୍ କୁମାର ସିଠ୍, ପୁଷ୍କର ତ୍ରିପାଠୀ, ଅଭିଶେଷ ମହାନ୍ତି, ସେକ୍ ପରଭେଜ ମୁସାରଫ, ହରେକୃଷ୍ଣ ମହାନ୍ତି, ସନ୍ତୋଷ ଦାସ, ଉମାକାନ୍ତ ବେହେରା, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, ଜୟରାମ ତୁରୁକେ, ଗୋପାଳ ଚନ୍ଦ୍ର ଦାସ, ସୁନ୍ଦର ସାମଲ, ବୈଭବ କୁମାର ତାଣ୍ଡି ଏବଂ ମହିଳା ବିଭାଗରେ ନଗମା ଆରୟା ବେଗମ୍, ଶ୍ରାବଣୀ ଜେନା ଓ ଗୀତାଞ୍ଜଳୀ ନାୟକ ସ୍ଥାନ ପାଇଛନ୍ତି। ରାକେଶ କୁମାର ଶତପଥୀ ପ୍ରଶିକ୍ଷକ ଭାବେ ଦଳ ସହ ଯାତ୍ରା କରିଛନ୍ତି।

ଓଡ଼ିଶା ଦଳକୁ ସମରେନ୍ଦ୍ର ରାଉତରାୟ, ସୁଶ୍ରୀ ଗୌରୀ ମହାନ୍ତି, ମିର୍ ଅଜମତ୍ ଅଲ୍ଲୀ, ପ୍ରଦୀପ କୁମାର ପାତ୍ର, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ବଲାଙ୍ଗିରରେ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ଆରମ୍ଭ

ବଲାଙ୍ଗିର,୨୧।୧୧(ସମିସ): ୩୫ତମ ଜାତୀୟ ଉପକନିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ମଙ୍ଗଳବାର ପୃଥ୍ୱୀରାଜ ହାଇସ୍କୁଲ ଇନେଡାର ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଛି। ଏଥିରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୫୦ରୁ ଉର୍ଦ୍ଧ୍ୱ ବ୍ୟାଡମିଣ୍ଟନ ଖେଳାଳି, କୋଚ୍, ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ବାଳକ ବିଭାଗ ମ୍ୟାଚରେ କେରଳର ଶ୍ରୀଯୋଶ୍ରୀ ଈଶ୍ୱର, ଝାଡ଼ଖଣ୍ଡର ଶ୍ରୀରାମ ରତନ, ପଞ୍ଜାବର ସାତ୍ତ୍ୱିକ ଭାଟିଆ, ହରିଆଣାର ଜତିନ୍ କୁମାର, ବାଳିକା ବିଭାଗରେ ମହାରାଷ୍ଟ୍ରର ସ୍ୱୟାରା ସେଲର, ହରିଆଣାର ଜିବିକା ସହଲଟ୍, ଉତ୍ତର ପ୍ରଦେଶର ଆଗ୍ରିମା ସିଂ, ଗୋଆର ଆର୍ଯ୍ୟା ମୈତ୍ରୀ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ଜାତୀୟ ଚାମ୍ପିଅନ୍‌ସିପ୍ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଆୟୋଜକ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଭିଡିଓ ବାର୍ତ୍ତା ଯୋଗେ ସମସ୍ତ ପ୍ରତିଯୋଗୀ, କୋଚ୍ ଓ ଅଫିସିଆଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀ, ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ମୁରଲୀଧରନ୍, କେରଳ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ରାକେଶ ଶେଖର, ଫିଆନ୍‌ସି ଦଥାନ, ସୁଧୀର ଭାର୍ବେ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ରାଣା ସମସ୍ତଙ୍କୁ ବଲାଙ୍ଗିରକୁ ସ୍ୱାଗତ କରିବା ସହ ଏଠାରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ତଥା ଦେଶର ଗୌରବ ବଢ଼ାଇବେ ବୋଲି କହିଥିଲେ। ଚାମ୍ପିଅନ୍‌ସିପ୍‌ର ସଫଳ ଆୟୋଜନ ପାଇଁ ସେ ଭାରତୀୟ ବ୍ୟାଡମିଣ୍ଟନ ସଂଘ, ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ ସରକାର ଏବଂ ଓଡ଼ିଶା ଖଣି ନିଗମକୁ ଧନ୍ୟବାଦ ଜଣାଇଥିଲେ।



● ପିଏସ୍‌ପିବି ଆନ୍ତଃ ୟୁନିଟ୍ ଚେସ୍

# ବିଦିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି



ଭୁବନେଶ୍ୱର, ୨୧।୧୧(ସମିସ): ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ଆନୁକୂଲ୍ୟରେ ସ୍ଥାନୀୟ ହେଟେଲ ଲେମନ ଟ୍ରି ପ୍ରିମିୟରରେ ଗତ ୧୭ତାରିଖର ଆରମ୍ଭ ହୋଇଥିବା ୨୩ତମ ଆନ୍ତଃ ୟୁନିଟ୍ ଚେସ୍ ମଙ୍ଗଳବାର ଶେଷ ହୋଇଛି। ଓଏନ୍‌ଜିସିର ଗ୍ରାଣ୍ଡ ମାଷ୍ଟର ବିଦିତ ସନ୍ତୋଷ ଗୁଜରାଟୀ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଓଏନ୍‌ଜିସି ଗ୍ରାଣ୍ଡମାଷ୍ଟର ଏସ୍‌ପି ସେଥୁରମଣ ପୁରସ୍କୃତ ହୋଇଛନ୍ତି। ବ୍ୟକ୍ତିଗତ ବର୍ଗରେ ବିଦିତ ଶୀର୍ଷରେ ରହିଥିବା ବେଳେ ଗ୍ରାଣ୍ଡମାଷ୍ଟର ଦୀପ ସେନଗୁପ୍ତା ଦ୍ୱିତୀୟ ଓ ସେଥୁରମନ ତୃତୀୟ ସ୍ଥାନରେ ରହିଥିଲେ। ବୋର୍ଡ ନଂ ୧ରେ ଆର ପ୍ରଜ୍ଞାନନ୍ଦ ୬ଟି ମୁକାବିଲାରୁ ୫.୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଥିଲେ। ବିଜୟ ଏସ୍ ଆଗାସେ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ସି ସାହୁ, ଖୋକନ ଚନ୍ଦ୍ର ନନ୍ଦୀ, ଅଲ ଓଡ଼ିଶା ଚେସ୍ ଆସୋସିଏସନ ସମ୍ପାଦକ ଦେବବ୍ରତ ଭଟ୍ଟ, ଅରୁପ କୁମାର ବଶାକ ଓ ଏମ୍‌ଏଲ୍‌ଏସ୍ ଜୋଶୀ ଏହି ଅବସରରେ ଉପସ୍ଥିତ ଥିଲେ।

**ଦିନିକିଆ, ଟି-୨୦ରେ ଆଇସିସିର ନୂଆ ନିୟମ**

# ବୋଲିଂରେ ବିଳମ୍ବ ହେଲେ ୫ ରନ ପେନାଲ୍ଟି

ଦୁବାଇ, ୨୧।୧୧(ଏଜେନ୍ସି): ପୁରୁଷ ଦିନିକିଆ ଓ ଟି-୨୦ କ୍ରିକେଟକୁ ଦ୍ରୁତ ଓ ଆହୁରି ରୋମାଞ୍ଚକ କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନୂଆ ନିୟମ ଜାରି କରିଛି। ଏହି ନିୟମ ଅନୁସାରେ ଗୋଟିଏ ଓଭର ପରେ ବୋଲର ଯଦି ପରିବର୍ତ୍ତୀ ଓଭରକୁ ବୋଲିଂ କରିବାରେ ୬୦ ସେକେଣ୍ଡ ଅର୍ଥାତ ଗୋଟିଏ ମିନିଟ୍‌ରୁ ଅଧିକ ସମୟ ନିଅନ୍ତି ଓ ପାଳିରେ ତୃତୀୟଥର ଏମିତି କଲେ ଫିଲ୍ଡିଂ କରୁଥିବା ଦଳ ଉପରେ ୫ ରନରେ ପେନାଲ୍ଟି ଲାଗୁ କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମେ ଏହି ନିୟମର ପ୍ରୟୋଗ ହେବ। ମଙ୍ଗଳରେ ଅନୁଷ୍ଠିତ ଆଇସିସି ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୩ ଡିସେମ୍ବରରୁ ୨୦୨୪ ଏପ୍ରିଲ ମଧ୍ୟରେ ଏହି ନିୟମର ପ୍ରୟୋଗ ହେବ ଓ ଏଥିପାଇଁ ଷ୍ଟପ୍ କ୍ଲକ୍‌ର ବ୍ୟବହାର କରାଯିବ। ଓଭର ମଝିରେ ସମୟକୁ ନିୟନ୍ତ୍ରଣ କରିବାକୁ ଏହି ଘଡିର ବ୍ୟବହାର କରାଯିବ।

## ପିଚ୍, ଆଉଟ୍ ଫିଲ୍ଡ ନିୟମରେ ପରିବର୍ତ୍ତନ

ସେହିପରି ଆଇସିସି ପିଚ୍ ଓ ଆଉଟ୍ ଫିଲ୍ଡକୁ ନେଇ ମଧ୍ୟ ନିୟମରେ ପରିବର୍ତ୍ତନ କରିଛି। ନୂଆ ନିୟମ ଅନୁସାରେ ଯଦି ୫ ବର୍ଷ ମଧ୍ୟରେ କୌଣସି ପିଚ୍‌କୁ ୬ ଡିମେରିଟ୍ ପଏଣ୍ଟ ମିଳିଲା ତେବେ ଏହି ଗ୍ରାଉଣ୍ଡ ଉପରେ ପ୍ରତିବନ୍ଧ ଲାଗୁ କରାଯିବ। ଉଲ୍ଲେଖଥାଉ କି, ପୂରୁଣା ନିୟମ ଅନୁସାରେ ଯଦି କୌଣସି ପିଚ୍ ୫ ବର୍ଷ ମଧ୍ୟରେ ୫ ଡିମେରିଟ୍ ପଏଣ୍ଟ ପାଉଥିଲା ସେହି ଗ୍ରାଉଣ୍ଡକୁ ଗୋଟିଏ ବର୍ଷ ପାଇଁ ବାସନ୍ଦ କରାଯାଉଥିଲା। ଅର୍ଥାତ ଏହି ପିଚ୍ ଗୋଟିଏ ବର୍ଷ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନର ଅଧିକାର ହରାଉଥିଲା।

## ଲିଙ୍ଗଗତ ନିୟମରେ ସଂଶୋଧନ

ନୂଆ ନିୟମ ଅନୁସାରେ ଯଦି କୌଣସି ଖେଳାଳି ପୁରୁଷରୁ ମହିଳାରେ ପରିବର୍ତ୍ତନ ହୋଇଥାନ୍ତି ଓ କୌଣସି ପ୍ରକାର ପୁରୁଷ ଯୌବନଜନିତ କାର୍ଯ୍ୟକଳାପ ଦେଇ ଗତି କରିସାରିଥିବେ ତେବେ ତାଙ୍କୁ ମହିଳା ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ନାହିଁ। ତେଣୁ ଡାନିଏଲ ମ୍ୟାକଗହି ଯିଏକି, ପ୍ରଥମ ଟ୍ରାନ୍ସଜେଣ୍ଡର ଭାବେ ମହିଳା କ୍ରିକେଟ ଖେଳିଛନ୍ତି ତାଙ୍କୁ ନୂଆ ନିୟମ ଅନୁସାରେ ଏବେ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ଅଂଶଗ୍ରହଣ କରିବାର ସୁଯେଗା ମିଳିବ ନାହିଁ।

## ବିଶ୍ୱକପ୍‌ରେ ଲାଗୁ ହୋଇଥିଲା ଇନ୍ ମ୍ୟାଚ୍ ପେନାଲ୍ଟି ନିୟମ

ସଦ୍ୟ ସମାପ୍ତ ଦିନିକିଆ ବିଶ୍ୱକପ୍‌ରେ ମନ୍ଥର ବୋଲିଂକୁ କମ୍ କରିବାକୁ ଇନ୍ ମ୍ୟାଚ୍ ପେନାଲ୍ଟି ନିୟମ ଲାଗୁ କରିଥିଲା। ଏହି ନିୟମ ୨୦୨୨ରେ ଲାଗୁ କରାଯାଇଥିଲା। ଏହି ନିୟମ ଅନୁସାରେ ଯଦି ଫିଲ୍ଡିଂ କରୁଥିବା ଦଳ ନିର୍ଦ୍ଧାରିତ ସମୟରେ ଓଭର ଶେଷ ନକରେ ତେବେ ମ୍ୟାଚ୍‌ର ଅନ୍ତିମ ଓଭରରେ ୩୦ ମିଟର ସର୍କିଲ ବାହାରେ ଜଣେ ଖେଳାଳିଙ୍କୁ କମ୍ କରିବାକୁ ହେବ। ଏହି ଖେଳାଳିଙ୍କୁ ସର୍କଲ ଭିତରେ ହିଁ ଫିଲ୍ଡିଂ କରିବାକୁ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର